

ତିନିଦିନିଆ ଭାରତ ଗସ୍ତରେ ଫ୍ରାନ୍ସ ରାଷ୍ଟ୍ରପତି

ପୃଷ୍ଠା ୪



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



**ସହସମ୍ପାଦକ ଆବଶ୍ୟକ**

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776



Vol. 33 | ISSUE 326 ଭାଗ ୩୩ | ସଂଖ୍ୟା ୩୨୬ Wednesday 18 February 2026 | Page 8 Rs. 5.00 ● ଭୁବନେଶ୍ୱର ବୁଧବାର ୧୮ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରାଜ୍ୟପାଳ ଦେଖାଇଲେ ବିକଶିତ ଓଡ଼ିଶା ଗଠନର ରୋଡ ମ୍ୟାପ

# ସାର୍ବଜନୀନ କର୍ତ୍ତବ୍ୟରେ ଆତ୍ମସନ୍ତୋଷର ସ୍ଥାନ ନାହିଁ

୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୩୨ ଲକ୍ଷ ଛୁଇଁବ

ଭିତ୍ତିଭୂମି ଓ ଶିଳ୍ପ ବିକାଶରେ ଓଡ଼ିଶା ଅନ୍ୟ ପାଇଁ ମାର୍ଗଦର୍ଶକ

୪ ଲେନ ହେବ କେନ୍ଦୁଝର ବାଇପାସ, ଭବାନୀପାଟଣା-ଖରିଆର ରାସ୍ତା

ଶିକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାରେ ଆସିଛି ବୈପ୍ଳବିକ ପରିବର୍ତ୍ତନ

୨୦୨୪-୨୫ରେ ରେକର୍ଡ ୧୫୦.୪୮ ମେଟ୍ରିକ ଟନ ଫସଲ ଉତ୍ପାଦନ



**ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ):** ଓଡ଼ିଶା ହେବ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏକାଧିକ ଲୋକାଭିମୁଖୀ ଯୋଜନା ଆରମ୍ଭ କରିଛନ୍ତି। ଆଉ ଏହାର ସଫଳତା ମଧ ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହେଉଛି। ଚାଷୀଙ୍କ ମୁଣ୍ଡପିଛା ଆୟ ବୃଦ୍ଧିଠାରୁ ଆରମ୍ଭ କରି ଶିଳ୍ପର ଅଭିବୃଦ୍ଧି, ସବୁ କ୍ଷେତ୍ରରେ ରଜ୍ୟର ସୂଚକାଙ୍କ ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ସ୍ପଷ୍ଟ ଦୃଷ୍ଟିକୋଣ, ଦୃଢ଼ କାର୍ଯ୍ୟକାରିତା ଓ ଉଲ୍ଲେଖନୀୟ ସଫଳତା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ପ୍ରଶଂସା ଯୋଗ୍ୟ। କିନ୍ତୁ ସାର୍ବଜନୀନ କର୍ତ୍ତବ୍ୟରେ ➺ପୃଷ୍ଠା-୬

## ବିଧାନସଭାରେ ଶୁଭିଲା 'ବନ୍ଦେ ମାତରମ୍'

ଓଡିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭରୁ ଆଜି ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୃହକାର୍ଯ୍ୟ ଆରମ୍ଭ ମାତ୍ରେ ପ୍ରଥମ ବାଜି ଉଠିଥିଲା ବନ୍ଦେ ମାତରମ୍। କେନ୍ଦ୍ରର ନିଷ୍ପତ୍ତି ଅନୁଯାୟୀ ଚିରାଚରିତ ଜନ ଗଣ ମନ ଗାନ ପୂର୍ବରୁ ବନ୍ଦେ ମାତରମର ସମ୍ପୂର୍ଣ୍ଣ ଗାନ କରାଯାଇଥିଲା। ସମସ୍ତ ସଦସ୍ୟମାନଙ୍କ ସହ ଗଣମାଧମ ପ୍ରତିନିଧି ଅନ୍ୟ କର୍ମଚାରୀମାନେ ଗୃହ ମଧରେ ପ୍ରଥମେ ବନ୍ଦେ ମାତରମ୍ ଓ ପରେ ପରେ ଜନ ଗଣ ମନ ଗାନ ପାଇଁ ଛିଡାହୋଇ ରହିଥିଲେ। ବନ୍ଦେ ମାତ ରମ୍ ଗାନ ଦୀର୍ଘ ଥିବାବେଳେ ଜନ ଗଣ ମନ ପୂର୍ବଭଳି ସ୍ୱଳ୍ପ ସମୟରେ ଶେଷ ହୋଇଥିଲା। ପ୍ରଥମଥର ପାଇଁ ରାଜ୍ୟ ବିଧାନସଭାରେ ଏଭଳି ଦେଶ ବନ୍ଦନା ଏଭ ଭିନ୍ନ ପରିବେଶ ସୃଷ୍ଟି କରିଥିବା ଲକ୍ଷ୍ୟ କରାଯାଇଥିଲା।

### ଆଜିଠୁ ଯୁକ୍ତ ଦୁଇ ପରୀକ୍ଷା

# ପ୍ରଶ୍ନପତ୍ରକୁ ଜଗିଛି ସିସିଟିଭି

**ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ପରୀକ୍ଷା କିପରି ତ୍ରୁଟିଶୂନ୍ୟ ହେବ, ସେ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ଥର ପାଇଁ ହବ ଗୁଡ଼ିକରେ ଏଆଇ କ୍ୟାମେରା ଲଗାଯାଇଛି। ସେହିପରି ପ୍ରତି ପରୀକ୍ଷା ସେଣ୍ଟରରେ ସିସିଟିଭି କ୍ୟାମେରାର ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ଲିକ କି କପି କରିବା ସମୟରେ ଧରା ପଡ଼ିଲେ, ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଆସନ୍ତାକାଲି ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହା ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୩ଟି ସିଟିଂରେ ଅନୁଷ୍ଠିତ ହେବ। ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୨୧୧ଟି ପରୀକ୍ଷା ପରିଚାଳନା ହବ୍ ଅଧୀନରେ ଥିବା ୧୯୦୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୫୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। ଚଳିତ ଥର ୪,୦୧,୭୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ଫିଲ ଅପ୍ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ହବ୍ ସମେତ ପରୀକ୍ଷା କେନ୍ଦ୍ରଗୁଡ଼ିକର ନିରାପତ୍ତା ଓ ସୁରକ୍ଷା ନିଶ୍ଚିତ କରିବେ। ସେହିପରି ହବ ➺ପୃଷ୍ଠା-୬



ଦୁଇ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଁଚିବ ପ୍ରଶ୍ନପତ୍ର

୧୩୫୭ ସେଣ୍ଟରରେ ପରୀକ୍ଷା ଦେବେ ୪ଲକ୍ଷରୁ ଅଧିକ

# ଭାରତକୁ ଜ୍ଞାନର ମହାଶକ୍ତି କରିବ ଏଆଇ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, ୧୭।୨:** ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ 'ପୁସିଂ ଦ ଫ୍ରଣ୍ଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦର୍ଶୀ ପଦକ୍ଷେପ, ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି। ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ➺ପୃଷ୍ଠା-୬



### ଖାକି ବର୍ଦ୍ଦିକୁ ଖୁଲେଆମ୍ ଚ୍ୟାଲେଞ୍ଜ



# ବୁଲିଲା ଖଣ୍ଡା ପଡ଼ିଲା ଚୋଟ ପରେ ଚୋଟ

**ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ):** ଭୁଶୁଡ଼ି ପଡିଛି ରାଜଧାନୀର ଆଇନଶୃଙ୍ଖଳା। ପୋଲିସର ପାରିବାପଣିଆ ନେଇ ଉଠିଛି ପ୍ରଶ୍ନ। ଖାକି ବର୍ଦ୍ଦିକୁ ବିଧାନସଭା ସୁରକ୍ଷାରେ ପୋଲିସ ବ୍ୟସ୍ତ ଥିବା ବେଳେ ଗୋଟିଏ ଦିନରେ ଘଟିଛି ଏକାଧିକ ଘଟଣା। କେଉଁଠି ଦୁର୍ବୃତ୍ତଙ୍କ ଆତଙ୍କରାଜ ତ ଆଉ ଯେଉଁଠି ଲୁଟେରାଙ୍କ ହଲ୍ଲାବୋଲ। ପୋଲିସକୁ ଖୋଲା ଦେଇଛନ୍ତି ଅପରାଧୀ। ଅସୁରକ୍ଷିତ ହୋଇଉଠିଛି ରାଜଧାନୀ। କେଉଁଠି ଅପରାଧୀ ହାଣିଲେଣି ତ ଆଉ କେଉଁଠି ଝାମ୍ପି ନେଇଗଲେ ସୁନାଚେନ। ତମାଣ୍ଡୋ ଥାନା ଭଗବାନପୁରରେ ଥିବା ଏକ କ୍ୟାଫେ ସମ୍ମୁଖରେ ଘଟିଥିବା ଘଟଣା ଛାତି ଥରାଇ ଦେଇଛି। ସୋମବାର ରାତି ପ୍ରାୟ ପାଖାପାଖି ୧୨ ଟା ସମୟରେ ୩ଟି ବାଇକରେ ୬ ଜଣ ଆସୁଛନ୍ତି। କିଛି ବୁଝିବା ପୂର୍ବରୁ ଚକଚକ କରୁଥିବା ଖଣ୍ଡା, ଫାର୍ସାରେ ହାଣି ପକାଉଛନ୍ତି। ପୂର୍ବ ଶତ୍ରୁତାର ରାଗ ଦୁଇଟି କାର ଉପରେ ମଧ ସୁଝାଇ ଚାଲିଛନ୍ତି। ଭାଙ୍ଗିରୁଜି କାର ଦୁଇଟିକୁ ଗୁଣ୍ଡ କରିଦେଇଛନ୍ତି। ଖଣ୍ଡା ଚୋଟରେ ରକ୍ତାକ୍ତ କରିଦେବା ପରେ ସେଠାରୁ ଚମ୍ପଟ ମାରୁଛନ୍ତି। ଏ ନେଇ ତମାଣ୍ଡୋ ଥାନାରେ ଏତଲା ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଛାନଭିନ ଚଳାଇଛି। ଆଉ ଏକ ଘଟଣା ଘଟିଛି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାରର। ମର୍ନିଂ ୱାକ୍ କରିବା ବେଳେ ସୁନା ଚେନ ଝାମ୍ପିନେଇଛନ୍ତି ଲୁଟେରା। ସିସିଟିଭିରେ କଏଦ ହୋଇଛି ଲୁଟେରାଙ୍କ କାରନାମା। ନମ୍ବର ପ୍ଲେଟ ନଥିବା ଏକ ଗାଡ଼ିରେ ଆସି ଶୈଳଶ୍ରୀ ବିହାର ଦୁର୍ଗାମଣ୍ଡପ ନିକଟରେ ସୁନା ଚେନ ଝାମ୍ପି ଚମ୍ପଟ ମାରିଛନ୍ତି ଦୁଇ ଜଣ ଲୁଟେରା।

ଏ ଦୁଇ ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ଆଉ ଏକ ➺ପୃଷ୍ଠା-୬

କଳିଙ୍ଗବିହାରରେ ଜୁଏଲାରୀରେ ସ୍ପ୍ରେ ମାରି ଲୁଟିଲେ

ଶୈଳଶ୍ରୀ ବିହାରରୁ ସ୍ପଷ୍ଟ ଦିବାଲୋକରେ ଝାମ୍ପିଲେ



## କାନ ଡେରିଥା

ଶତ୍ରୁ ନଥିଲେ
ଜୀବନର ମୂଲ୍ୟ
କେବେବି ପାଇବେ ନାହିଁ
ଅଜାତ ଶତ୍ରୁ ତିଆରି
ହୋଇଲେ
ଜୀବନ ଯିବ ଆଗେଇ
ଟେନସନ ଦେବେ ସେଇ...
ସଫଳତା ପାଇଁ
ଅଦୃଶ୍ୟ ଲଢେଇ
ସମର୍ଥନ ଦିଅ ଭାଇ।

■ ଦେବାଶିଷ

# ପୁଣି କଟକରେ ବ୍ୟାପିଛି ଜଣ୍ଡିସ



ଦୂଷିତ ପାନୀୟ ଜଳ ପିଇ ଆକ୍ରାନ୍ତ ହେଉଛନ୍ତି ଲୋକେ

ସଫା ହେଉନି ଡ୍ରେନ, ପାଇପରେ ପଶୁଛି ମଇଳା ପାଣି

ଘଟଣାସ୍ଥଳ ବୁଲିଲେ ମେୟର ଓ ୱାଟକୋ ଅଧିକାରୀ

ସଫା ହେଉନି ୟୁଜିଆର, ଇଏସ୍‌ଆର

**କଟକ,୧୭।୨(ସଂଚାର ବ୍ୟୁରୋ):** କଟକ ସହରରେ ପୁଣ ଜଣ୍ଡିସ ଆତଙ୍କ ଦେଖାଦେଇଛି। ସହରର ଶେଖବଜାର ଓ ମାନସିଂ ପାଟଣା ଅଞ୍ଚଳରେ କାମଳ ରୋଗରେ ଆକ୍ରାନ୍ତ ହେଲେଣି ୨୦ରୁ ଅଧିକ। ଏବେ ପାଞ୍ଚ ଜଣ ଜଣ୍ଡିସରେ ଆକ୍ରନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଦୂଷିତ ପାନୀୟ ଜଳରୁ ଜଣ୍ଡିସ୍ ବ୍ୟାପୁଥିବା ଅଭିଯୋଗ କରିଛନ୍ତି ଲୋକେ। ଲୋକଙ୍କ ଅଭିଯୋଗ ପରେ ମଙ୍ଗଳବାର ସେହି ଅଞ୍ଚଳରେ ବୁଲିଛନ୍ତି ସିଏମସି ମେୟର, କମିଶନର, ୱାଟକୋ ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଟିମ୍।

କଟକ ମହାନଗର ନିଗମର ୧୦ ଓ ୧୨ ନମ୍ବର ୱାର୍ଡରେ ଜଣ୍ଡିସ୍ ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଦୂଷିତ ପାନୀୟ ଜଳ ପାଇଁ ଜଣ୍ଡିସ୍ ବ୍ୟାପୁଥିବା ଲୋକେ ଅଭିଯୋଗ କରିବା ପରେ ପ୍ରଶାସନ ପାଣି ନମୁନା ସଂଗ୍ରହ କରି ➺ପୃଷ୍ଠା-୬

# ଓଡ଼ିଶା ଉଦ୍ୟମକୁ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରଶଂସା



**ନୂଆଦିଲ୍ଲୀ, ୧୭।୨:** ଭାରତ ମଣ୍ଡପମଠାରେ ଅନୁଷ୍ଠିତ ଭାରତ ଏଆଇ ସମ୍ମିଳନୀରେ ଓଡ଼ିଶା ପାଭିଲିୟନକୁ ପ୍ରଶଂସା କରିଛନ୍ତି ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଦର୍ଶନ କରାଯାଇଥିବା ଭିନ୍ନ ଭିନ୍ନ ଏଆଇ ସମାଧାନ ଉପାୟ ସାଧାରଣ ଜନତାଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି ସେ କହିଛନ୍ତି। ଓଡ଼ିଶା ଆଇଟି ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ହବ୍ ହେବାକୁ ଯାଉଛି ବୋଲି ସେ ଏହି ଅବସରରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଏଆଇ ଇମ୍ପାକ୍ଟ ସମିଟ୍‌ରେ ଓଡ଼ିଶାର ବହୁତ ଭଲ ଉପସ୍ଥିତି ରହିଛି। ଏଠି ଯାହା ସମାଧାନ ରାଜ୍ୟ ପକ୍ଷରୁ ଆଣାଯାଇଛି, ତାହା ସାଧାରଣ ଜନତାଙ୍କ ଜୀବନରେ ଏକ ସକାରାତ୍ମକ ରୂପାନ୍ତରଣ ଆଣିବ। ଏହାସହିତ ଓଡ଼ିଶା ଆଇଟି, ସେମିକଣ୍ଡକ୍ଟର ଆଉ ଇଲେକ୍ଟ୍ରୋନିକ୍ସରେ ଏକ ବୃହତ ହବ୍ ଭାବେ ଉଦୀୟମାନ ➺ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ଦୋଷ ଠେଲା ଠେଲି



ବିଜେଡିକୁ ଦୋଷ ଦେଲେ ଜୟ ନାରାୟଣ

ବିଲ୍ ପ୍ରତ୍ୟାହାର ନେଇ ପ୍ରଶ୍ନକଲେ କାଡାମ

ତ୍ରିଶଙ୍କୁ ସ୍ଥିତିରେ ସରକାର

**ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ):** ବିଧାୟକମାନଙ୍କ ଦରମା ବୃଦ୍ଧିକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ସହିତ ଦୋଷ ଠେଲାଠେଲି ଆରମ୍ଭ ହୋଇଯାଇଛି।ବିଲ୍ ପାରିତ ହୋଇଥିଲେ ମଧ ଦରମା ବଢୁନଥିବାକୁ ନେଇ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ବିଜେଡିକୁ ଦୋଷ ଦେଇଥିବାବେଳେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ପାରିତ ବିଲ୍ କାହିଁକି ପ୍ରତ୍ୟାହାର ହେବ ବୋଲି ପ୍ରଶ୍ନ କରିଛନ୍ତି।ଏଭଳି ଦୋଷ ଠେଲା ଠେଲି ଭିତରେ ଦରମା ବିଲ୍‌କୁ ନେଇ ସରକାରଙ୍କ ଚିନ୍ତା ବଢିବାରେ ଲାଗିଛି।

ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଓ ବିଧାୟକମାନଙ୍କ ଦରମା ଏବଂ ଭତ୍ତା ଏବଂ ପୂର୍ବତନ ସଦସ୍ୟମାନଙ୍କ ପେନ୍‌ସନ ତିନି ଗୁଣା ବଢିବା ପାଇଁ ଆସିଥିବା ବିଲ୍‌ଟି ବହୁ ମତରେ ଗତ ବିଧାନସଭା ଅଧିବେଶନରେ ଗୃହରେ ପାରିତ ହେବାପରେ ଦରମା ଓ ପେନ୍‌ସନ୍ ବୃଦ୍ଧି ପାଇବ ବୋଲି ସଦସ୍ୟ ଓ ପୂର୍ବତନ ସଦସ୍ୟମାନେ ଆଶା ବାନ୍ଧି ବସିଥିଲେ। ହେଲେ ଦରମା ଓ ଭତ୍ତା ବୃଦ୍ଧିର ପରିମାଣ ଗଣମାଧମରେ ପ୍ରକାଶ ପାଇବାପରେ ଏହାକୁ ନେଇ ସାରା ରାଜ୍ୟରେ ବିରୋଧଭାବ ପ୍ରକାଶ ପାଇଥିଲା। ସରକାରଙ୍କୁ ଏଭଳି ନିଷ୍ପତ୍ତିକୁ କଡା ଭାଷାରେ ସମାଲୋଚନା କରିବାକୁ ଲୋକେ ପଛାଇ ନଥିଲେ।

ପ୍ରଥମେ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବର୍ଦ୍ଧିତ ଦରମା ନେବେନାହିଁ ବୋଲି ଘୋଷଣା କରିଥିଲେ। ଏହାପରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ମଧ ବଢ଼ା ଦରମା ନେବାକୁ ମନାକରି ଦେଇଥିଲେ। ସ୍ଥିତିର ଗମ୍ଭୀରତାକୁ ଦେଖି ଶାସକଦଳର ବିଧାୟକମାନେ ଦରମା ବୃଦ୍ଧି ଉପରେ ବିଚାର କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ।ମୁଖ୍ୟମନ୍ତ୍ରୀ ମଧ ଏହାର ବିଚାର କରିବେ ବୋଲି କହିଥିଲେ।

ଏହା ପରଠାରୁ ବିଧାନସଭାରେ ସର୍ବସମ୍ମତକ୍ରମେ ପାରିତ ହୋଇଥିବା ଦରମା ବୃଦ୍ଧି ବିଲ୍‌ର ➺ପୃଷ୍ଠା-୬

SANCHAR ସଂଚାର

# ଚୋରା ମଦ ସମେତ ବାଇକ ଜବତ, ୪ଗିରଫ



**କେନ୍ଦ୍ରାପଡ଼ା, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ରାଜନଗର ଓ ପଟ୍ଟାମୁଣ୍ଡାଇ ଗ୍ରାମାଳ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମାଳପୁର ଗ୍ରାମର ପ୍ରଶାନ୍ତ ମଲିକ(୪୨)ଙ୍କ ଠାରୁ ୨୪ ଲିଟର ଚୋରା ଦେଶୀ ମଦ, ଉପପୁର ଗ୍ରାମର କହ୍ନେଇ ସେଠୀ(୫୨)ଙ୍କ ଠାରୁ ୩୫ ଲିଟର ଚୋରା ବିଦେଶୀ ମଦ, ଜଗସିପାଲ ଗ୍ରାମର ବେଣୁଧର ଖିଲର(୩୧)ଙ୍କ ଠାରୁ ୨୧ ଲିଟର ଚୋରା ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ, କଳାଗଡ଼ ଗ୍ରାମର ଭଜନାନନ୍ଦ ପାତ୍ର(୩୪)ଙ୍କ ଠାରୁ ୫୫ ଲିଟର ଚୋରା ଦେଶୀ ରକ୍ଷୀ ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୩୫ ଲିଟର ଦେଶୀ, ବିଦେଶୀ ଓ ଚୋରା ରକ୍ଷୀ ମଦ ସମେତ ୨ଟି ମୋଟର ସାଇକେଲ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ପୋଲକୁ ପିଟିଲା ଯାତ୍ରୀବାହୀ ଡଙ୍ଗା

## ଅଳ୍ପକେ ବର୍ତ୍ତିଲେ ୩୦ ରୁ ୪୦ ଯାତ୍ରୀ, ଚାଳକ ମଦ ନିଶାରେ ଥିବା ଅଭିଯୋଗ



**ମହାକାଳପଡ଼ା, ୧୭।୨ (ସଂଚାର ବ୍ୟୁରୋ):** ମଦ ନିଶାରେ ଡଙ୍ଗା ଚାଳକ ଯାତ୍ରୀ ବୋଝେଇ ଡଙ୍ଗାକୁ ଗଭୀର ନଦୀ ମଝିରେ ନିର୍ମାଣାଧୀନ ଏକ ସେତୁର ପିଲରକୁ ଧକ୍କା ଦେଇଛି। ଘଟଣା ପରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ ହେଲେ କାହାରି କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ଡଙ୍ଗା ଚାଳକଙ୍କ ବେପରୁଆ ମନୋଭାବ ଯୋଗୁଁ ଯାତ୍ରୀମାନେ ଏମିତି ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନସ୍ଥ ଗେରେଗାଁ ପଞ୍ଚାୟତର ଗେରେଗାଁ -ମହାକାଳପଡା ନଦୀ ଘାଟରେ ଗୁରୁତର ଅବହେଳାର ଚିତ୍ର ଦେଖିବାକୁ ମିଳିଛି। ଏକ ଯାତ୍ରୀବାହୀ ଡଙ୍ଗା ମଝି ନଦୀରେ ଥିବା ପୋଲ ନିର୍ମାଣ ହେଉଥିବା ପିଲରକୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡଙ୍ଗାରେ ପ୍ରାୟ ୩୦ରୁ ୪୦ ଜଣ ଯାତ୍ରୀ ସହିତ ସାଇକେଲ ଓ ମୋଟରସାଇକେଲ୍ ଥିଲା। ଏନେଇ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଡଙ୍ଗା ଚାଳକ ମଦ ନିଶାରେ ଡଙ୍ଗା ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଛି। ମଝି ନଦୀରେ ଥିବା ପିଲରକୁ ଧକ୍କା ଲାଗିବାରୁ କିଛି ସମୟ ପର୍ଯ୍ୟନ୍ତ ଡଙ୍ଗା ଅସନ୍ତୁଳିତ ହୋଇପଡ଼ିଥିଲା ଓ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଡଙ୍ଗାକୁ ନଦୀ କୂଳକୁ ଆଣାଯାଇଥିଲା। ଘଟଣା ପରେ ଅଞ୍ଚଳବାସୀମାନେ ପ୍ରଶାସନର ଅବହେଳାକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି। ଆବଶ୍ୟକ ଅନୁଯାୟୀ ଅତିରିକ୍ତ ଯାତ୍ରୀ ଓ ଯାନବାହନ ପରିବହନ, ବିନା ଲାଇଫ ଜ୍ୟାକେଟେ ରେ ଡଙ୍ଗା ଚଳାଚଳ ହେଉଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳିଛି। ଡଙ୍ଗା ଚାଳକର ଲାଇସେନ୍ସ ନଥିବା ବେଳେ ଡଙ୍ଗାର ମଧ ଲାଇସେନ୍ସ କି ଫିଟନେସ୍ ନଥିବା ପୂର୍ବରୁ ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀ ଅଭିଯୋଗ ଆଣିଥିଲେ। କେବଳ ସେତିକି ନୁହେଁ ମହାକାଳପଡ଼ା ବ୍ଲକ୍ ରେ ମଧ ଏହି ଘାଟ ରେଜିଷ୍ଟ୍ରେସନ ହୋଇ ନଥିବା ସୁବ୍ରତ ପ୍ରଶ୍ନ ଉଠାଇଥିଲେ। ହେଲେ ଏନେଇ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ନଦୀ ଘାଟରେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ କଡ଼ା ନିୟମ ଲାଗୁ କରାଯାଉ ନାହିଁ କାହିଁକି? ବାରମ୍ବାର ଡଙ୍ଗା ଚାଳକ ମଦ୍ୟପାନ କରି ଡଙ୍ଗା ଚଳାଉଥିବା ଅଭିଯୋଗ ହୋଇ ଆସୁଥିଲେ ମଧ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାର କାରଣ କଣ? ବିନା ଲାଇଫ ଜ୍ୟାକେଟରେ ଅତିରିକ୍ତ ବୋଝ ପରିବହନ କରିବା ଯାତ୍ରୀମାନଙ୍କ ଜୀବନକୁ ବିପଦରେ ପକାଉଥିବା ଭଳି ସମ୍ଭାବନାକୁ ଟାଣି ଆଣୁଥିବା ବେଳେ ପ୍ରଶାସନର ଢିଲା ମନୋଭାବକୁ ପଦାରେ ପକାଇଛି। ଏଠି ପ୍ରଶ୍ନ ଯଦି ଆଜିର ଦୁର୍ଘଟଣାରେ ଯାତ୍ରୀମାନଙ୍କ ଧନଜୀବନ ବିପଦରେ ପଡ଼ିଥାନ୍ତା ତେବେ ଏହାର ଶ୍ରେୟ ମୁଣ୍ଡେଇ ଥାଆନ୍ତା କିଏ? ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ନା ପଞ୍ଚାୟତ କର୍ତ୍ତୃପକ୍ଷ। ବାରମ୍ବାର ଏହି ଘାଟର ଅବ୍ୟବସ୍ଥା ଓ ଚାଳକଙ୍କ ବେପରୁଆ ଘାଟ ଚାଳନା ସମ୍ପର୍କରେ ଖବର ପ୍ରକାଶ ପରେ ମଧ ପ୍ରଶାସନର ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ତୁରନ୍ତ ଏହି ନଦୀ ଘାଟ ଡଙ୍ଗା, ଡଙ୍ଗା ଚାଳକଙ୍କ ବିରୋଧରେ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି।

# ଓକିଲ ସଂଘ କନଫରେନ୍ସ ହଲ ପାଇଁ ସାଂସଦ ଦେଲେ ୬୪ଲକ୍ଷ ଟଙ୍କା

**କେନ୍ଦ୍ରାପଡା, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାଂସଦ ତଥା ବଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ଜୟ ପଣ୍ଡା କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ କନଫରେନ୍ସ ହଲ ପାଇଁ ନିଜସ୍ୱ ପାଣ୍ଠିରୁ ୬୪ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାପଡ଼ିଛି। ସାଂସଦ ଶ୍ରୀ ପଣ୍ଡା ଓକିଲ ମାନଙ୍କର ଅନୁରୋଧ କ୍ରମେ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଓକିଲ ସଂଘ ତରଫରୁ ସାଂସଦ ଶ୍ରୀ ପଣ୍ଡାଙ୍କୁ କନଫରେନ୍ସ ହଲ ନିର୍ମାଣ ସହାୟତା ପାଇଁ ଅନୁରୋଧ କରାଯାଥିଲା। ସାଂସଦ ଏହି ଅର୍ଥରାଶି ପ୍ରଦାନ କରିଥିବାରୁ ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତ, ସଂପାଦକ ନୃସିଂହ ଚରଣ ରାଉତ, ଉପ ସଭାପତି ହାଡିବନ୍ଧୁ ସିଂହ, ସହ ସଂପାଦକ ବିନୋଦ କୁମାର ବେହେରାଙ୍କ ସମେତ ମମତାମୟୀ ସାମଲ, ରେଣୁବାଳା ସାମଲ, ନେହେରୁ ସାହୁ, ସମର କେଶରୀ ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ସଞ୍ଜୟ ପତ୍ରୀ, ରମେଶ ଲେଙ୍କା, ଧ୍ରୁବଚରଣ ଜେନା, ଶାନ୍ତି ସ୍ୱରୂପ ଭୂୟାଁ, ଗଗନ ଜେନା, ମୋହନ ଚରଣ ସାହୁ ପ୍ରମୁଖ ମାନ୍ୟବର ସାଂସଦଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜବର ଦଖଲ ସଂପୂର୍ଣ୍ଣ ଉଚ୍ଛେଦ ପାଇଁ ସାମ୍ବାଦିକ ସମ୍ମିଳନୀ




**କେନ୍ଦ୍ରାପଡା, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ ଅନ୍ତର୍ଗତ ଓଳାଭର ବଜାର ଜବର ଦଖଲ ସଂପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ମୁଖ୍ୟ ଅଭିଯୋଗକାରୀ ନଳିନୀକାନ୍ତ ପୃଷ୍ଟି ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ଶ୍ରୀ ପୃଷ୍ଟି ଅମିନ ମାପ କରିଥିବା ଅନୁସାରେ ସଂମ୍ପୂର୍ଣ୍ଣ ଉଚ୍ଛେଦ ନକରି ଲୋକ ଦେଖାଣିଆ ଭାବେ ସାମାନ୍ୟ ଉଚ୍ଛେଦ କରିଥିବାରୁ ବସ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି, ସ୍କୁଲ ଗାଡି ପ୍ରଭୃତି ଯାତାୟତରେ ସଂପୂର୍ଣ୍ଣ ଅସୁବିଧା ହେଉଛି। ତେଣୁ ତହସିଲ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ ନକରି ମାପ ହୋଇଥିବା ସଂପୂର୍ଣ୍ଣ ଜବର ଦଖଲକୁ ଉଚ୍ଛେଦ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ନଚେତ୍ ପୁନର୍ବାର ସେ ଉଚ୍ଚ ନ୍ୟାୟାଳୟ ର ଆଶ୍ରୟ ନେବେ ବୋଲି କହିଛନ୍ତି।

# ସୂର୍ଯ୍ୟ ନର୍ସିଂହୋମର ଅଲଟ୍ରାସାଉଣ୍ଡ କେନ୍ଦ୍ର ସିଲ



**କେନ୍ଦ୍ରାପଡ଼ା, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଲଟ୍ରା ସାଉଣ୍ଡ କ୍ଲିନିକ ଉପରେ ଆଜି ଜିଲ୍ଲା ପ୍ରଶାସନ, ମେଡିକାଲ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମିଳିତ ଟିମ ପକ୍ଷରୁ ଚଢାଉ କରାଯାଇଛି। ସେହିସବୁ ଅଲଟ୍ରାସାଉଣ୍ଡ କ୍ଲିନିକର କାଗଜପତ୍ର ଯା କରାଯିବା ସହ ବିଭିନ୍ନ ଅନିୟମିତତାର ମଧ ଯା କରାଯାଇଥିଲା। ଏହି ଚଢାଉ ପରେ ଖଡିଅଙ୍ଗସ୍ଥିତ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛରେ ଥିବା ସୂର୍ଯ୍ୟ ନର୍ସିଂହୋମର ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସିଲ କରିଦିଆଯାଇଛି। ସେଠାରେ ଟିମ ପକ୍ଷରୁ ଦୀର୍ଘ ୫ଘା ଧରି ସମସ୍ତ କାଗଜପତ୍ର ଯା କରାଯିବା ପରେ ପି.ସି. ଆଣ୍ଡ ପି.ଏନ.ଡି.ଟି. ଆକ୍ଟର ଉଲ୍ଲଙ୍ଘନ କରାଯାଇଥିବାରୁ ମେଡିକାଲ ଟିମ ପକ୍ଷରୁ ସୂର୍ଯ୍ୟ ନର୍ସିଂହୋମର ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସିଲ କରି ଦିଆଯାଇଥିବା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କହିଛନ୍ତି। ଏହି ଟିମରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଅଭିଜିତ କୁଅଁର ଓ କନସଲଟା ମନୋରଞ୍ଜନଙ୍କ ସମେତ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ପଟ୍ଟାମୁଣ୍ଡାଇ, ୧୭।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅର୍ନ୍ତଗତ ୧୮ ନଂ ୱାର୍ଡ ତାତନା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପାଳିତ ହୋଇଯାଇଛିଓ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ମଲ୍ଲିକ ଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ମୁଖ୍ୟଅତିଥି ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁନିତି ଦାଶ ମୁଖ୍ୟବକ୍ତା, ପୂର୍ବତନ ପୌର ଉପାଧକ୍ଷ ମାନସ ରଞ୍ଜନ ମହାନ୍ତି, ସି ଆର ସି ସି ସଂଘମିତ୍ରା ନାୟକ, ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଳା ସାମଲ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରିୟରଞ୍ଜନ ମଲ୍ଲିକ, ପରିଚାଳନା କମିଟି ସଭ୍ୟ କେଶବ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନକରି ଭଲ ମଣିଷ ଭାବରେ ଗଢି ତୋଳିବାକୁ ପରାମର୍ଶ ଦେବା ସହିତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ଆରତୀ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।ଏଇ ଅବସରରେ କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପାକ୍ସରେ ତାଲା ପକାଇଲେ ଦୁର୍ବୃତ୍ତ, ଧାନ ମଣ୍ଡି କାର୍ଯ୍ୟ ବାଧାପ୍ରାପ୍ତ

**କେନ୍ଦ୍ରାପଡ଼ା, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) କାର୍ଯ୍ୟାଳୟରେ କେତେକ ଗୁଣ୍ଡାଶ୍ରେଣୀୟ ଯୁବକ ପଶି କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଏ ନେଇ ସମିତି ସମ୍ପାଦକ ପ୍ରେମାଞ୍ଜନ ସାହୁ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସତ୍ୟଜିତ ଜେନା, ସରୋଜ ରଞ୍ଜନ ଜେନା, ପ୍ରଦୀପ୍ତ କୁମାର ରାଉତ ଓ ଲାଲୁ ପ୍ରସାଦ ଜେନା ପ୍ରମୁଖ ପ୍ୟାକ୍ସ କାର୍ଯ୍ୟାଳୟରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ୟାକ୍ସ କର୍ମଚାରୀମାନେ ଏହାର କାରଣ ଜାଣିବା ପାଇଁ ତାଙ୍କୁ ପଚାରିବାରୁ ସେମାନେ କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇ କର୍ମଚାରୀମାନଙ୍କୁ ମାରିବା ପାଇଁ ଧମକ ଦେଇଥିଲେ। ଏହାଦ୍ୱାରା ଧାନ ମଣ୍ଡି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପାଦକ ଶ୍ରୀ ସାହୁ ନିବେଦନ କରିଛନ୍ତି। ଏହି ଅଭିଯୋଗର ନକଲ ସେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବେଷାମରିକ ଯୋଗାଣ ଅଧିକାରୀଙ୍କ ନିକଟକୁ ମଧ ପଠାଇଛନ୍ତି। ଏହି ଆକ୍ରମଣର ସମସ୍ତ ଘଟଣା ସିସିଟିଭିରେ ରେକର୍ଡ ହୋଇଛି। ତେଣୁ ସି.ସି. ଟିଭିର ଯା କରାଗଲେ ସମସ୍ତ ସତ୍ୟ ଜଣାପଡ଼ିବ ବୋଲି ସମ୍ପାଦକ ଶ୍ରୀ ସାହୁ କହିଛନ୍ତି।

# କିମ୍ସ ଦ୍ୱାରା ଆୟୋଜିତ ମେଗା ହେଲଥ କ୍ୟାମ୍ପ ପ୍ରସ୍ତୁତି ଓ ତାଲିମ ଶିବିର



**ରାଜକନିକା, ୧୭।୨ (ସଂଚାର ବ୍ୟୁରୋ):** କିସ କିମ୍ସ ଓ କିଟ ର ପ୍ରତିଷ୍ଠାତା ପ୍ରଫେସର ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଗ୍ରାମାଞ୍ଚଳର ଅପହଞ୍ଚ ରୋଗୀଙ୍କ ନିକଟରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଚିକିତ୍ସାର ସୁବିଧା ପହଞ୍ଚାଇବା ଲକ୍ଷ୍ୟରେ ରିଚିଙ୍ଗ ଦି ଅନରିଚଡ଼ ସ୍ଲୋଗାନ ନେଇ ରାଜକନିକାର କାଳିକାପୁର ଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ ହେବାକୁ ଯାଉଛି।

ଆସନ୍ତା ରବିବାର ପୂର୍ବାହ୍ନ ୮ ଘଟିକାରୁ ସନ୍ଧ୍ୟା ୫ ଟା ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ୨୫ରୁ ଅଧିକ ବିଭାଗର ରୋଗ ଓ ରୋଗୀମାନଙ୍କର ଚିକିତ୍ସା କରାଯିବ। ଆଜି ଅପରାହ୍ନରେ କିମ୍ସ ଉପଦେଷ୍ଟା ତଥା ଶିବିରର ମୁଖ୍ୟ ସଂଯୋଜକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଶିବିରରେ ୨୫ ରୁ ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଜନିତ ବିଭାଗର ରୋଗୀ ସେବା, ପରୀକ୍ଷଣ, ନିଦାନସହ ଔଷଧ ବିତରଣ କରାଯିବ ବୋଲି ଆୟୋଜକ କହିଛନ୍ତି।

ଏହି ଶିବିରର ସଫଳତା ଓ ପ୍ରଚାର ପ୍ରସାର ସହ ଗାଁ ଗହଳିରୁ ଅଧିକ ରୋଗୀ ଏହି ଶିବିର ସ୍ୱାସ୍ଥ୍ୟସେବା ପାଇବାକୁ ନିବେଦନ କରାଯାଇଛି।

ପାଇଁ ଆଜି ଅପରାହ୍ନ ରେ ରାଜକନିକା ବ୍ଲକ ସଭାଗୃହରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ତାଲିମ ଶିବିରରେ କିମ୍ସ ର ମେଗା ସ୍ୱାସ୍ଥ୍ୟ ଶିବିରେ ସଂଯୋଜକ ଡ଼ଃ ହରିଶ ଚୌଧୁରୀ କିଭଳି ଭାବରେ ସମୁଦାୟ ସ୍ୱାସ୍ଥ୍ୟ ସେବା ସାଧାରଣ ଲୋକଙ୍କ ପାଖରେ ପହଂଚିବ ତାହାର ନମୁନା ପ୍ରଦାନ କରିଥିଲେ। କିମ୍ସ ଉପଦେଷ୍ଟା ସନ୍ତୋଷ କୁମାର ସାହୁ କିଭଳି ଭାବରେ ଅପହଞ୍ଚ ରୋଗୀ ମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଆହୁତ ସ୍ୱାସ୍ଥ୍ୟ ଶିବିର ର ଗୁଣାତ୍ମକ ମାନ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।

# ଅର୍ତ୍ତାମୂଳ ବାଲି ଘାଟରୁ ଅବାଧରେ ହେଉଛି ବାଲି ଚାଲାଣ

## ଖରାପ ହେଉଛି ରାସ୍ତା ; ଅଞ୍ଚଳବାସୀ ହିନସ୍ଥା ଶିକାର

**ଡେରାବିଶ, ୧୭।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅନ୍ତର୍ଗତ ଲୁଣାନଦୀର ଅର୍ତ୍ତାମୂଳ ବାଲି ଘାଟରୁ ଅବାଧରେ ହେଉଥିବା ବାଲି ଚାଲାଣ ଯୋଗୁଁ ଏବେ ସ୍ଥାନୀୟ ଅଞ୍ଚଳ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ସ୍ଥାନୀୟ ଲୋକେ ପ୍ରଦୂଷଣର ଶିକାର ହେଉଥିବା ନେଇ ଅଭିଯୋଗ ହେଉଛି। ଏହାର ପ୍ରତିକାର କରାନଗଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଜବାଜ ହେଇଥିବା ଜଣାଯାଇଛି। ସୂଚନା ମୁତାବକ, ଲୁଣାନଦୀର ସଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ବାଲିଘାଟରୁ ଦୈନିକ ଶହ ଶହ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଛି। ଏହି ଗାଡ଼ିଗୁଡ଼ିକ କ୍ଷମତାଠାରୁ ଅଧିକ ପରିମାଣରେ ବାଲି ବୋଝେଇ କରି ବାଲିଘାଟରୁ ବାହାରି ଅର୍ତ୍ତାମୂଳଠାରୁ ଲୁଣାନଦୀ ବନ୍ଧରେ ଦାନପୁର ଯାଏ ଓ ଦାନପୁରଠାରୁ ଦାନପୁର- ଚାନ୍ଦୋଳ ପୂର୍ତ୍ତ ବିଭାଗ ରାସ୍ତା ଦେଇ କଟକ-ଚାନ୍ଦବାଲି ରାଜରାସ୍ତାକୁ ବାହାରିଥା'ନ୍ତି ଓ ଅନ୍ୟପଟରେ ଗାଡ଼ିଗୁଡ଼ିକ ଅର୍ତ୍ତାମୂଳ ବାଲିଘାଟରୁ ବାହାରି କେନ୍ଦ୍ରାପଡ଼ା କେନାଲର ଶାଖା ୧୨ନ କେନାଲ ବନ୍ଧ ଦେଇ କଟକ-ଚାନ୍ଦବାଲି ରାସ୍ତାକୁ ବହାରିଥା'ନ୍ତି। ସେହିପରି ଘାଟରୁ ବାହାରି ବାନପୁର ଲକ୍ ବାଟ ଦେଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧ ରାସ୍ତାରେ କେନ୍ଦ୍ରାପଡ଼ା ଓ ଘାଟରୁ ଲୁଣାନଦୀ ବନ୍ଧରେ ଅସୁରେଶ୍ୱର ଆଡ଼କୁ ଚାଲି ବୋଝେଇ ଗାଡ଼ି ଚଳାଚଳ କରୁଛି। ଅପରାହ୍ନ ୫ଟାରୁ ଭୋର ୭ଟା ଯାଏ ଉପରୋକ୍ତ ରାସ୍ତାକୁ ବାଲି ନେବା ଆଣିବା କରୁଥିବା ଭାରୀଯାନ ସତେ ଯେପରି କବ୍‌ଜା କରିନେଇଥା'ନ୍ତି। ଫଳରେ ସକାଳେ ଓ ସନ୍ଧ୍ୟାବେଳେ ଏହି ରାସ୍ତା ଉପରେ ନିର୍ଭର କରି ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ପ୍ରମାଦ ଗଣିଥା'ନ୍ତି। ଏଥିସହିତ ଏହି ରାସ୍ତାରେ ଅନ୍ୟ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଚଳପ୍ରଚଳ କରିବା କଷ୍ଟକର ହୋଇପଡ଼ିଛି।



# ଦମନ ମହାନ୍ତିଙ୍କୁ 'ଗାଁ ପୁଅ' ସମ୍ମାନ



**ମହାକାଳପଡ଼ା, ୧୭।୨ (ସଂଚାର ବ୍ୟୁରୋ):** ସେବାକୁ ବ୍ରତ ଭାବରେ ଗ୍ରହଣ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କୁ 'ଗାଁ ପୁଅ ସମ୍ମାନ' ରେ ସମ୍ମାନିତ କରାଯାଇଛି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସାମାଜିକ ସଂସ୍କାର କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ଚାଲିଛି। ସୁଦୂର କୋରାପୁଟ ହେଉ ଅବା ରାଜଧାନୀ ଭୁବନେଶ୍ୱର ଏହି ଅନୁଷ୍ଠାନ ତାହାର ସେବା କାର୍ଯ୍ୟ ଜାରି ରଖିଛି। ଅନୁଷ୍ଠାନର ସଭାପତି ଦମନ ମହାନ୍ତି ନିରନ୍ତର ଭାବେ ସେବା ସଙ୍କଳ୍ପ ମନୋଭାବରେ ବ୍ରତୀ ହୋଇ ମହାନ କାର୍ଯ୍ୟ ଜାରି ରଖିଛନ୍ତି। ପବିତ୍ର ଜାଗର ମହୋତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ଙ୍କୁ 'ଗାଁ ପୁଅ ' ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଯଦୁପୁର ନିକଟସ୍ଥ ଗୋପୀନାଥପୁର ଶାସନ ର ଗୋଷ୍ଟେଶ୍ୱର ପୀଠ ରେ ଜାଗର ମହୋତ୍ସବ ମହା ଆଡମ୍ବର ରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଦୀର୍ଘ ପାଞ୍ଚ ବର୍ଷ ହେଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ ଯୋଗାଇ ଆସୁଛି।

# ହାଇସ୍କୁଲରେ ଶିଶୁ ସୁରକ୍ଷା ସଚେତନତା

**ପଟ୍ଟାମୁଣ୍ଡାଇ, ୧୭।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସେଣ୍ଟ ଜ୍ୟାଭିଆର ହାଇସ୍କୁଲରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ବିଜୟ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ସଭାନେତ୍ରୀ ରୋଷନା ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ମୌଳିକ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ସଚେତନତା ସୃଷ୍ଟି କରିଥିଲେ । ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁ ମାନଙ୍କ ମୌଳିକ ଅଧିକାର ଓ ସୁରକ୍ଷା ସମ୍ପର୍କିତ ଆଇନଗତ ବ୍ୟବସ୍ଥା, ଶିଶୁମାନଙ୍କ ଉତ୍ତମ ଶିକ୍ଷା ବୌଦ୍ଧିକ ବିକାଶ ଓ ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୧୭।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି ପଟ୍ଟାମୁଣ୍ଡାଇ ତାଲୁକ୍ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ସିନିୟର୍ ସିଭିଲ ଜଜ ଅପୂର୍ବା ଚୌଧୁରୀ, ସିଭିଲ ବିଚାରପତି ଜେ.ଏମ ଏଫ ସି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ବିଚାରପତି ଜେ ଏମ ଏଫ ସି ଡ଼ି. ବାଲକ୍ରିଷ୍ଣନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ବରିଷ୍ଠ ଓକିଲ ହୃଦାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ପୋସ୍କୋ ଆକ୍ଟ ବିଷୟରେ ସ ବିଶେଷ ଆଲୋକପାତ କରି ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟରେ ଇଣ୍ଟରନାଲ କମ୍ପେନ୍ କମିଟି ମଧ୍ୟ ଗଠିତ ହୋଇସାରିଥିବାରୁ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବି. ଇ.ଓ. ଅଫିସ, ଡ଼ି ଇ ଓ ଅଫିସ ତହସିଲ ଅଫିସ ବ୍ଲକ ଅଫିସ, ବ୍ୟାଙ୍କ ସବୁଠାରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳା ମାନଙ୍କୁ ସୁରକ୍ଷା ଦେବା ଉପରେ ଆଲୋକପାତ କରିବା ସହିତ ଇନ୍ତରନାଲ କଂପ୍ଲେନ କମିଟି ଗଠନ ବାଧ୍ୟତା ମୂଳକ ହୋଇଥିବାରୁ ଯେଉଁ ସଂସ୍ଥା କମିଟି ଗଠନ ନ କରିବେ ପ୍ରଥମେ ୫୦ ହଜାର ପରେ ୧ ଲକ୍ଷ ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ ବୋଲି ସୂଚନା ଦେଇଥିଲେ ।

### ଶ୍ରୀରାମପୁର ରାମଚଣ୍ଡି ହାଇସ୍କୁଲ ବାର୍ଷିକ ଉତ୍ସବ

# ଶିକ୍ଷା ସହ ସଂସ୍କାର ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରେ



**ପଟ୍ଟାମୁଣ୍ଡାଇ, ୧୭।୨ (ସଂଚାର ବ୍ୟୁରୋ):** ଉତ୍ତମ ଶିକ୍ଷା ସହ ସଂସ୍କାର ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢ଼ି ତୋଳିଥାଏ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ରାମଚଣ୍ଡି ହାଇସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରକାଶ କରିବା ସହିତ ଜୀବନରେ ସବୁ କ୍ଷେତ୍ରରେ ସଫଳ ଓ ପ୍ରତିଷ୍ଠିତ ହେବାକୁ ହେଲେ ବିଦ୍ୟାର୍ଥୀମାନେ ଅନିସନ୍ଧିତ୍ସୁ ମନୋଭାବ ନେଇ ଶିକ୍ଷା ଗ୍ରହଣ କରିବା ସହିତ ଉତ୍ତମ ଆଚାର ବ୍ୟବହାର ଓ ସଂସ୍କାର ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଅଶୋକ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବ ରେ ଦାଣ୍ଡି ହାଇସ୍କୁଲ ପ୍ରାକ୍ତନ ଶିକ୍ଷକ ଗାଳ୍ପିକ ପ୍ରଦୀପ ନାୟକ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସୁନିତୀ ଦାଶ, ସି ଆର ସି ସି ଲକ୍ଷ୍ମଣ ସେଠୀ, ପଞ୍ଚସଖା ସେତୁ ସଂଗଠନ ସଭାପତି ଶିବ ପ୍ରସାଦ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ସାହୁ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ ।

# ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଦେବେ ୧୯ହଜାର ୮୧୬

## ୧୦୭ଟି ପରୀକ୍ଷା କେନ୍ଦ୍ର ଓ ୯ଟି ପ୍ରଶ୍ନପତ୍ର ହବ୍

## ସି.ସି.ଟିଭି ସର୍ଭେଲାନ୍ସରେ ସମସ୍ତ ପରୀକ୍ଷା କେନ୍ଦ୍ର

**କେନ୍ଦ୍ରାପଡ଼ା, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରୀକ୍ଷା ୧୯ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚମାସ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଜିଲ୍ଲାରେ ୧୦୭ ଟି ପରୀକ୍ଷା କେନ୍ଦ୍ରରେ ୧୯ ହଜାର ୮୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ମାଟ୍ରିକ ପରୀକ୍ଷାର ରେଗୁଲାର ଓ ଏକ୍ସ ରେଗୁଲାର ସମେତ ମଧ୍ୟମା ପରୀକ୍ଷା ନିମନ୍ତେ ୧୦୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ରାଜ୍ୟ ଓପନ ସ୍କୁଲ ପରୀକ୍ଷାର୍ଥୀଙ୍କ ପାଇଁ ୨ଟି ନୂତନ ପରୀକ୍ଷା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧୯ହଜାର ୨୮୮ ଜଣ ରେଗୁଲାର ଏବଂ ୫୦ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ୨୩୧ ଜଣ ମଧ୍ୟମା ଏବଂ ୨୯୪ଜଣ ରାଜ୍ୟ ଓପନ ସ୍କୁଲର ଛାତ୍ରଛାତ୍ରୀ ଅଛନ୍ତି। ଏହିପରି ସର୍ବମୋଟ ୧୯ହଜାର ୮୧୬ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ବାର୍ଷିକ ପରୀକ୍ଷା ଦେବେ। ୧୦୭ ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୧୦୭ ଜଣ ଶିକ୍ଷା ନିରୀକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ୧୦୭ ଜଣ ରିଲିଭର ଓ ୨୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୦୭ ଟି କେନ୍ଦ୍ର ନିମନ୍ତେ ୧୦୭ ଜଣ ସୁପରିନଟେଣ୍ଡେ ଓ ୧୦୭ ଜଣ ଡେପୁଟୀ ସୁପରିନଟେଣ୍ଡଙ୍କୁ ମଧ ୧୦୭ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ନିଯୁକ୍ତି ଦିଆଯାଇଛି। କପି ରୋକିବା ନିମନ୍ତେ ୫ଟି ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି। କଟକସ୍ଥିତ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଜିଲ୍ଲାକୁ ଆସିବାର ବ୍ୟବସ୍ଥା ଥିବା ବେଳେ। ଏଥି ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପୌରାଳ ନିମନ୍ତେ ପର୍ଯ୍ୟବେକ୍ଷକ ଓ ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିଯୁକ୍ତି କରାଯିବା, ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ସ୍କ୍ୱାର୍ଡ ନିଯୁକ୍ତି ଓ ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ରହିଛି। ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଳରେ ଥିବା ୯ଟି ନୋଡାଲ ସେରରେ ପ୍ରଶ୍ନପତ୍ର ପ୍ୟାକେଟ ଗୁଡିକ ରଖାଯିବ। ସେହି ନୋଡାଲ ସେର ଗୁଡିକ ହେଉଛି ଜିଲ୍ଲାର କେନ୍ଦ୍ରାପଡା ସରକାରୀ ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ର ପାଇଁ ୨୦୫୦ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ରଖାଯାଇଥିବା ବେଳେ ବାଲିଆ ସରକାରୀ ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ରର ୨୧୨୬ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ରର ୧୯୭୬ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ମାର୍ଶାଘାଇ ବ୍ଲକର ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧ଟି ପରିକ୍ଷା କେନ୍ଦ୍ରର ୧୭୬୮ ପରୀକ୍ଷାର୍ଥୀଙ୍କ ପାଇଁ, ମହାକାଳପଡା ବ୍ଲକର କେଆରବାଙ୍କ ପାୟତ ହାଇସ୍କୁଲରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୨୧୬୧ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ରାଜନଗର ବ୍ଲକର ରାଜନଗର ହାଇସ୍କୁଲରେ ୧୪ଟି ପରୀକ୍ଷା କେନ୍ଦ୍ରର ୩୦୦୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ଆଳି ବ୍ଲକର ଆଳି ହାଇସ୍କୁଲରେ ୧୩ଟି ପରୀକ୍ଷା କେନ୍ଦ୍ରରେ ୧୯୨୨ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୯୯୫ପରୀକ୍ଷାର୍ଥୀଙ୍କ ପାଇଁ ଓ ପଟ୍ଟାମୁଣ୍ଡାଇ ବ୍ଲକର କଷଣଆ ପାୟତ ହାଇସ୍କୁଲରେ ୧୪ଟି ପରୀକ୍ଷା କେନ୍ଦ୍ରର ୨୮୧୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଗୁଡିକୁ ମହଜୁଦ ରଖାଯାଇଛି। ପ୍ରତ୍ୟେକ ନୋଡାଲ ସେରରେ ଜଣେ ଭାରପ୍ରାପ୍ତ ଅଧିକାରୀ ଓ ଜଣେ ଉପ- ଭାରପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱରେ ରଖାଯାଇଛି। ଏହି ୯ଟି ନୋଡାଲ ସେରରୁ ପରୀକ୍ଷା କେନ୍ଦ୍ର ଗୁଡିକରେ ପ୍ରଶ୍ନପତ୍ର ପହାଇବା ପାଇଁ ୪୦ଜଣ ଶିକ୍ଷକଙ୍କୁ ଡେସପାଚ୍ ଟିମରେ ନିଯୁକ୍ତି ପ୍ରଦାନ କରାଯାଇଛି।

# ବିଧାନସଭା ସାମ୍ନାରେ ଧାନ ବସ୍ତା ଢାଳିବାକୁ ଉଦ୍ୟମ



**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ଧାନ କିଣାରେ ଚରମ ଦୁର୍ନୀତି ସହ ମିଲର, ସ୍ଥାନୀୟ ଅମଲା, ରାଜନେତା ଓ ବେପାରୀଙ୍କ ମହାଲୁଣ୍ଠନରେ ଚାଷୀର ଯନ୍ତ୍ରଣାକୁ ନେଇ ଆଜି ବିଧାନସଭା

- **ସୁରକ୍ଷା ବଳୟ ଭେଦ କଲା ନବନିର୍ମାଣ କୃଷକ ସଂଗଠନ**
- **ଅକ୍ଷୟ କୁମାରଙ୍କ ସହ ୨୦ କର୍ମକର୍ତ୍ତା ଗିରଫ**

ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି ନବନିର୍ମାଣ କୃଷକ ସଂଗଠନ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସକାଳ ସାଢ଼େ ୭ ସୁଦ୍ଧା ପୋଲିସର ଚକ୍ରବ୍ୟୂହ ଭେଦ କରି ବିଧାନସଭା ଆଗରେ ଧାନବସ୍ତା ଢାଳିବାକୁ ଉଦ୍ୟମ କରିଥିଲେ। ରାତି ତମାମ ଜାଗ୍ରତ ରହିଥିବା ପୋଲିସ କୃଷକ ସଂଗଠନ କର୍ମକର୍ତ୍ତାଙ୍କୁ ବାଟରେ ଅଟକାଇ ପାରିନଥିଲା। କର୍ମୀମାନେ ଧାନ ଚୋରି ଚଳିବ ନାହିଁ, ଧାନ କିଣାରେ ମହାଲୁଣ୍ଠନ ବନ୍ଦ କର, ଗାଁ ଗାଁରେ ଶୁଭୁଛି ସ୍ୱର-ବିଜେପି ବାଲା ଧାନ ଚୋର ନାରା ଦେଇ ବିଧାନସଭା ନିକଟରେ ପହଁଚିଥିଲେ।

ସୂଚନାଯୋଗ୍ୟ ଯେ, ନବନିର୍ମାଣ ସଂଗଠନ ନୟାଗଡ଼, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଖୋର୍ଦ୍ଧା, ସୋନପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରି କ୍ୱିଣ୍ଟାଲ ପିଛା ୫ରୁ ୧୦ କେଜି ପର୍ଯ୍ୟନ୍ତ କାଟ ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଏଭଳି କି ଗୋଟେ ଗୋଟେ ଜିଲ୍ଲାରେ ୩-୪ କେଜି ଲେଖାଏଁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ଦେଲା ପରେ ମଧ ଜିଲ୍ଲା ପ୍ରଶାସନ ଲୁଟେରା ମିଲରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏହି ପୁଞ୍ଜିଭୂତ ଅସନ୍ତୋଷ ଆଜି ଭୁବନେଶ୍ୱରରେ ଦେଖିବାକୁ ମିଳିଥିଲା। ରାତିରୁ ବିଭିନ୍ନ ଅଞ୍ଚଳରୁ ଆସି ବିଭିନ୍ନ ସ୍ଥାନରେ ଥିବା ଚାଷୀମାନେ ସଂଗଠିତ ହୋଇ ବିଧାନସଭା ଆଗରେ ନାରା ବାଜି କରିଥିଲେ। ପରେ ପୋଲିସ ସେମାନଙ୍କୁ ଗିରଫ କରି ଜେଲ ପଠାଇଛି। ଚାଷୀମାନଙ୍କୁ ଜେଲ ପଠାଇବା ପ୍ରତିବାଦରେ ଅକ୍ଷୟ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ, ଆମେ ସରକାରଙ୍କୁ ନ୍ୟାୟ ମାଗିବାକୁ ଆସିଥିଲୁ, ସରକାର ଆମକୁ ଜେଲ ପଠାଇଦେଲେ। ଏ ନିଷ୍ପତ୍ତିର ବିଚାର ଜନତା ଓ ଚାଷୀ ଅଦାଲତରେ ହେବ।

### ରାଜ୍ୟପାଳଙ୍କ ଅଭିଭାଷଣକୁ ବୟକଟ କଲେ ବିରୋଧୀ

# ବିଜେପି ସରକାରରେ ଭାଷଣ ଅଧିକ କାମ ଶୂନ



**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ରାଜ୍ୟପାଳଙ୍କ ଅଭିଭାଷଣକୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟପାଳଙ୍କ ଅଭିଭାଷଣ କେବଳ କଥାରେ ଲମ୍ବା କିନ୍ତୁ କାମରେ ଶୂନ ବୋଲି କହି କଟାକ୍ଷ କରିଛନ୍ତି ନବୀନ। ରାଜ୍ୟପାଳଙ୍କ ଅଭିଭାଷଣକୁ ଆରମ୍ଭରୁ ଶୃଙ୍ଖଳିତ ଭାବେ ବିରୋଧୀ ବିଜେଡି ଓ କଂଗ୍ରେସ

- **ଭାଷଣ ଓ ସରକାରଙ୍କ କାମରେ ନାହିଁ ତାଳମେଳ**
- **ଗୃହ ଛାଡ଼ିଲେନି ଅରବିନ୍ଦ ଓ ସନାତନ ମହାକୁଡ**

ବିଧାୟକମାନେ ଶୁଣିଥିଲେ। ହେଲେ ଅଭିଭାଷଣ ଅଧାରୁ ଅଧିକ ପଢ଼ିସାରିବା ପରେ ଏଥିରେ କିଛି ନୂତନତ୍ୱ ନାହିଁ ବୋଲି କହି କକ୍ଷତ୍ୟାଗ କରିଥିଲେ। ପ୍ରଥମ କଂଗ୍ରେସ ବିଧାୟକମାନେ ଗୃହ ବର୍ଜନ କରିଥିଲେ। ପରେ ବିଜେଡି ବିଧାୟକମାନେ କକ୍ଷ୍ୟତ୍ୟାଗ କରିଥିଲେ।

ଏହାପରେ ନବୀନ ପଟ୍ଟନାୟକ ଅଭିଯୋଗ କରିଥିଲେ ଯେ, ସରକାର କେବଳ ପ୍ରଚାର ପ୍ରସାରରେ ବ୍ୟସ୍ତ ରହୁଛନ୍ତି କିନ୍ତୁ ବାସ୍ତବରେ କୌଣସି ଉଲ୍ଲେଖନୀୟ ବିକାଶ କାର୍ଯ୍ୟ ହେଉନାହିଁ। ସରକାରଙ୍କ ପାଖରେ ଓଡ଼ିଶାର ପ୍ରକୃତ ସମସ୍ୟା ସମାଧାନ ପାଇଁ କୌଣସି ଦୂରଦୃଷ୍ଟି ନାହିଁ। ଏବେ ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ସ୍ଥିତିରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଓ ଅରାଜକତା ଦେଖାଦେଉଛି, ଯାହା ଭାରତର ଅନ୍ୟ କୌଣସି ରାଜ୍ୟରେ ଏଭଳି ଭାବେ ଦେଖିବାକୁ ମିଳେନାହିଁ ବୋଲି ନବୀନ କହିଛନ୍ତି।

ସେହିଭଳି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଦୁଇ ଘଣ୍ଟାର ଭାଷଣକୁ ଚିପୁଡ଼ି



ଦେଲେ ଦୁଇ ମିନିଟର ଭାଷଣ ହେବ। ସରକାର ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା କେବଳ ଫମ୍ପା ଆବାଜରେ ପରିଣତ ହୋଇଛି। କର୍ମ କ୍ଷେତ୍ରରେ ରେଜଲ୍ଟ ଶୂନ ବୋଲି ସେ କହିଛନ୍ତି। ସରକାର କେବଳ ମେଳା ମହୋତ୍ସବରେ ମାତିଛନ୍ତି, ଯାହାକୁ ବିଜେଡି ସବୁ ବେଳେ ବିରୋଧ କରିଆସୁଛି। ରାଜ୍ୟପାଳଙ୍କ ମୁହଁରେ ସରକାରୀ ଦଳ ମିଛ କୁହାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଭିଯୋଗ କରିଛନ୍ତି ଯେ, ରାଜ୍ୟପାଳ ଗୋଟେ କଥା କହୁଛନ୍ତି, ସରକାର ଆଉ ଗୋଟେ କଥା କହୁଛି। ସରକାର କହୁଛନ୍ତି ଚାଷୀଙ୍କ ଠାରୁ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ଉଠିବ ନାହିଁ। ହେଲେ ରାଜ୍ୟପାଳ କହୁଛନ୍ତି ସରକାର ସବୁ ଧାନ ଉଠାଉଛନ୍ତି। ଉଚ୍ଚଶିକ୍ଷାରେ ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କୁ ବୃତ୍ତି ମିଳୁନାହିଁ। ବିଜେପି ସରକାର ସମୟରେ ଜାତିଆଣ ମନୋଭାବ ବଢ଼ୁଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିବା ବେଳେ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନା ମହାକୁଡ ଗୃହ ଛାଡିନଥିଲେ।

**● ବଢ଼ୁଛି ସାର୍ଥକ ନିଖୋଜ ରହସ୍ୟ**

## ଜାହାଜ କମ୍ପାନୀ ବିରୋଧରେ ସଂଗୀନ ଅଭିଯୋଗ

**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ବଢ଼ୁଛି ମର୍ଚ୍ଚାଣ୍ଟ ନେଭି କ୍ୟାପଟେନ୍ ସାର୍ଥକ ମହାପାତ୍ର ନିଖୋଜ ରହସ୍ୟ। ଜାହାଜ କମ୍ପାନୀ ବିରୋଧରେ ସଂଗୀନ ଅଭିଯୋଗ ଆଣି ଅପରାଧିକ ତଦନ୍ତ ଦାବି କଲେ ନିଖୋଜ ନାବିକ ସାର୍ଥକଙ୍କ ମାମୁ। ସାର୍ଥକଙ୍କୁ ଖୋଜିବାକୁ ଯାଇଥିବାବେଳେ କିଭଳି କମ୍ପାନୀ କର୍ତ୍ତୃପକ୍ଷ ଘଟଣାକୁ ଚପାଇବାକୁ ଉଦ୍ୟମ ସହିତ ଯାଞ୍ଚ କରିବାରେ ବାଧାଦେଲେ, ସିଙ୍ଗାପୁରରୁ ଫେରି ଗୋଟି ଗୋଟି କରି କହିଛନ୍ତି ମାଆ ଓ ମାମୁ। ଏପଟେ ସାର୍ଥକଙ୍କ ନିଖୋଜ ପରଠୁ ସିସିଟିଭି ଯାଞ୍ଚ ନକରିବା ପ୍ରସଙ୍ଗ ବି ସନ୍ଦେହ ସୃଷ୍ଟି କରିଛି । ତେବେ କେଉଁ ସତକୁ ଲୁଚାଇବାକୁ ଜାହାଜ କମ୍ପାନୀ ଉଦ୍ୟମ କରୁଛି, ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। କେତେ ଆଶାରେ ନିଖୋଜ ପୁଅକୁ ଖୋଜିବାକୁ ଯାଇଥିଲେ ମାଆ ରଶ୍ମିତା ମହାପାତ୍ର ଆଉ ମାମୁ ସନ୍ତୋଷ ସାହୁ। ହେଲେ ଫେରିଲେ ଖାଲି ହାତରେ। ଯେଉଁ ଦୁଃଖ, ଆଶଙ୍କା ଆଉ ଭୟକୁ ଧରି ସିଙ୍ଗାପୁର ଯାଇଥିଲେ ସେଇ ବିବଶ ମନରେ ପୁଣି ଫେରିଛନ୍ତି ଓଡ଼ିଶାକୁ। ପୁଅର ଖୋଜଖବର ଦୂରେ ଥାଉ, ଭଲରେ ପଚରାଉଚରା କରିବାକୁ ବି ସୁଯୋଗ ଟିଏ ଦେଲାନି କମ୍ପାନୀ।

## ଆରମ୍ଭ ହେଲା ପ୍ରଣବଙ୍କ ବିବାଦୀୟ ଫାର୍ମ ହାଉସ୍ ମାପଚୁପ

**ଯାଜପୁର, ୧୭।୨ (ସଂଚାର ବ୍ୟୁରୋ) :** ଯାଜପୁର ଜିଲ୍ଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବିବାଦୀୟ ପନ୍ତୁରି ଫାର୍ମ ହାଉସ ଜମିର ମାପଚୁପ ଆରମ୍ଭ ହୋଇଛି। ଧର୍ମଶାଳା ତହସିଲ ପକ୍ଷରୁ ଆଜି ପନ୍ତୁରି ଫାର୍ମ ହାଉସରେ ମାପଚୁପ କରାଯାଇଛି। ଏଥିରେ ୩ ଜଣ ଆରଆଇ ଓ ୩ ଜଣ ଅମିନ ନିୟୋଜିତ ଅଛନ୍ତି।



ସୂଚନା ମୁତାବକ ସରକାରୀ ଜମି ଜବରଦଖଲ କରାଯାଇ ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତସ୍ଥିତ ପନ୍ତୁରିଠାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସ ନିର୍ମାଣ କରାଯାଇଛି। ଏନେଇ ଅଭିଯୋଗ ହେବାପରେ ଧର୍ମଶାଳା ତହସିଲ ପକ୍ଷରୁ ପ୍ରଣବଙ୍କୁ ଏକ ନୋଟିସ ପ୍ରଦାନ କରାଯାଇଥିଲା ଓ ପକ୍ଷ ରଖିବାକୁ କୁହାଯାଇଥିଲା। କିଛି ଦିନ ପରେ ରାତିରେ ନିଜ ଫର୍ମାହଉସରେ ଲାଗିଥିବା ଥିବା ଆଜବେଷ୍ଟସ ଖୋଲି ନେଇଯାଇଥିବା ଦେଖିବାକୁ ମିଳିଥିଲା । ଫର୍ମାହଉସରେ ଥିବା ଛେଳିଙ୍କୁ ମଧ ଦେଖିବାକୁ ମିଳି ନଥିଲା । ଏହି ଫାର୍ମ ହାଉସ ଖାତା ନଂ.୩୩୭, ପ୍ଲଟ ନଂ.୧୧୧୮ ମୋଟ ୩୧.୭୦ ଏକର ପର୍ବତ କିସମରେ ରହିଛି। କିନ୍ତୁ ଆବଶ୍ୟକତାଠାରୁ ଅଧିକ ସରକାରୀ ଜମିକୁ ଜବରଦଖଲ କରି ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସ ପାଚେରି ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଯଦି ଫାର୍ମହାଉସ ନିଜ ଜମିରେ କରିଛନ୍ତି, ତେବେ ରାତି ଅଧିଆ ଫାର୍ମହାଉସରେ ଥିବା ଘରର ଛାତ କିଏ ଭାଙ୍ଗି କାହିଁକି ନେଇଗଲେ ବୋଲି ଚର୍ଚ୍ଚା ଜୋରଧରିଛି। ଧର୍ମଶାଳା ତହସିଲ ପକ୍ଷରୁ ସମ୍ପୃକ୍ତ ଜମିର ମାପଚୁପ ଆରମ୍ଭ ହୋଇଛି ।

## ଅସ୍ତ୍ରଶସ୍ତ୍ର ସହ ୨୨ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୭।୨ (ସଂଚାର ବ୍ୟୁରୋ) :** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲାରେ ଆଜି ୨୨ ଜଣ ହାଡକୋର ମାଓବାଦୀମାନେ ନିଜର ବିପୁଳ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୦ ଜଣ ମହିଳା ମାଓବାଦୀ ରହିଥିବା ସୂଚନା ମିଳିଛି। ଛତିଶଗଡ ସରକାରଙ୍କ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ଏମାନେ ନିଜର ଅସ୍ତ୍ରଶସ୍ତ୍ର ସହ ସୁକୁମା ପୋଲିସ ପାଖରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଆତ୍ମସମର୍ପଣ ପରେ ସମସ୍ତଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବା ବୋଲି ସୁକୁମା ଏସପି ସୂଚନା ଦେଇଛନ୍ତି ।



### ନିଲମ୍ବନ ପରେ ମୁହଁ ଖୋଲିଲେ ସନା

# ମୁଁ କୌଣସି ଭୁଲ କରିନି

**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ବିଜୁ ଜନତା ଦଳରୁ ନିଲମ୍ବିତ ହେବା ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼। ଦଳରୁ ନିଲମ୍ବନ କରାଯିବା ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଆଗକୁ ବିଜେଡିକୁ ଫେରିବାର କୌଣସି ଆଶା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କେବଳ କେନ୍ଦୁଝର ଜିଲାର ବିକାଶ କଥା ଉଠାଇବାରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ସାନ ଭାଇ ବୋଲି କହିଲେ**

ସନାତନ କହିଛନ୍ତି ଯେ, ସେ ଦଳ ବିରୋଧରେ କୌଣସି କାର୍ଯ୍ୟ କରିନାହାନ୍ତି। ସେ ନବୀନ ପଟ୍ଟନାୟକ କିମ୍ବା ଭିକେ ପାଣ୍ଡିଆନଙ୍କ ବିରୋଧରେ କିଛି କହିନାହାଁନ୍ତି। କିନ୍ତୁ କାହିଁକି ସେମାନେ ତାଙ୍କ ଉପରେ ରାଗିଲେ ସେନେଇ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏଥିସହିତ ସେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଜର ସାନ ଭାଇ ବୋଲି ସମ୍ବୋଧନ କରିଛନ୍ତି। ଜିଲାର ବିକାଶ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା କିମ୍ବା ଜିଲାର ସ୍ୱାର୍ଥ ପାଇଁ ସେ ତାଙ୍କୁ ପଚାରିବାରେ କୌଣସି ଭୁଲ୍ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ବିଜେଡିରୁ ବାହାରିବା ପରେ ସେ ଦୁଃଖୀ କିମ୍ବା ସୁଖୀ ନାହାନ୍ତି ବୋଲି କହିଛନ୍ତି। ନିଲମ୍ବନ ନିଷ୍ପତ୍ତି ନ୍ୟାୟ କି ଅନ୍ୟାୟ ତାହା ଉପରେ ଚର୍ଚ୍ଚା ନକରି ସେ ଲୋକଙ୍କ ପାଇଁ କାମ କରିବା ଜାରି ରଖିବେ ବୋଲି କହିଛନ୍ତି। ବିଜେଡିକୁ ଫେରିବା ନେଇ ସେ ସମସ୍ତ ଦ୍ୱାର ବନ୍ଦ ଥିବା କହିବା ସହ ନିଜର ସ୍ୱାଧୀନ ପନ୍ଥା ଆପଣାଇବାର ସୂଚନା ଦେଇଛନ୍ତି। ଗତ ଜାନୁଆରୀ ୧୫ ତାରିଖରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ନବୀନ ପଟ୍ଟନାୟକ ତାଙ୍କୁ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ସେହିଭଳି ଅରବିନ୍ଦ ମହାପାତ୍ର କହିଛନ୍ତି ଯେ, ସେ ରାଜ୍ୟପାଳଙ୍କ ଅଭିଭାଷଣ ଶୁଣିଲେ। କିଛି ତଥ୍ୟ ଉପରେ ସେ ସହମତ ନୁହଁନ୍ତି, କିନ୍ତୁ ତାଉପରେ ସେ ଆଲୋଚନାରେ କହିବେ ବୋଲି କହିଛନ୍ତି। ଏଥିସହିତ ଆଜି ତାଙ୍କର ନବୀନ ପଟ୍ଟନାୟକଙ୍କ ସହ ଦେଖାହେଲା। ସେ ତାଙ୍କୁ ନମସ୍କାର କରିଥିଲା ବେଳେ ନବୀନ ପ୍ରତି ନମସ୍କାର ଜଣାଇଥିବା ଅରବିନ୍ଦ କହିଛନ୍ତି।



### ବଦଳିଲା ଅରବିନ୍ଦ ଓ ସନାଙ୍କ ଆସନ

**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ବିଜେଡିରୁ ଦୁଇ ନିଲମ୍ବିତ ବିଧାୟକଙ୍କ ଆସନ ବଦଳିଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନା ମହାକୁଡ ଦଳରୁ ନିଲମ୍ବିତ ହେବା ପରେ ଚଳିତ ଅଧିବେଶନରେ ତାଙ୍କ ଆସନ ପରିବର୍ତ୍ତନ କରାଯାଇଛି। ଅରବିନ୍ଦ ମହାପାତ୍ରଙ୍କ ସିଟ୍ ଆଗରୁ ଥିଲା ଜି-୧୯, ଏବେ ହେଲା ଏଫ-୧୯। ସେହିଭଳି ସନାତନ ମହାକୁଡଙ୍କ ସିଟ ଆଗରୁ ଥିଲା ଏଫ-୧୪, ହେଲା ଏଫ-୨୧। ଅରବିନ୍ଦ ମହାପାତ୍ରଙ୍କ ଆସନ ପୁରୀ ବିଧାୟକ ସୁନିଲ ମହାନ୍ତିଙ୍କ ସହ ପରିବର୍ତ୍ତନ କରାଯାଇଛି ହେଲା। ସେହିପରି ମାଧବ ଧଡାଙ୍କ ଆସନ ସହ ପରିବର୍ତ୍ତନ ହୋଇଛି ସନାତନ ମହାକୁଡଙ୍କ ଆସନ। ଏବେ ଅରବିନ୍ଦ ମହାପାତ୍ର, ପ୍ରଦୀପ ସାହୁ ଓ ଅରୁଣ ସାହୁ ଗୋଟିଏ ଧାଡିରେ ବସୁଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ଦଳରୁ ନିଲମ୍ବନ କରିଥିଲେ ବିଜେଡି ସୁପ୍ରିମୋ ।

## ପୂର୍ତ୍ତ ବିଭାଗର ପ୍ରକଳ୍ପୱାରୀ ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବାକୁ ହେଲେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ଏବଂ ନୂତନ ପ୍ରକଳ୍ପ ଲାଗି ଯୋଜନା ପ୍ରସ୍ତୁତ କରିବା ଜରୁରୀ। ବିଗତ ବର୍ଷରେ ପୂର୍ତ୍ତ ବିଭାଗ ପ୍ରକଳ୍ପ ଗୁଡିକୁ ନିର୍ଧାରିତ ସମୟ ଅବଧି ମଧ୍ୟରେ ସାରିବା ଏବଂ ବଜେଟ ଅର୍ଥକୁ ସଠିକ ଭାବେ ଖର୍ଚ୍ଚ କରିବା କ୍ଷେତ୍ରରେ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିଥିଲା । ସେହିଭଳି ଚଳିତ ବର୍ଷ ମଧ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବିଭାଗ ଯେପରି ଭଲ ପ୍ରଦର୍ଶନ କରିବ ସେଥିନେଇ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗର ପ୍ରକଳ୍ପ ୱାରୀ ଖର୍ଚ୍ଚର ସମୀକ୍ଷା କରିଛନ୍ତି ।

ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧକ୍ଷତା କରିବା ସହ ରାଜ୍ୟର ପ୍ରମୁଖ ପ୍ରକଳ୍ପ ଗୁଡିକର ଅଗ୍ରଗତି ଓ ବଜେଟର ଖର୍ଚ୍ଚ ସମୀକ୍ଷା କରିବା ସହ ବ୍ୟୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ ନେଇ ନିର୍ଦ୍ଦେଶ ଦେବା ସହ ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ଉନ୍ନୟନ ଏବଂ ସମ୍ପ୍ରସାରଣ, ଏକାମ୍ର, ସମଲେଇ, ଅବଢ଼ା ପ୍ରକଳ୍ପ ସମେତ ବିଭିନ୍ନ ରାସ୍ତା, କୋଠାବାଡି ଓ ସେତୁ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



- **ଚାଲୁଥିବା ପ୍ରକଳ୍ପ ଶୀଘ୍ର ଶେଷ ଉପରେ ଗୁରୁତ୍ୱ**
- **ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ହେବ ଉନ୍ନୟନ ଏବଂ ସମ୍ପ୍ରସାରଣ**
- **ଏକାମ୍ର, ସମଲେଇ, ଅବଢ଼ା ସମେତ ବିଭିନ୍ନ ରାସ୍ତା, କୋଠାବାଡି ଓ ସେତୁ ପ୍ରକଳ୍ପ ଉପରେ ଆଲୋଚନା**

ଆଜିର ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ରୋଡ୍ସ ଇଂ ଧାନଚାନ୍ଦ ନାୟକ, ଅର୍ଥପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତେ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡ଼ିଶାରେ 'ନମସ୍ତେ' ଯୋଜନା

## ପରିମଳ କର୍ମୀ ଓ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ନିରାପତ୍ତା ସୁଦୃଢ଼ ପାଇଁ ସରକାରଙ୍କ ପଦକ୍ଷେପ



**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ଓଡ଼ିଶା ସରକାର 'ନମସ୍ତେ' ଯୋଜନାର କାର୍ଯ୍ୟକାରିତା ମାଧମରେ ପରିମଳ କର୍ମୀ ଏବଂ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଜୀବିକା, ନିରାପତ୍ତା ଏବଂ ମର୍ଯ୍ୟାଦାକୁ ସୁଦୃଢ଼ କରିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିଛନ୍ତି। ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ସମନ୍ୱୟରେ ଜୁଲାଇ ୨୦୨୩ରେ ଆରମ୍ଭ ହୋଇଥିବା ଏହି ଯୋଜନା, ବିପଜ୍ଜନକ ସଫେଇ ପ୍ରଥାର ବିଲୋପ ସହ ସାରା ଦେଶରେ ସୁରକ୍ଷିତ, ଯାନ୍ତ୍ରିକ ଏବଂ ମର୍ଯ୍ୟାଦାପୂର୍ଣ୍ଣ ପରିମଳ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। 'ନମସ୍ତେ' ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱେରେଜ୍ ଏବଂ ସେପ୍ଟିକ୍ ଟାଙ୍କିର ବିପଜ୍ଜନକ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନଙ୍କୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିବା ଓ ସେମାନଙ୍କର ପୁନର୍ବାସ ନିଶ୍ଚିତ କରିବା ସହ ପରିମଳ କାର୍ଯ୍ୟରେ ଶୂନ୍ୟ ମୃତ୍ୟୁହାର ନିଶ୍ଚିତ କରିବା। ଏହି କାର୍ଯ୍ୟକ୍ରମ ମାନବ ବର୍ଜ୍ୟବସ୍ତୁ ସହ ପ୍ରତ୍ୟକ୍ଷ ସଂସ୍ପର୍ଶକୁ ରୋକିବା, ସୁରକ୍ଷା ଉପକରଣର ବାଧ୍ୟତାମୂଳକ ବ୍ୟବହାର, ବୃତ୍ତିଗତ କୌଶଳ ପ୍ରଶିକ୍ଷଣ ଏବଂ ନିରାପଦ ସେବା ପ୍ରଦାନ ପାଇଁ 'ଜରୁରୀକାଳୀନ ସ୍ୱଚ୍ଛତା ପ୍ରତିକ୍ରିୟା ୟୁନିଟ୍' (ଇଆରଏସ୍ୟୁସ୍) ର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରେ। ଏହା ସ୍ୱଚ୍ଛତା କର୍ମୀଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଏବଂ ଉଦ୍ୟୋଗିତା ସୁଯୋଗକୁ ମଧ ପ୍ରୋତ୍ସାହନ ଦେଉଛି।ଏହି ଯୋଜନାର ପ୍ରମୁଖ ଉପାଦାନଗୁଡ଼ିକ ମଧ୍ୟରେ ସ୍ୱେରେଜ୍ ଓ ସେପ୍ଟିକ୍ ଟାଙ୍କି କର୍ମୀଙ୍କ ତଥ୍ୟ ସଂଗ୍ରହ, ବୃତ୍ତିଗତ ନିରାପତ୍ତା ପ୍ରଶିକ୍ଷଣ, ପିପିଇ କିଟ୍ ପ୍ରଦାନ, ଆୟୁଷ୍ମାନ ଭାରତ-ପିଏମ୍‌ଜେଏୱାଇ ଅଧୀନରେ ସ୍ୱାସ୍ଥ୍ୟ ବୀମା କଭରେଜ୍, ପରିମଳ ଗାଡ଼ି ଓ ଯନ୍ତ୍ରପାତି ପାଇଁ ଅଗ୍ରୀମ ପୁଞ୍ଜି ସହାୟତା ଏବଂ ପରିମଳ ସେବାରେ ସୁରକ୍ଷା ଓ ସମ୍ମାନକୁ ସୁଦୃଢ଼ କରିବା ପାଇଁ ସଚେତନତା ଅଭିଯାନ ଅନ୍ତର୍ଭୁକ୍ତ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଓଡ଼ିଶାର 'ଗାରିମା' ଅଭିଯାନ ସହ 'ନମସ୍ତେ' ଯୋଜନାର ସମନ୍ୱୟ ଶ୍ରମର ମର୍ଯ୍ୟାଦା, ସାମାଜିକ ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମୀ ଓ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଦୀର୍ଘକାଳୀନ ଜୀବିକା ନିଶ୍ଚିତ କରିବା ଦିଗରେ ସରକାରଙ୍କ ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି, ଯେଉଁମାନେ ସହରର ପରିମଳ ଓ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ମୁଖ୍ୟ ଆଧାର।

## ଛାତ୍ରୀଙ୍କୁ ଅପହରଣ ଓ ୫ ଦିନ ଧରି ବଳାତ୍କାର: ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି, ୧୭।୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଶ୍ରେଣୀରେ ପଢୁଥିବା ୧୭ ବର୍ଷର ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ସମ୍ପୃକ୍ତ ପଦ୍ମ ନାୟକଙ୍କୁ ତଦନ୍ତକାରୀ ଅଧିକାରୀ ଦିଗପହଣ୍ଡି ଥାନା ଏସ୍ଆଇ ରାଜ କିଶୋର ପାତ୍ର ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ଚାଲାଣ କରିଛନ୍ତି। ଥାନାରେ ମାମଲା ନଂ.୧୮/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା – ୧୩୭(୨)/୮୭ ସମେତ ୨୦୧୨ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଗତ ଜାନୁଆରୀ ୬ ତାରିଖରୁ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ଘରେ ମାଙ୍କୁ କଲେଜ ଯାଉଛି କହି ଛାତ୍ରୀ ଜଣକ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ଜାନୁଆରୀ ୧୩ ତାରିଖରେ ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଭାରତୀୟ ନ୍ୟାୟ ସଂହିତା ର ଧାରା – ୧୩୭(୨) ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ସଦଳବଳେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ ଛାତ୍ରୀ କିମ୍ବା ଅପହର୍ତ୍ତାଙ୍କ ସନ୍ଧାନ ମିଳି ନ ଥିଲା। ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନରୁ ଛାତ୍ରୀଙ୍କ ପରିବାର ଲୋକଙ୍କୁ ନାନା କଥା କହି ଧମକ ଦେଉଥିଲେ। ଉକ୍ତ ଫୋନ ନମ୍ବରକୁ ପୋଲିସ ଟ୍ରାକିଂ କରିଥିଲେ। ସୋମବାର ଅପରାହ୍ନ ପ୍ରାୟ ୪ ଟାରେ ଅଭିଯୁକ୍ତ ଛାତ୍ରୀଙ୍କୁ ନେଇ ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଥିବା ଖବର ପାଇ ଦିଗପହଣ୍ଡି ପୋଲିସ ଟିମ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ବ୍ରହ୍ମପୁର ନିମଖଣ୍ଡି ଥାନା ଏସ୍ଆଇ ଶକ୍ତିମୟୀ ବେହେରା ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। କୋର୍ଟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ଛାତ୍ରୀଙ୍କୁ ଅପହରଣ କରି ତାମିଲନାଡୁର ଚିଟୋଡେ ସହରକୁ ନେଇଯାଇଥିଲେ। ଜାନୁଆରୀ ୯ ତାରିଖରେ ଅଭିଯୁକ୍ତ ଏକ ଘରଭଡ଼ା କରି ସେଠାରେ ୧୪ ତାରିଖ ଯାଏ ଛାତ୍ରୀଙ୍କୁ ରଖି ବାରମ୍ବାର ବଳାତ୍କାର କରିଥିଲେ। ପରେ ତାଙ୍କୁ ଆନ୍ଧ୍ରର ବିଶାଖାପାଟଣା ନେଇ ଆସିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ପୌର ଓ ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ପଞ୍ଚାୟତ ଓ ପୌରସଂସ୍ଥା ମାନଙ୍କରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି । ମାତ୍ର ପଛୁଆବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ । ବହୁ ଦିନରୁ ପଛୁଆବର୍ଗଙ୍କ ପକ୍ଷରୁ ଏନେଇ ଦାବି ହୋଇ ଆସୁଥିଲେ ମଧ ସରକାର ଏହାକୁ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି। ଅପରପକ୍ଷରେ ଅନ୍ୟ ରାଜ୍ୟ ଗୁଡିକରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗଙ୍କ ସହ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ, ଆଗାମୀ ସ୍ୱାୟତ୍ତ ଶାସନ ନିର୍ବାଚନଗୁଡ଼ିକ ପୂର୍ବରୁ ପଛୁଆବର୍ଗଙ୍କ ପାଇଁ ସଂଖ୍ୟାନୁପାତିକ ଆସନ ସଂରକ୍ଷଣ ନିଶ୍ଚିତ କରିବା ସହ ଏହାର ଆଇନଗତ ପ୍ରକ୍ରିୟା ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀକାନ୍ତ କହିଛନ୍ତି।

# ବଜେଟ୍ ବ୍ୟୟ-ଜାନୁଆରୀ ସୁଦ୍ଧା ୫୭%

**ଭୁବନେଶ୍ୱର, ୧୭।୨:** ଚଳିତ ଆର୍ଥିକ ବର୍ଷର ଜାନୁୟାରୀ ଶେଷ ସୁଦ୍ଧା ବିଭାଗମାନେ ବଜେଟ୍ ଅର୍ଥର ୫୭ ପ୍ରତିଶତ ବ୍ୟୟ କରିବାରେ ସଫଳ ହୋଇଛନ୍ତି। ତେବେ ଏହା ପୂର୍ବ ଆର୍ଥିକବର୍ଷ ତୁଳନାରେ ୧% କମ୍ ରହିଛି।

ଚଳିତ ଆର୍ଥିକ ବର୍ଷରେ ଜାନୁୟାରୀ ଶେଷ ସୁଦ୍ଧା ବିଭାଗମାନେ ବଜେଟ୍ ଅର୍ଥରୁ ୧, ୬୩, ୬୬୪ କୋଟି ଟଙ୍କା ବ୍ୟୟ କରିଛନ୍ତି। ଗତ ଆର୍ଥିକ ବର୍ଷର ଜାନୁଆରୀ ଶେଷ ସୁଦ୍ଧା ବଜେଟ୍ ଅର୍ଥରୁ ୧, ୪୯, ୩୧୨ କୋଟି ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲେ। ହାରାହାରି ଭାବେ ଯଦିଓ ଚଳିତବର୍ଷ ୧% କମ୍ ଅର୍ଥ ଖର୍ଚ୍ଚ ହୋଇଛି କିନ୍ତୁ ମୋଟ୍ ଅର୍ଥ ପରିମାଣକୁ ହିସାବକୁ ନେଲେ ଚଳିତ ଆର୍ଥିକ ବର୍ଷର ବ୍ୟୟ ପରିମାଣ ୯.୬% ଅଧିକ ରହିଛି।

ଚଳିତ ଆର୍ଥିକ ବର୍ଷର ଜାନୁଆରୀ ଶେଷ ସୁଦ୍ଧା ବିଭାଗମାନେ ମିଳିତଭାବେ ଯଦିଓ ୫୭ ବର୍ଷ ଅର୍ଥ ବ୍ୟୟରେ ସଫଳ ହୋଇଛନ୍ତି



କିନ୍ତୁ ବହୁ ବିଭାଗ ସେମାନଙ୍କ ପାଇଁ ବରାଦ ହୋଇଥିବା ଅର୍ଥ ବ୍ୟୟରେ ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଏହି ବିଭାଗଗୁଡିକ ମଧ୍ୟରେ ରହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ଜଳସମ୍ପଦ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ଇସ୍ପାତ ଓ ଖଣି ଭଳି ବିଭାଗ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ଚଳିତବର୍ଷ ବଜେଟ୍‌ରେ ୧୭, ୫୩୬ କୋଟି ଟଙ୍କା ରହିଥିବାବେଳେ ବିଭାଗ ଖର୍ଚ୍ଚ କରିଛି ୧୧, ୨୩୪ କୋଟି। ଯାହାକି ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ୫ ପ୍ରତିଶତରୁ କମ୍ ରହିଛି। ଜଳସମ୍ପଦ ବିଭାଗ ବରାଦ ଅର୍ଥରୁ ୪୬ ପ୍ରତିଶତ ଖର୍ଚ୍ଚ କରିବାରେ ସମର୍ଥ ହୋଇଥିବାବେଳେ ପୂର୍ତ୍ତ ବିଭାଗ ଧାର୍ଯ୍ୟ ବ୍ୟୟ ଠାରୁ କମ୍ ଅର୍ଥ ଖର୍ଚ୍ଚ କରିଛି। ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଜାନୁଆରୀ ଶେଷ ସୁଦ୍ଧା ୫୦ ୪୮ ପ୍ରତିଶତରୁ କମ୍ ରହିଥିବାବେଳେ ଶିଳ୍ପ ବିଭାଗର ବ୍ୟୟ ୪୦ ପ୍ରତିଶତରୁ କମ୍ ରେକର୍ଡ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାତ୍ର ୨୬ ପ୍ରତିଶତ ଅର୍ଥ ବ୍ୟୟରେ ସଫଳ ହୋଇଥିବାବେଳେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଖର୍ଚ୍ଚ ୧୨ ପ୍ରତିଶତ ତଳେ ରହିଛି। ବିଜ୍ଞାନ କାରିଗରୀ ବିଭାଗର ଖର୍ଚ୍ଚ ୨୫ ପ୍ରତିଶତ ତଳେ ରହିଛି। ଅର୍ଥ ଖର୍ଚ୍ଚରେ ପଛରେ ପଡ଼ିଥିବା ବିଭାଗଗୁଡିକୁ ଖର୍ଚ୍ଚ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଅନୁଷ୍ଠିତ ବଜେଟ୍ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ତେବେ ରାଜ୍ୟର ରାଜସ୍ୱ ଆଦାୟ ଢେର ଅଧିକ ରହିଛି। ଉଭୟ ଟିକସ ଓ ଅଣଟିକସ ଆଦାୟ ପରିମାଣ ୭୩ ପ୍ରତିଶତରୁ ଅଧିକ ରହିଛି। ଉଭୟ ଟିକସ ବାବଦରେ ରାଜକୋଷକୁ ୧, ୨୬, ୦୦୦ କୋଟି ଟଙ୍କା ଆସିବାର ଲକ୍ଷ୍ୟ ଥିବାବେଳେ ଜାନଆରୀ ଶେଷ ସୁଦ୍ଧା ୯୨, ୮୯୪ କୋଟି ଟଙ୍କା ମିଳିଛି। ଅଣଟିକସ ରାଜସ୍ୱ ବାବଦରେ ଧାର୍ଯ୍ୟଲକ୍ଷ୍ୟର ପ୍ରାୟ ୮୦ ପ୍ରତିଶତ ଅର୍ଥ ରାଜକୋଷକୁ ଆସିଥିବାବେଳେ ନିଜସ୍ୱ ଟିକସ ଅର୍ଥ ଆଦାୟ ପରିମାଣ ୬୮ ପତିଶତକୁ ଟପିଯାଇଛି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭାରତ-ଫ୍ରାନ୍ସ ସମ୍ପର୍କ: ପାକିସ୍ତାନ ପାଇଁ ମୁଣ୍ଡବ୍ୟଥା

ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ସାମରିକ ଏବଂ ରଣନୀତିକ ସମ୍ପର୍କ ଦିନକୁ ଦିନ ମଜବୁତ ହେଉଛି। ଏହି ସମ୍ପର୍କ କେବଳ ଦୁଇ ଦେଶର ପାଇଁ ଲାଭଦାୟକ ନୁହେଁ, ବରଂ ଦକ୍ଷିଣ ଏସିଆରେ ଶକ୍ତି ସନ୍ତୁଳନକୁ ପ୍ରଭାବିତ କରୁଛି। ବିଶେଷକରି ପାକିସ୍ତାନ ପାଇଁ ଏହା ଏକ ବଡ଼ ଚିନ୍ତାର ବିଷୟ ହୋଇପଡ଼ିଛି। ଭାରତର ସାମରିକ ଶକ୍ତି ବୃଦ୍ଧି ପକ୍ଷରେ ରହିଛି। ଆଜି ଭାରତ ଫ୍ରାନ୍ସରୁ ରଫାଲ ଯୁଦ୍ଧବିମାନ, ସ୍କର୍ପିନ୍ ସବମେରିନ୍ ଏବଂ ଅନ୍ୟାନ୍ୟ ଉନ୍ନତ ଅସ୍ତ୍ରଶସ୍ତ୍ର କ୍ରୟ କରୁଛି। ନିକଟରେ ଭାରତ ରାଫେଲ ମେରିନ୍ ଯୁଦ୍ଧବିମାନ କ୍ରୟ କରିଛି, ଯାହା ଭାରତର ନୌସେନାକୁ ଆହୁରି ଶକ୍ତିଶାଳୀ କରିବ। ଏହି ଡିଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରେଞ୍ଚ




ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଫଳ। ଏହି ସମ୍ପର୍କ କେବଳ ସାମରିକ ନୁହେଁ, ବରଂ ଅର୍ଥନୈତିକ, ସାଂସ୍କୃତିକ ଏବଂ ପ୍ରଯୁକ୍ତିଗତ କ୍ଷେତ୍ରରେ ମଧ୍ୟ ବ୍ୟାପକ।

ପାକିସ୍ତାନର ସୁରକ୍ଷାକୁ ବିପଦରେ ପକାଇପାରେ ବୋଲି ବିଶ୍ଳେଷକମାନେ ମତ ପ୍ରକାଶ କରୁଛନ୍ତି।

ଭାରତ ଏବଂ ଫ୍ରାନ୍ସର ସମ୍ପର୍କର ମୂଳ ହେଉଛି ସାମରିକ ସହଯୋଗ। ୧୯୯୮ରେ ଭାରତର ପରମାଣୁ ପରୀକ୍ଷଣ ପରେ ଅନେକ ଦେଶ ଭାରତକୁ ପ୍ରତିବନ୍ଧ ଲଗାଇଥିଲେ, କିନ୍ତୁ ଫ୍ରାନ୍ସ ସର୍ବଦା ଭାରତର

ପାକିସ୍ତାନ ପାଇଁ ଏହି ସମ୍ପର୍କ ଏକ ବଡ଼ ଧରଣର ଧମକ। ଭାରତର ସାମରିକ ଶକ୍ତି ବୃଦ୍ଧି ହେତୁ ପାକିସ୍ତାନର ପାରମ୍ପରିକ ସନ୍ତୁଳନ ବିଗିଡ଼ି ଯାଉଛି। ରାଫେଲ ଯୁଦ୍ଧବିମାନର ଉନ୍ନତ ପ୍ରଯୁକ୍ତି ଭାରତକୁ ପାକିସ୍ତାନର ବାୟୁସେନା ଉପରେ ପ୍ରାଧାନ୍ୟ ଦେଉଛି। ନିକଟରେ କାଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଛି। ଭାରତ ଏହି ଆକ୍ରମଣକୁ ପାକିସ୍ତାନ ସମର୍ଥିତ ବୋଲି ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ଭାରତର ପକ୍ଷରେ ରହି ଆତଙ୍କବାଦ ବିରୋଧରେ ସମର୍ଥନ ପ୍ରଦାନ କରିଛି। ଫ୍ରାନ୍ସ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ନେଇ ଭାରତକୁ ଆଶ୍ୱାସନା ଦେଇଛି, ଯାହା ପାକିସ୍ତାନର ସାମରିକ କ୍ଷମତାକୁ ଆହୁରି ଦୁର୍ବଳ କରିବ।

ଏହି ସହଯୋଗ ପାକିସ୍ତାନର ସୁରକ୍ଷା ନୀତିକୁ ପ୍ରଭାବିତ କରୁଛି। ପାକିସ୍ତାନ ଚୀନ୍‌ର ସହାୟତାରେ ନିଜର ସାମରିକ ଶକ୍ତି ବଢ଼ାଉଛି, କିନ୍ତୁ ଭାରତ-ଫ୍ରାନ୍ସ ସହଯୋଗ ଏହାକୁ ପ୍ରତିହତ କରୁଛି। ଜଳ ବିବାଦ ଏବଂ ସୀମା ଉତ୍ତେଜନା ମଧ୍ୟରେ ଭାରତର ଉନ୍ନତ ଅସ୍ତ୍ରଶସ୍ତ୍ର ପାକିସ୍ତାନକୁ ରକ୍ଷଣାତ୍ମକ ସ୍ଥାନରେ ରଖିଛି। ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ଅସମାନତା ପାକିସ୍ତାନକୁ ଆହୁରି ଅନିଶ୍ଚିତତାରେ ପକାଇପାରେ, ଯାହା କ୍ଷେତ୍ରୀୟ ଶାନ୍ତିକୁ ବିପଦରେ ପକାଇବ। ପାକିସ୍ତାନର ଅର୍ଥନୀତି ଦୁର୍ବଳ ହେବା ସହ ସାମରିକ ଖର୍ଚ୍ଚ ବଢ଼ିବା ଏକ ବଡ଼ ସମସ୍ୟା।

ତଥାପି, ଏହି ସମ୍ପର୍କ ଭାରତ ପାଇଁ ଏକ ବରଦାନ। ଏହା ଭାରତର ରକ୍ଷା କ୍ଷମତାକୁ ବଢ଼ାଇବା ସହ ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟ ସମର୍ଥନ ଯୋଗାଇବ। କିନ୍ତୁ କ୍ଷେତ୍ରୀୟ ଶାନ୍ତି ପାଇଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଲୋଚନା ଆବଶ୍ୟକ। ଫ୍ରାନ୍ସ ଭଳି ଦେଶମାନେ ଏହି ଆଲୋଚନାରେ ମଧ୍ୟସ୍ଥତା କରିପାରନ୍ତି। ଶେଷରେ, ଭାରତ-ଫ୍ରାନ୍ସ ସମ୍ପର୍କ ଏକ ନୂତନ ଯୁଗର ସୂଚନା କରୁଛି, ଯାହା ପାକିସ୍ତାନକୁ ନିଜର ନୀତି ପୁନର୍ବିଚାର କରିବାକୁ ବାଧ କରିବ।

# ମୁକ୍ତ ବାଣିଜ୍ୟ ରାଜିନାମାର ବଡ଼ ଲାଭାର୍ଥୀ ହେବ ଓଡ଼ିଶା

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**



ଭାରତରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ମାଡ଼ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ଏହିପରି ଏକ ଆହ୍ୱାନ ଭରା ସମୟ ଭିତରେ ଭାରତ ଓ ବ୍ରିଟେନ ମଧ୍ୟରେ ସ୍ୱାକ୍ଷର ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା। ଦେଶର ବିଭିନ୍ନ କ୍ଷେତ୍ର ଓ ଅଞ୍ଚଳରେ ସମ୍ଭାବନାରେ ନୂତନ ଦ୍ୱାର ଖୋଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସବୁଠାରୁ ବଡ଼ କଥା ହେଲା ଏହାର ବଡ଼ ଲାଭାର୍ଥ ପାଲଟିବାକୁ ଯାଉଛି ଆମ ରାଜ୍ୟ ଓଡ଼ିଶା। ସ୍ଥାୟୀ ବିକାଶ ଏବଂ ଆଖି ଦୃଶିଆ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପଥ ପ୍ରସ୍ତୁତ କରୁଥିବା ଓଡ଼ିଶା ପାଇଁ ଏହି ଏଫଟିଏ ଶିଳ୍ପ ବିକାଶ, ବିଶ୍ୱ ସମନ୍ୱୟ ଏବଂ ଦକ୍ଷତା ବିକାଶ ଉତପ୍ରେରକ ହେବ। ୨୦୦୦୦ ପୃଷ୍ଠା ଏବଂ ଅଗଣିତ ଅଧ୍ୟାୟ ବିଶିଷ୍ଟ ଏହି ରାଜିନାମା ବାଣିଜ୍ୟିକ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବା ସହ ନିୟମାବଳୀକୁ ସରଳ କରିବ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗିତାକୁ ମଜଭୁତ କରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପକୁ ଏହି ଏଫଟିଏର ସର୍ବାଧିକ ଫାଇଦା ମିଳିବ।

ରାଜ୍ୟର ଦୃଢ଼ ଉତ୍ପାଦନ ଆଧାର ଏବଂ ରପ୍ତାନି କ୍ଷମତା ସତ୍ତ୍ୱେ ବ୍ରିଟେନ ବଜାରରେ ପ୍ରବେଶ ଏକ। ନିୟାମକ ଜଟିଳତାରେ ପରିପୂର୍ଣ୍ଣ ରହିଥିଲା। ବିଗତ ଦିନରେ ୟୁକେକୁ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ଅତ୍ୟନ୍ତ କଷ୍ଟକର ହେଉଥିଲା। କିନ୍ତୁ ଏବେ ଏଫଟିଏ ଦ୍ୱାରା ଏସବୁ ଦୂର ହୋଇଯିବ। ବ୍ରିଟେନ ବଜାରରେ ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ପ୍ରବେଶ ସହଜ ହେବ। ବାଧକ ହ୍ରାସ ଏବଂ ସେଠାକାର ବଜାରକୁ ବାଟ ପରିଷ୍କାର ହେବା ଦ୍ୱାରା ୟୁକେ ବଜାରରେ ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପର ଉପସ୍ଥିତି ବୃଦ୍ଧି ପାଇବ। ଏହି ରାଜିନାମାର ବଡ଼ ବିଜେତା ହେଉଛି ସାମୁଦ୍ରିକ ଖାଦ୍ୟ ଶିଳ୍ପ। ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପ ହେଉଛି ବିଶାଳ। ଏଣୁ ରାଜ୍ୟକୁ ମିଳିବ ବଡ଼ ଫାଇଦା। ଓଡ଼ିଶାର ସ୍ପନ୍ଦନଶୀଳ ଏମଏସଏମଇ ଇକୋଷ୍ଟିମ ପାଇଁ ବି ଏ ରାଜିନାମା ବିପୁଳ ସମ୍ଭାବନା ସୃଷ୍ଟି କରିବ। ବିଶ୍ୱ ଦରବାରରେ ଓଡ଼ିଶାର ହସ୍ତଶିଳ୍ପ ଏବଂ ସୃଜନଶୀଳ ଶିଳ୍ପର ଖ୍ୟାତି ରହିଛି। ପିପିଲି ଚାନ୍ଦୁଆ ଠାରୁ ବରଗଡ଼ର ଟସର ଶାଢ଼ୀ, ମାଣିଆବନ୍ଧର ପାଟ ଶାଢ଼ୀ ଠାରୁ ଶୁଖୁଆପଡ଼ାର ପଥର ସୃଜନ ଶିଳ୍ପ ସାମଗ୍ରୀ ବିଶ୍ୱର ଅନେକ ଦେଶରେ ପହଞ୍ଚି ପାରିଛି। ୟୁକେକୁ ରପ୍ତାନିରେ ଶୂନ ଶୁଳ୍କ ଓଡ଼ିଆ ଉତ୍ପାଦଗୁଡ଼ିକର ପ୍ରତିସ୍ପର୍ଦ୍ଧା ବଢ଼ାଇବ। ଏସବୁ ସାମଗ୍ରୀରେ ଶୁଳ୍କ ଉଚ୍ଛେଦ ଦ୍ୱାରା ଏଗୁଡ଼ିକର ପ୍ରତିସ୍ପର୍ଦ୍ଧା ପୂର୍ବାପେକ୍ଷା ଅଧିକ ବଢ଼ିବ। ଫଳରେ ବୁଣାକାର, ଶିଳ୍ପ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ମିଳିବ ସିଧାସଳଖ ଲାଭ। ଅନ୍ତର୍ଜାତୀୟ ବଜାରରେ ପହଞ୍ଚ ବୃଦ୍ଧି ଯେଉଁ ଏମାନଙ୍କ ଜୀବନ ମାନରେ ଆସିବ ଉନ୍ନତି। ପାରମ୍ପରିକ ସାମଗ୍ରୀ ସହିତ ଏଫଟିଏ ମଧ୍ୟ ଅତ୍ୟାଧୁନିକ ଏବଂ ଭବିଷ୍ୟତମୁଖୀ କ୍ଷେତ୍ର ଗୁଡ଼ିକ ପାଇଁ ନୂଆ ସମ୍ଭାବନା ଆଣିଛି। ଯେହେତୁ ଓଡ଼ିଶାରେ ଏକ ବିରଳ ଖଣିଜ କରିଡ଼ର ହେବାକୁ ଯାଉଛି ଏ ରାଜି ନାମା ଦୁଇ ଦେଶ ମଧ୍ୟରେ ସହଯୋଗିତା ପାଇଁ ବାଟ ସୃଷ୍ଟି କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଫଟିଏର ପ୍ରଭାବ କେବଳ ସାମଗ୍ରୀ ଏବଂ ଶିଳ୍ପ ମଧ୍ୟରେ ସୀମିତ ନାହିଁ। ଏହା ମଧ୍ୟ ଅର୍ଥନୈତିକ ସହଯୋଗିତାରେ ନାଗରିକ ଏବଂ ସେବାକୁ ସ୍ଥାନିତ କରିଛି। ଓଡ଼ିଶା ଯେପରି ଏହି ରାଜିନାମାରୁ ସୃଷ୍ଟି ହେବାକୁ ଥିବା ସମ୍ଭାବନାର ପୂର୍ଣ୍ଣ ଲାଭ ଉଠାଇ ପାରିବ, ସେଥିପାଇଁ ବ୍ରିଟେନ ରାଜ୍ୟରେ ଦକ୍ଷତା ବିକାଶ ଏବଂ କ୍ଷମତା ନିର୍ମାଣ ପଦକ୍ଷେପରେ ବି ଆଗକୁ ବଢ଼ିଛି। ଏଥିପାଇଁ ସର୍ବପ୍ରଥମେ, ଭୁବନେଶ୍ୱରରେ ଏକ କେମ୍ବ୍ରିଜ ଆସେସମେଣ୍ଟ ସେଣ୍ଟର ସ୍ଥାପନ କରାଯିବ। ଏହା ବିଶ୍ୱସ୍ତରରେ ମାନ୍ୟତା ପ୍ରାପ୍ତ ଇଂରାଜୀ ଭାଷା ପ୍ରମାଣନ ପ୍ରଦାନ କରିବ। ବିଶେଷ କରି ମହିଳା ଏବଂ ଗ୍ରାମୀଣ ସମୁଦାୟଙ୍କ ମଧ୍ୟରେ କମ୍ୟୁନିକେଶନ ଏବଂ ଧନ୍ଦାମୂଳକ ଦକ୍ଷତାକୁ ମଜଭୁତ କରି ଏହି ପଦକ୍ଷେପ ଅନ୍ତରାଷ୍ଟ୍ରୀୟ ପ୍ରଯୁକ୍ତି ଏବଂ ସେବା କ୍ଷେତ୍ର ନିବେଶ ପାଇଁ ଓଡ଼ିଶାକୁ ଏକ ଉପଯୁକ୍ତ ସ୍ଥଳ ଭାବେ ପ୍ରସ୍ତୁତ କରିବ।

ଏହି ଏଫଟିଏ ଦ୍ୱାରା ସ୍ୱଚ୍ଛ ଶକ୍ତି ଏବଂ ନିରନ୍ତର ବିକାଶକୁ ବି ବଳ ମିଳିବ। ଭୁବନେଶ୍ୱରରେ ନେଟ ଜିରୋ ପ୍ଲାନିଂ ଏବଂ ସ୍ଥାୟୀ ସହରାଞ୍ଚଳ ପରିବହନ ସମାଧାନ ଉପରେ ପୂର୍ବରୁ ହିଁ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରୁଛି ୟୁକେ। ଆଇଏମଏଟି ଭଳି ଏକ ଗ୍ରୀନ ଇଞ୍ଜିନିୟର ଆକ୍ରିଡ଼େସନ ପ୍ରତିଷ୍ଠାନ ଆସିବା ଦ୍ୱାରା ଓଡ଼ିଶାର ସବୁଜ କାର୍ଯ୍ୟଶକ୍ତିଙ୍କ ପେସାଦାର ମନୋଭାବ ବଢ଼ିବ। ଏକତ୍ର ଭାବେ ଏସବୁ ଉଦ୍ୟମ ନିଶ୍ଚିତ କରିବ ଯେ, ରାଜ୍ୟର ଶିଳ୍ପ ଏବଂ ସହରାଞ୍ଚଳ ଅଭିବୃଦ୍ଧି ବିଶ୍ୱ ଜଳବାୟୁ ପ୍ରତିବଦ୍ଧତା ସହ ସମାନ୍ତରାଳ ରହିବ। ଭାରତ ଏବଂ ୟୁକେ ସହଯୋଗିତା ଦ୍ୱାରା ରାଜ୍ୟରେ ଅର୍ଥନୈତିକ ବିକାଶର ଏକ ନୂଆ ଅଧ୍ୟାୟ ଦେଖିବାକୁ ମିଳିବ। ଆଗାମୀ ଦଶନ୍ଧିରେ ଏହି ରାଜ୍ୟ ଆକର୍ଷଣୀୟ ଅଭିବୃଦ୍ଧି ନେଇ ବଢ଼ିବ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**



# ପରପାରିକୁ ଫୁର୍ କିନା ଉଡ଼ିଗଲେ ସଂଗୀତ ଦୁନିଆର ବଣି

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**





ଗୀତା ପଟ୍ଟନାୟକ ଜଣେ ପ୍ରଚ୍ଛଦପଟ ଓଡ଼ିଆ ଗାୟିକା। ସେ ଡିସେମ୍ବର ୧୦ତାରିଖରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ମାଆଙ୍କ ନାମ ହେମଲତା ପଟ୍ଟନାୟକ। ଗୀତାଙ୍କ ବାପା ଜଣେ ଏଗ୍ରିକଲଚର ଇଞ୍ଜିନିୟର ଥିଲେ। ତାଙ୍କ ଜେଜେ ବାପା ପ୍ରଥମେ ଓଡ଼ିଶାରେ ଫୁଟବଲ ମ୍ୟାଚ ଆରମ୍ଭ କରିଥିଲେ। କଟକସ୍ଥିତ ସତ୍ୟବ୍ରତ ଷ୍ଟାଡ଼ିୟମ ମଧ୍ୟ ତାଙ୍କ ଜେଜେ ବାପାଙ୍କ ନାମରେ ନାମିତ। ତାଙ୍କ ପରିବାର ପ୍ରାୟ ଗୀତ ପ୍ରତି ରୁଚି ରହିଥିଲା ତଥା ଗୀତ ଗାନ କରୁଥିଲେ। ତାଙ୍କ ମାଆ ଏବଂ ମାଉସୀ ମଧ୍ୟ ଗୀତ ଶିଖିଥିଲେ। ଗୀତାଙ୍କ ବାପାଙ୍କର ମଧ୍ୟ ଗୀତ ପ୍ରତି ସଉକ ଥିଲା। ତେଣୁ ଗୀତ ପ୍ରତି ତାଙ୍କର ପିଲାଦିନୁ ଆଗ୍ରହ ସୃଷ୍ଟି ହୋଇଥିଲା। ୧୯୫୪ ଡିସେମ୍ବର ୧୦ରେ ଜନ୍ମିତ ଗୀତା ପ୍ରଥମେ ରେଡ଼ିଓରୁ ଲତା ମଙ୍ଗେସକରଙ୍କ ଗୀତ ଶୁଣି ସଙ୍ଗୀତ ଦୁନିଆରେ ପ୍ରବେଶ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। କଟକ ମହାନ୍ତିପଡ଼ା (କାଫ୍‌ଲା ବଜାର) ଝିଅ ଗୀତା ସନତ ନଳିନୀ ଗାର୍ଲ୍‌ସ ହାଇସ୍କୁଲରେ ପଢ଼ିଥିଲେ ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ହାସଲ କରି କଲେଜ ପାଠ ସାରିଥିଲେ। ଗୁରୁ କ୍ଷିତୀଶ ମୈତ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାଲାଭ ପରେ ଆକାଶବାଣୀର ଶିଶୁସଂସାର ଓ କିଶୋରଚକ୍ରରେ ଗୀତଗାଇ ନିଜର ପରିଚୟ ଯୋଗାଡ଼ିଲେ। ଘରେ ମାଆ ଓ ମାଉସୀ ଥିଲେ ସଙ୍ଗୀତ ସାଧିକା; ସେମାନଙ୍କ ପୁରୁଣା ହାରମୋନିୟମ୍ ଧରି ନିଜେ ଗୀତ ଅଭ୍ୟାସ କରିବା ପରେ ଗଲେ କଳାବିକାଶ କେନ୍ଦ୍ର। ପହିଲେ ରଘୁ ନନ୍ଦ ପରେ ରାଖାଲ ମହାନ୍ତି ଏବଂ ତା'ପରେ ବାଳକୃଷ୍ଣ ଦାସଙ୍କଠାରୁ ଗୀତ ଶିଖିଲେ ଛଅବର୍ଷ। ଶେଷ ବର୍ଷ ବେଳକୁ ତାଙ୍କର ସ୍କୁଲରେ ଦଶମ ଶ୍ରେଣୀ ଓ ବୟସ ୧୫ ମାତ୍ର। ୧୯୬୯ରେ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଶୀ 'ଛାୟାବାଣୀ ପ୍ରତିଷ୍ଠାନ' ବ୍ୟାନରରେ ଓଡ଼ିଆ ସିନେମା 'ଅଦିନ ମେଘ' ତିଆରି କଲେ ଏବଂ ସେଥିରେ ଏକ କୋରସ୍ ଗୀତ 'ଏଇ ଆମରି ଗାଁ..'ର ଲିଡ୍‌ରେ ଗାଇଲେ ଗୀତା ଓ ଗୀତଟି ଥିଲା ନାୟିକା ଝରଣା ଦାସଙ୍କ ପାଇଁ। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ବାଳକୃଷ୍ଣ ଦାଶ ଏବଂ ରିହର୍ସଲ ବେଳେ ଭେଟହେଲେ ଅକ୍ଷୟ ମହାନ୍ତି (ଖୋକାଭାଇ)। ୧୯୭୦ରେ ରିଲିଜ୍ ହେଲା 'ଅଦିନମେଘ' ଏବଂ ସେହିବର୍ଷ ମାଟ୍ରିକ୍ ପାସ୍ କରି ଗୀତା ଶୈଳବାଳା ମହିଳା କଲେଜ୍‌ରେ ପଢ଼ିଲେ।

ଗୀତା ପ୍ରଥମେ ରେଡ଼ିଓରୁ ଲତାମଙ୍ଗେସକରଙ୍କ ଗୀତ ଶୁଣି ନିଜେ ନିଜେ ଗାୟିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଗୀତ ଶିଖୁଥିଲେ। ଦିନେ ସେ ତା ସାଙ୍ଗରେ ଯାଇ ଗୁରୁଙ୍କ ନିକଟରେ ଗୀତ ଗାଇଲେ। ତାଙ୍କୁ ଗୁରୁ କହିଲେ ତୁ ଭଲ ଗାଉଛୁ ଅଭ୍ୟାସ କଲେ ନିଶ୍ଚିତ ଭଲ ହେବ। ସେବେଠାରୁ ଗୀତାଙ୍କର ବଢ଼ିଯାଇଥିଲା ସଙ୍ଗୀତ ଆଗ୍ରହ। ଆଉ ତାପରେ ତାଙ୍କର ପାଦ ଅଟକି ନଥିଲା। ସେ ୧୯୭୫ କଟକ କଳା ବିକାଶ କେନ୍ଦ୍ରରେ ଆଡ଼ମିଟ ହୋଇଥିଲେ। ତାଙ୍କର ପ୍ରଥମ ଗୁରୁ ଥିଲେ ରଘୁନନ୍ଦ ତା ପରେ ରାଖାଲ ଚନ୍ଦ୍ର ମହାନ୍ତି ଓ ବାଳକୃଷ୍ଣ ଦାସଙ୍କଠାରୁ ଗୀତ ଶିଖିଥିଲେ। କଳା ବିକାଶ କେନ୍ଦ୍ରରେ ଛଅବର୍ଷ ଗୀତ ଶିଖିଥିଲେ। ଆଉ ସେଠାରୁ ସଙ୍ଗୀତ ଭୂଷଣ ପାଶ୍ କରିଥିଲେ। ତାପରେ ଶିଶୁ ସଂସାର ଓ କିଶୋର ଚକ୍ରରେ ନିୟମିତ ଗୀତ ଗାଇବା ଆରମ୍ଭ କରିଥିଲେ। ସେ ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱିକୃତୀ ପ୍ରାପ୍ତ କଣ୍ଠଶିଳ୍ପୀ ହୋଇଥିଲେ। ଆକାଶବାଣୀରେ ତାଙ୍କର ପ୍ରଥମ ଗୀତ ଥିଲା ଜଗବନ୍ଧୁ ପରି ଜଣେ ସାମନ୍ତ। ତା ପରେ ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗୀତ ଗାଇଥିଲେ ବଜାନା ବଜାନା ବେଣୁ...। ତା ପରେ ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ବହୁତ ଗୀତ ଗାଇଥିଲେ। ସେ ମାତ୍ର ପନ୍ଦର ବର୍ଷ ବୟକ୍ଷରେ 'ଅଦିନ ମେଘ' ଚଳଚ୍ଚିତ୍ରରେ ପ୍ରଥମ ପ୍ରଚ୍ଛଦପଟ ଗାୟିକା ଭାବେ ଗୀତ ଗାଇଥିଲେ। ସେ ମଧ୍ୟ ଦିଲ୍ଲୀ ପିସିସି ଆକାଶବାଣୀରେ କଣ୍ଠଦାନ କରିଛନ୍ତି। ସେ କେବଳ ଓଡ଼ିଆ ଭାଷା ନୁହେଁ ବରଂ ହିନ୍ଦୀ ,ଗୁଜରାଟି, ରାଜସ୍ଥାନୀ ଓ ମରାଠୀ ଭାଷାରେ ମଧ୍ୟ ଗୀତ ଗାଇଛନ୍ତି। ସେ ଭଜନ, ଜଣାଣ, ପଲ୍ଲୀଗୀତ, ଛାନ୍ଦ, ଚମ୍ପୁ, ଆଧୁନିକ ଗୀତ ଓ ବିଭନ୍ନ ଚଳଚ୍ଚିତ୍ରରେ କଣ୍ଠଦାନ କରି ଓଡ଼ିଶାରେ ନୁହେଁ ଭାରତ ବାହାରେ ମଧ୍ୟ ସଫଳତା ଅର୍ଜନ କରିଛନ୍ତି। ତାଙ୍କ ସଙ୍ଗୀତ ଜୀବନରେ ତାଙ୍କ ବଡ଼ ଭଉଣୀ ଇନ୍ଦିରା ପଟ୍ଟନାୟକଙ୍କୁ ତାଙ୍କର ପ୍ରେରଣା ବୋଲି କୁହନ୍ତି।

ଗୀତା ପଟ୍ଟନାୟକଙ୍କ ଲୋକପ୍ରିୟ ଗୀତ ଗୁଡିକ ଆଜି ମଧ ସହର ଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଲୋକଙ୍କ ମୁଖରୁ ଶୁଣିବାକୁ ମିଳେ। ଓଡ଼ିଆ ଚଳଚ୍ଚିତ୍ର ମଧ୍ୟରୁ 'ଯାଯାବର' ଚଳଚ୍ଚିତ୍ରର - ଫୁର କିନା ଉଡ଼ିଗଲା ବଣି ଓ ମନ ମୋର ଏକା କାଗଜର ନାଆ ଖୁବ୍ ଲୋକପ୍ରିୟ। 'ନାଗଫାଶ' ଚଳଚ୍ଚିତ୍ରର - ନଦୀ ଫେରେ ସାଗରକୁ। 'ତଅପୋଇ' - ଚଳଚ୍ଚିତ୍ରର ଭିଣଇବାବୁ ଭିଣଇବାବୁ, ପଇଡ଼ରେ ପାଣି ଡାବୁ ଡାବୁ। 'ଆହୁତି' ଚଳଚ୍ଚିତ୍ରର - ହୃଦୟକୁ କରିଦିଅ ପାନ୍ଥଶାଳା। 'ଅଦିନ ମେଘ ' ଚଳଚ୍ଚିତ୍ରର - ଏଇ ଆମରି ଗାଆଁ। 'ସଂସାର' ଚଳଚ୍ଚିତ୍ରର - ଆଲୋ କଳାଶାରୀ କିଏ ତୋ ଶୁଆ। 'ଅକ୍ଷୟତୃତୀୟା' ଚଳଚ୍ଚିତ୍ରର ଦୈତ କଣ୍ଠେରେ ଗାଇଥିବା - 'ଏଇ ତାର ଭରା ଜହ୍ନ ରାତି .... ଗୀତଟି ବେଶ୍ ଲୋକପ୍ରିୟ ହୋଇଥିଲା। 'ଅଶାନ୍ତ ଗ୍ରହ' ଚଳଚ୍ଚିତ୍ରର - ବିଶ୍ୱ ଦେଖ ମଧୁମୟରେ ଜୀବନ। 'ଅକ୍ଷୟ ତୃତୀୟା' - ଆ ବଉଳ ବହୂ ବହୂକା ଖେଳ ଖେଳିବା। ୧୯୭୦ରୁ ଓଡ଼ିଆ ସଙ୍ଗୀତ ଜଗତରେ ଶୁଣିବାକୁ ମିଳିଥିଲା ଗୀତା ପଟ୍ଟନାୟକଙ୍କ ସୁଲଳିତ ସ୍ୱର। ସୋଲୋ , ଡୁଏଟରେ ତାଙ୍କର କଣ୍ଠ ସମସ୍ତଙ୍କ ମନକୁ ଛୁଏଁ। ବିଶେଷ କରି ଖୋକାଭାଇ ତଥା ଅକ୍ଷୟ ମହାନ୍ତିଙ୍କ ସହ ତାଙ୍କର ଡୁଏଟ ଭାରି ଲୋକପ୍ରିୟ। ଅନେକ ଗୀତ ଭିତରୁ ସୋଲୋରେ 'ଏମିତି ପୁଅକୁ ମୁଁ ବାହା ହୁଅନ୍ତି, ' ବାହା ମୁଁ ହେବି', 'ମୋ ଦେହର', ଏବଂ ଡୁଏଟରେ 'ଏ ଦୁନିଆରେ କେହି ନା କେହି'..,ଯୌତୁକ ନେବା', 'ନାଗରରେ ମୋର', 'ତୋ ବଇଁଶୀ' ବେଶ୍ ଲୋକପ୍ରିୟତା ସାଉଁଟିଥିଲା। ତାଙ୍କ ସଙ୍ଗୀତ ଜୀବନ ପାଇଁ ସେ ବହୁ ମାନ ସମ୍ମାନ ରେ ସମ୍ମାନିତ ହୋଇଥିଲେ। 'ଅଶାନ୍ତ ଗ୍ରହ' ଚଳଚ୍ଚିତ୍ରର 'ବିଶ୍ୱ ଦେଖ ମଧୁମୟରେ ଜୀବନ' ....ଗୀତ ପାଇଁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। 'ଅକ୍ଷୟ ସାହିତ୍ୟ ସମ୍ମାନ' ଏବଂ 'ଅକ୍ଷୟ ସଙ୍ଗୀତ ସମ୍ମାନ'ରେ ମଧ ସେ ପୁରସ୍କୃତ ହୋଇଥିଲେ।

କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ କଳା ବିକାଶ କେନ୍ଦ୍ରରେ ବାଳକୃଷ୍ଣ ଦାସ, ରାଖାଲ ମହାନ୍ତିଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତ ଓ ସୁଗମ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିବା ଗୀତା ପଟ୍ଟନାୟକ ଅଦିନମେଘ ଚଳଚ୍ଚିତ୍ରରେ ଏଇ ଆମରି ଗାଁ ଗୀତରୁ କଣ୍ଠଶିଳ୍ପୀ ଭାବେ ଲୋକ ଲୋଚନକୁ ଆସିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅକ୍ଷୟ ମହାନ୍ତିଙ୍କ ମାଧମରେ ପ୍ରଚ୍ଛଦପଟ ଗାୟିକା ଭାବେ ବହୁ ଲୋକପ୍ରିୟ ଗୀତ ଗାଇଛନ୍ତି। ନାଗ ଫାସ, ଜାଜାବର, ମଥୁରା ବିଜୟ, ଅଶାନ୍ତ ଗ୍ରହ ଭଳି ବହୁ ଚଳଚ୍ଚିତ୍ରରେ ସେ ତାଙ୍କର କଣ୍ଠଦାନ କରିଛନ୍ତି। ଆରେ ଆରେ ଫୁର୍ କିନା ଉଡି ଗଲା ବଣି, ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୂବନ କାହାମୁଖ ଅନାଇଁ ବଞ୍ଚିବି(ମଥୁରାମଙ୍ଗଳ), ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନିଡ଼େ(ନାଗଫାଶ), ଏମିତି ପୁଅକୁ ମୁଁ ବାହା ହୁଅନ୍ତି ସକାଳୁ ସଞ୍ଜ ଉଠ୍ ବସ୍ କରନ୍ତି ଭଳି ଗୀତ ସେତେବେଳେ ବହୁ ଲୋକପ୍ରିୟତା ହାସଲ କରିଥିଲା। ଦୂରଦର୍ଶନ ଓ ରେଡିଓରେ ଶହସ୍ରାଧିକ ଗୀତ ସେ ଗାଇଛନ୍ତି। ପଲ୍ଲୀଗୀତ ବିଭାଗ ହେଉ ଅବା ଓଡିଶୀ, ଛାନ୍ଦ ଚମ୍ପୁ ସବୁଥିରେ ଗୀତା ପଟ୍ଟନାୟକ କଣ୍ଠ ଦାନ କରିଛନ୍ତି। ଓଡ଼ିଶା ସଙ୍ଗୀତ ଇତିହାସରେ ସୁବର୍ଣ୍ଣ ଯୁଗର ପ୍ରସିଦ୍ଧ କଣ୍ଠଶିଳ୍ପୀ ଥିଲେ ସେ। ଅକ୍ଷୟ ମହାନ୍ତି, ବାସୁଦେବ ରଥ, ରାଖାଲ ମହାନ୍ତି, ପ୍ରଫୁଲ୍ଲକର, ସ୍ୱରୁପ ନାୟକ, ବାଳକୃଷ୍ଣ ଦାସ, ରଘୁନାଥ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ସେ ଅନେକ ଲୋକପ୍ରିୟ ଗୀତ ଗାଇଛନ୍ତି। ଏଇ ତାରା ଭରା ଜହ୍ନ ରାତି, ଝୁମି ଝୁମି ଝିମି ଯାଏ ବିତି , ହଁ ଲୋ ହଁ ଖୁଦ ରଙ୍ଗୁଣୀ, ମାଣ୍ଡିଆ କଙ୍କଡ଼ା ବେସର ପାଣି, ଆସିଲ ଏ ମିତ ଭଲ ହେଲା, ଏତେ ଦିନକେ ଦେଖା ହେଲା, ଜେନା ଘର ଛେନା ମଣ୍ଡା ଭଳି ଗୀତ ଏବେ ଯିଏ ଶୁଣିବ ସତରେ ସେ ଅନୁଭବ କରି ପାରିବ ସେତେବେଳର ଆମ ଓଡିଆ ପରମ୍ପରା କେମିତି ଥିଲା ଆଉ ସେଇ ଗୀତ ଗୁଡିକର ଶ୍ରେୟ ପାଇଁ ଗୀତା ପଟ୍ଟନାୟକଙ୍କ ନାମ ସର୍ବ ପ୍ରଥମେ ଆସେ। ତେବେ ସେହି ପ୍ରିୟ ଗାୟୀକା ଆମ ସମସ୍ତଙ୍କ ପ୍ରିୟ ଗୀତା ପଟ୍ଟନାୟକ ଆଉନାହାନ୍ତି ଆମ ଗହଣରେ। ତାଙ୍କ ଦେହାନ୍ତ ଓଡ଼ିଆ ସଙ୍ଗୀତ ଜଗତରେ ଅପୂରଣୀୟ କ୍ଷତି ହୋଇଛି ନିଶ୍ଚୟ। ବ୍ରେନଷ୍ଟ୍ରୋକର ଶିକାର ହୋଇ ଗତ ପବିତ୍ର ଜାଗର ତଥା ମହାଶିବରାତ୍ରି ୧୫ ଫେବୃଆରୀ ରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ପ୍ରଥମେ ତାଙ୍କ ଅସୁସ୍ଥତାର ଖବର ସଙ୍ଗୀତ ଏବଂ ଅଭିନୟ ଜଗତରେ ବିଜୁଳି ବେଗରେ ବ୍ୟାପୀଯିବା ପରେ ସମସ୍ତ ତାଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ହେଲେ ଆଜି ପୁଣିଥରେ ତାଙ୍କୁ ଆଉ ଏକ ଷ୍ଟ୍ରୋକ କାଳ ହୋଇଥିଲା , ଫଳରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

**ଅରଙ୍ଗାବାଦ ବରୀ ଯାଜପୁର**

**ମୋବାଇଲ: ୮୨୪୯୫୦୨୭୭୬**

# ରାଜ୍ୟସଭା ନିର୍ବାଚନର ଛକାପଞ୍ଝା

**ବୁଦ୍ଧରାମ ସାହୁ**

ନିକଟରେ ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନ ଆସନ୍ନ ପ୍ରାୟ। ଏଥର ରାଜ୍ୟସଭାକୁ ବିଜୟୀ ହେବାକୁ ହେଲେ ସମୁଦାୟ ଚାରିଜଣ ପ୍ରାର୍ଥୀ ପାଇଁ ବିଧାନସଭା ସଭ୍ୟଙ୍କ ଏକ ପଞ୍ଚମାଂଶ ଅର୍ଥାତ୍ ଅତିକମ୍‌ରେ ୩୦ଟି ସଭ୍ୟଙ୍କ ଭୋଟ ପାଇବା ଆବଶ୍ୟକ। ବିଧାନସଭାରେ ବିରୋଧୀ ଦଳରେ ବି.ଜ.ଦ-୫୦, କଂଗ୍ରେସ-୧୪ ଓ ବାମପନ୍ଥୀ କମ୍ୟୁନିଷ୍ଟ ଦଳ-୧କୁ ମିଶାଇଲେ ସେମାନେ ୬୫ ବିଧାୟକ ହେବେ ଏବଂ ସୁରୁଖୁରୁରେ ୨ଟି ଆସନରେ ବିଜୟୀ ହୋଇପାରିବେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଉଭୟଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ସମସ୍ୟା ଯୋଗୁଁ ମେଣ୍ଟ ହେବା ସମ୍ଭାବନା କ୍ଷୀଣ। ଏପରି ସ୍ଥିତିରେ ବୃହତ୍ତର ଦଳ ହିସାବରେ ବି.ଜେ.ଡି ଦଳର ସୁପ୍ରିମୋ କଂଗ୍ରେସ ଦଳର କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ନିର୍ଯ୍ୟାସରେ ଉପନୀତ ହେବା ନିହାତି ଆବଶ୍ୟକ।

ନୂଆପଡ଼ା ଉପନିର୍ବାଚନରେ ବିଜୟୀ ବିଧାୟକଙ୍କୁ ମିଶାଇଲେ ବି.ଜେ.ପି.ର ୭୯ ଏବଂ ୩ଜଣ ସ୍ୱାଧୀନ ସଭ୍ୟଙ୍କ ସମର୍ଥନ ଦେଲେ ସେମାନେ ୮୨ରେ ପରିଣତ ହେବେ। ରାଜ୍ୟସଭା ଭୋଟ ଜିତିବାକୁ ହେଲେ ବି.ଜେ.ପି.ର ୨ଟି ଏବଂ ବି.ଜେ.ଡି.ର ଗୋଟିଏ ଆସନ ସହଜରେ ହାସଲ ହୋଇପାରିବ। ତାପର ସଂଖ୍ୟା ହିସାବ କଲେ ବି.ଜେ.ପି.ର ୨୨ଟି ଏବଂ ବି.ଜେ.ଡି.ର ୨୦ଟି ଭୋଟ ବଳକା ରହିବ। ବି.ଜେ.ପି.ର ଆଉ ୮ଟି ଭୋଟ ଆବଶ୍ୟକ ହେଲେ ସେ ତାର ୪ର୍ଥ ପ୍ରାର୍ଥୀଙ୍କୁ ମଧ ବିଜୟୀ କରିପାରିବ। ତେଣୁ ଶାସକ ଦଳ ଅନ୍ୟ ଦଳୀୟ ଭୋଟ ପାଇ ଘୋଡ଼ା ବେପାର ନିଶ୍ଚୟ କରିପାରେ। ଅପର ପକ୍ଷରେ ଯଦି ବି.ଜେ.ଡି. ଓ କଂଗ୍ରେସ ମିଶିଯାଆନ୍ତି ତେବେ ୬୪ ଭୋଟ ପାଇ ଚତୁର୍ଥ ପ୍ରାର୍ଥୀ ନିଶ୍ଚୟ ବିଜୟୀ ହେବେ, ଏଥିରେ ସନ୍ଦେହ ନାହିଁ।

ଏଠାରେ ସୂଚାଇ ଦେବାକୁ ଚାହେଁ ଯ, ଗତ ବି.ଜେ.ଡି. ଶାସନ ସମୟରେ କେନ୍ଦ୍ରରେ ବି.ଜେ.ପି. ସରକାର ଥିବା ଯୋଗୁଁ ପରିସ୍ଥିତିରେ ପଡ଼ି ବାଧ ହୋଇ ବି.ଜେ.ପି. ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବି.ଜେ.ଡି. ସମର୍ଥନ ଦେଇଥିଲା। କିନ୍ତୁ ବର୍ତ୍ତମାନ ବି.ଜେ.ଡି. ବିରୋଧୀ ଦଳରେ ଥିବାରୁ ସେଭଳି ସମର୍ଥନ ଦେବାର କୌଣସି ଆବଶ୍ୟକତା ନାହିଁ। ଅପରନ୍ତୁ ବି.ଜେ.ପି. ଦଳ ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ସମୟ ଶାସନରେ ଥିଲେ ମଧ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କିମ୍ବା ନିଗମ କର୍ମକର୍ତ୍ତା ପ୍ରଦାନ ନ କରିବା ଯୋଗୁଁ, ସେମାନଙ୍କର ଅନ୍ତର୍ନିହିତ ବିଦ୍ରୋହ ଯେ ଚରମ ସୀମାରେ ପହଞ୍ଚିଲାଣି। ଏହା କାହାକୁ ଅଛପା ନାହିଁ। ତେଣୁ ବି.ଜେ.ପି ଦଳ ଯେ ଆବଶ୍ୟକ ପଡ଼ିଲେ ଘୋଡ଼ା ବେପାରରେ ସାମିଲ୍ ନହେବେ ତାହା କୁହାଯାଇ ନପାରେ।

ବି.ଜେ.ପି ଦଳର ପ୍ରାର୍ଥୀ ସମସ୍ୟା ଅପେକ୍ଷା ବି.ଜେ.ଡି. ଦଳରେ ସେ ସମସ୍ୟା ନାହିଁ ତାହା କୁହାଯାଇ ନପାରେ। ଗତ ୩/୪ଟି ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନରେ ଦଳୀୟ ସଂଗଠନରେ ଏବଂ ଦଳୀୟ ଅନୁଗତ୍ୟ ନଥିବା ଶ୍ରୀ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ଏବଂ ଅଚ୍ୟୁତ ସାମନ୍ତ ସମେତ ଶ୍ରୀ ସୁଜିତ କୁମାର ଓ ମମତା ମହନ୍ତ ପ୍ରମୁଖ ଦଳ ସଂଗଠନରେ ସାମିଲ୍ ନଥିଲେ। ତେଣୁ ନିର୍ଭିକ ଭାବେ ଦଳ ପରିତ୍ୟାଗ କଲେ। ଶୁଣାଯାଏ ଯେ, ସେମାନେ ସମସ୍ତେ ଦଳର ଚର୍ଚ୍ଚିତ ନେତାଙ୍କ ସମର୍ଥକ ଥିଲେ ତେଣୁ ଦଳକୁ ବିଶ୍ୱାସଘାତକତା କରିବାକୁ ପଶ୍ଚାତପଦ ହେଲେନାହିଁ।

ରାଜ୍ୟସଭାଟି ପାର୍ଲାମେଣ୍ଟର ଉଚ୍ଚ ସାମ୍ବିଧାନିକ ସଦନ। କୌଣସି ପରିସ୍ଥିତିରେ ମଧ ରାଜ୍ୟସଭାଟି ଭଙ୍ଗ କରାଯାଇ ନପାରେ। ଦେଶରେ ନିର୍ବାଚନ ହେଲେ କିମ୍ବା ଜରୁରୀ ପରିସ୍ଥିତି ଜାରି ହେଲେ ମଧ ରାଜ୍ୟସଭା ସଦସ୍ୟ ମାନଙ୍କ ସ୍ଥିତି ଜାହିର ଥାଏ। ବିଧାନସଭାରୁ ନିର୍ବାଚିତ ସଭ୍ୟମାନେ



ନିର୍ବାଚନ ପରେ ବିଧାୟକ ଚାହିଁଲେ ମଧ ତାଙ୍କୁ ଫେରେଇ ଆଣିପାରିବେ ନାହିଁ। ଏ କ୍ଷେତ୍ରରେ ତାଙ୍କର ଇସ୍ତଫା ଦେବା ଜରୁରୀ। ତେଣୁ ରାଜ୍ୟସଭାକୁ ଥଇଥାନ କେନ୍ଦ୍ର କରାଯିବାଟା ଭାରତୀୟ ସମ୍ବିଧାନ ପ୍ରତି ଅସମାନ୍ୟ କରାଯିବା ସଙ୍ଗେ ସମାନ। ବିଗତ ଦିନରେ ରାଜ୍ୟ ବିଧାନସଭାରୁ ନିର୍ବାଚିତ ହୋଇଥିବା ସର୍ବଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଅଚ୍ୟୁତ ସାମନ୍ତ, ବିଷ୍ଣୁ ଦାସ, କିଶୋର ମହାନ୍ତି, ପ୍ରତାପ କେଶରୀ ଦେବ, ଅନୁଭବ ମହାନ୍ତି ଓ ସୁବାସ ସିଂହ ପ୍ରମୁଖଙ୍କୁ ବିନା କାରଣରେ ଫେରାଇ ଅଣା ଯାଇଥିଲା। ଏହା କେତେଦୂର ସାମ୍ବିଧାନିକ ନିଷ୍ପତ୍ତି ନା ଥଇଥାନ କେନ୍ଦ୍ର ତାହା ବୁଝିହୁଏନା।

ବିଗତ ୧୯୯୦ରେ ଯେତେବେଳେ ଜନତା ଦଳ ସରକାରରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ସେ ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ଦଳୀୟ ସଂଗଠନରୁ ହିଁ ଆବିଷ୍କାର କରିଥିଲେ। ଯେଉଁମାନେ କେବେ ବି ଦଳୀୟ ପ୍ରାର୍ଥୀ ହୋଇନାହାଁନ୍ତି କି କୌଣସି ନିର୍ବାଚନରେ ପରାଜୟ ହେବାର ନଜିର ନାହିଁ ସେମାନେ ହେଲେ ସର୍ବଶ୍ରୀ ଶାରଦା ପ୍ରସାଦ ମହାନ୍ତି, ନରେନ୍ଦ୍ର ପ୍ରଧାନ, ରାହାସ ବାରିକ, ସନାତନ ବିଶି, ବସନ୍ତ ଦାସ, ପ୍ରଭାତ ସାମନ୍ତରାୟ, ସୁଶ୍ରୀ ଦେବୀ ଓ ମୀରା ଦାସ ପ୍ରମୁଖ। ଏମାନେ ବିଜୁବାବୁଙ୍କ ସାଂଗଠନିକ କ୍ଷେତ୍ରରେ ବହୁ ଭାବରେ ଜଡ଼ିତ ଥିଲେ। ତାଙ୍କର ଦକ୍ଷତା ଓ ଆନୁଗତ୍ୟ ପାଇ ହିଁ ସେମାନେ ରାଜ୍ୟସଭା ପାଇଁ ମନୋନୀତ ହେଲେ ଓ କେନ୍ଦ୍ରରେ ବିଜୁବାବୁଙ୍କ ଦଳର ସ୍ଥିତାବସ୍ଥାକୁ ସୁଦୃଢ଼ ଓ ସହଯୋଗ କରିବାର ଦାୟିତ୍ୱ ତୁଲାଉଥିଲେ।

ରାଜ୍ୟସଭା ନିର୍ବାଚନରେ ଗୋଟି ଚାଳନାରେ ଫେଲ୍ ମାରିବା ବି.ଜେ.ଡି. ସୁପ୍ରିମୋ ନବୀନ ବାବୁଙ୍କ ପାଇଁ ନୂଆ ନୁହେଁ, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ଭଳି ଉଭୟ ପଦରେ ଥାଇ ମଧ ୨୦୦୨ ମସିହା ଦ୍ୱିବାର୍ଷିକ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ମେଣ୍ଟ ଦଳ ଓ କଂଗ୍ରେସ ଦଳକୁ ବିଭାଜନ କରି ଶତ ତାଗିଦ ସତ୍ତ୍ୱେ ନବୀନଙ୍କୁ ଚକ୍‌ମା ଦେଇ ବିଜୟୀ ହୋଇପାରିଥିଲେ। ପୁନର୍ବାର ୨୦୧୪ରେ ନବୀନ ମନୋନୀତ ପ୍ରାର୍ଥୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ର ବି.ଜେ.ଡି. ସହଯୋଗ ଦଳଠାରୁ ସମର୍ଥନ ଆଶା ରଖିଥିଲେ ମଧ ଶେଷ ମୁହୂର୍ତ୍ତରେ ବି.ଜେ.ପି. ଦଳ ନବୀନଙ୍କୁ ସମର୍ଥନ ପତ୍ର ପ୍ରତ୍ୟାହାର କରି କଂଗ୍ରେସ ସପକ୍ଷରେ ଭୋଟ ଦେବାରୁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ରଞ୍ଜୀବ ବିଶ୍ୱାଳ ବିଜୟୀ ହେଲେ ଓ ଶିଳ୍ପୀ ରଘୁନାଥ ମହାପାତ୍ର ପରାଜୟ ବରଣ କରିଥିଲେ।

୨୦୨୪ ନିର୍ବାଚନରେ ବି.ଜେ.ପି. ୪୦.୭% ଭୋଟ ପାଇଥିବା ସ୍ଥଳେ ବି.ଜେ.ଡି ୪୦.୨୨% ଭୋଟ ଅର୍ଥାତ୍ ୦.୧୫% ଭୋଟ ଅଧିକ ପାଇଥିଲା। କିନ୍ତୁ ୨୦୨୫ ନୂଆପଡ଼ା ଉପନିର୍ବାଚନରେ ଦଳ ୩ ସ୍ଥାନକୁ ଖସି ଆସିଲା। ଏହା କେବଳ ଦଳୀୟ ପ୍ରାର୍ଥୀ ଚୟନ ଏବଂ ନିର୍ବାଚନ ପରିଚାଳନାରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ଦଳକୁ ଭୋଗିବାକୁ ପଡ଼ିଲା। ତା ପରବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟସଭା ନିର୍ବାଚନରେ ଏଭଳି ଘଟଣାର ପୁନରାବୃତ୍ତି ନକରି ବିଧାୟକମାନଙ୍କ ମହମତି ସହ ଆନୁଗତ୍ୟ ଭିତ୍ତିରେ ପ୍ରାର୍ଥୀ ଚୟନ ପ୍ରତି ବିଚାର କରି ସୁପ୍ରିମୋ ପଦକ୍ଷେପ ନେବା ଉଚିତ୍। ଯଦ୍ୱାରାକି ଦଳରେ ବିଭାଜନକୁ ଏହାଦ୍ୱାରା ରୋକାଯାଇ ପାରିବ। ନୂଆପଡ଼ା ଉପନିର୍ବାଚନ ପରେ ଯଦି ରାଜ୍ୟସଭାରେ ଗୋଟି ଚାଳନା ଠିକ୍ ଭାବରେ ନ କରି ପରାଜୟର ସମ୍ମୁଖୀନ ହୁଅନ୍ତି, ତେବେ ଏହାର କୁପରିଣତି ଆସନ୍ତା ପଞ୍ଚାୟତ ନିର୍ବାଚନରେ ନିଶ୍ଚୟ ଭୋଗିବାକୁ ପଡ଼ିବ ତାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

**ଖାରବେଳ ନଗର, ୯୪୩୭୧୭୯୦୪୭**

# ତିନିଦିନିଆ ଭାରତ ଗସ୍ତରେ ଫ୍ରାନ୍ସ ରାଷ୍ଟ୍ରପତି

## ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନା



ନୂଆଦିଲ୍ଲୀ, ୧୭।୨: ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଙ୍ଗଳବାର ସକାଳେ ତିନି ଦିନିଆ ଗସ୍ତ ପାଇଁ ଭାରତ ଆସିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ଚତୁର୍ଥ ଗସ୍ତ। ଏହି ଗସ୍ତର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପ୍ରତିରକ୍ଷା, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ସହଯୋଗକୁ ଆହୁରି ମଜବୁତ କରିବା। ମୁମ୍ବାଇ ବିମାନବନ୍ଦରରେ ତାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ସ୍ୱାଗତ କରିଥିଲେ।

ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ମାକ୍ରନ ମୁମ୍ବାଇରେ ଏକ ଦ୍ୱିପାକ୍ଷିକ ବୈଠକ କରିବେ। ପ୍ରତିରକ୍ଷା, ବାଣିଜ୍ୟ, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ ଯୋଗାଣ ଶୃଙ୍ଖଳା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ସରକାରୀ ସୂତ୍ର ଅନୁଯାୟୀ, ଏହି ବୈଠକ ପରେ ଦୁଇ ଦେଶ ମଧ୍ୟରେ ପ୍ରାୟ ଏକ ଡଜନ ଚୁକ୍ତିନାମା ଏବଂ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଦୁଇ ନେତା ମୁମ୍ବାଇର ଐତିହାସିକ ଗେଟୱେ ଅଫ ଇଣ୍ଡିଆରେ ଭାରତ-ଫ୍ରାନ୍ସ ନବସୃଜନ ବର୍ଷର ମଧ୍ୟ ଉଦଘାଟନ କରିବେ। ଦୁଇ ଦେଶ ମଧ୍ୟରେ ନବସୃଜନ ଏବଂ ସାଂସ୍କୃତିକ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ୨୦୨୬ ପର୍ଯ୍ୟନ୍ତ ପାଳନ କରାଯିବ। ସମ୍ପ୍ରତି, ଭାରତ ସରକାର ଫ୍ରାନ୍ସରୁ ୧୧୪ଟି ରାଫେଲ ଯୁଦ୍ଧ ବିମାନ କ୍ରୟ କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପ୍ରତିରକ୍ଷା ଚୁକ୍ତି ଦୁଇ ଦେଶ ମଧ୍ୟରେ ସାମରିକ ସହଯୋଗକୁ ଆହୁରି ମଜବୁତ କରିବ। ଏହା ସହିତ, ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଷଷ୍ଠ ବାର୍ଷିକ ପ୍ରତିରକ୍ଷା ଆଲୋଚନା ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ, ଯେଉଁଠାରେ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମାକୁ ଆଗାମୀ ୧୦ ବର୍ଷ ପାଇଁ ବୃଦ୍ଧି କରିବା ପାଇଁ ଆଲୋଚନା କରାଯିବ।

ଉଭୟ ଦେଶର ନେତା ଭାରତ ମହାସାଗର କ୍ଷେତ୍ର, ଭାରତ-ପ୍ରଶାନ୍ତ ମହାସାଗର ରଣନୀତି, ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଗାଜାର ପରିସ୍ଥିତି ଭଳି ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିବେ। ଭାରତ ଫ୍ରାନ୍ସକୁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଅଂଶୀଦାର ବୋଲି ବିବେଚନା କରେ। ତାଙ୍କ ଗସ୍ତ ସମୟରେ, ରାଷ୍ଟ୍ରପତି ମାକ୍ରନ ଦିଲ୍ଲୀରେ ଏଆଇ ସମ୍ମିଳନୀରେ ମଧ୍ୟ ଅଂଶଗ୍ରହଣ କରିବେ, ଯାହା ପ୍ରଯୁକ୍ତିବିଦ୍ୟା ସହଯୋଗକୁ ଏକ ନୂତନ ଦିଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ୧୦ ମିନିଟରେ ସୁପ୍ରିମକୋର୍ଟରୁ ନ୍ୟାୟ ପାଇଲେ ନିଟ୍ ପରୀକ୍ଷାର୍ଥୀ



ଭୋପାଳ, ୧୭।୨: ସରିବାକୁ ଆସୁଥିଲା ସୁପ୍ରମକୋର୍ଟରେ ଶୁଣାଣି । ହଠାତ କୋର୍ଟଙ୍କୁ ୧୦ ମିନିଟର ସମୟ ମାଗିଲେ ୧୯ ବର୍ଷର ଛାତ୍ର । ଏହି ଛାତ୍ରଜଣଙ୍କ କୌଣସି ଓକିଲ ନଥିଲେ। ବରଂ ସେ ଥିଲେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀ। ତାଙ୍କ ମନରେ ଡାକ୍ତର ହେବାର ଆଶା ଥିଲା। କିଛି ମିନିଟରେ ବଦଳି ଗଲା କେସ୍। ତୁରନ୍ତ ମେଡିକାଲ କଲେଜରେ ଆଡମିଶନ ପାଇଁ ମଧ୍ୟପ୍ରଦେଶ ସରକାର ଏବଂ ରାଷ୍ଟ୍ରୀୟ ଚିକିତ୍ସା ଆୟୋଗଙ୍କୁ ନିର୍ଦ୍ଦେଶ ଦେଲେ ସର୍ବୋଚ୍ଚ ଅଦାଲତ। ମଧ୍ୟପ୍ରଦେଶର ଜବଲପୁରରେ ରୁହନ୍ତି ଅଥର୍ବ ଚତୁର୍ବେଦୀ। ସେ ଦ୍ୱାଦଶ ପାସ୍ କରି ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୫୩୦ ନମ୍ବର ରଖିଥିଲେ। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ତରଫରୁ ଘରୋଇ ମେଡିକାଲ କଲେଜରେ ଇଡବ୍ଲୁଏସ ବା ସାଧାରଣ ଗରିବ ବର୍ଗଙ୍କୁ ସଂରକ୍ଷଣ ନଥିବାରୁ ସେ ଆଡମିଶନ୍ କରିପାରିନଥିଲେ। ଅଥର୍ବ ଏହି ମାମଲା ସୁପ୍ରିମକୋର୍ଟରେ ଉଠାଇଥିଲେ। ଏହାସହ କୋର୍ଟରେ ଆବେଦନ କରିଥିଲେ। ମାମଲାରେ ସେ ଅନଲାଇନରେ ହାଜର ହୋଇଥିଲେ ଏବଂ ବିନା କୌଣସି ଓକିଲରେ ନିଜର ପକ୍ଷ ରଖିଥିଲେ। ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ତାଙ୍କୁ ନିଜେ ଯୁକ୍ତି ରଖିବେ କି ବୋଲି ପଚାରିଥିଲେ। ଏଥିରେ ଅଥର୍ବ ହଁ କହିଥିଲେ ।

ମୋତେ ମାତ୍ର ୧୦ ମିନିଟ୍ ଦିଅନ୍ତୁ। ଏହି ବାକ୍ୟ କହି ନିଜର ପକ୍ଷ ରଖିବା ଆରମ୍ଭ କରିଥିଲେ ଅଥର୍ବ। ସେ ଯୁକ୍ତି ରଖିଥିଲେ ଯେ, ସମ୍ବିଧାନ ଅନୁସାରେ ଆର୍ଥିକ ଗରିବ ଶ୍ରେଣୀରେ ସାଧାରଣ ବର୍ଗଙ୍କୁ ସୁଯୋଗ ଦେବା ପାଇଁ ସ୍ୱୀକୃତି ଦେଇଛି। ଏହାସହ ସେ ସୁପ୍ରିମକୋର୍ଟଙ୍କ ପୂର୍ବ ମାମଲା ଏବଂ ନିଷ୍ପତ୍ତିର ମଧ୍ୟ ଉଦାହରଣ ଦେଇଥିଲେ । ସବୁ ଶୁଣିବା ପରେ ପ୍ରଧାନ ବିଚାରପତି କହିଥିଲେ ଯେ, ଛାତ୍ର ଯେଉଁ ଘରୋଇ ମେଡିକାଲ କଲେଜ କଥା କହୁଛନ୍ତି ତାଙ୍କୁ ସୁପ୍ରିମକୋର୍ଟଙ୍କ ସମ୍ମୁଖକୁ ଅଣାଯାଉ। ଏହାପରେ ସରକାରୀ ଓକିଲ ରାଜ୍ୟ ସରକାର ନୀତି ନିୟମ ଏବଂ ମାର୍ଗଦର୍ଶିକା ପ୍ରସ୍ତୁତି ପାଇଁ ଲାଗିଥିବା ପ୍ରକାଶ କରିଥିଲେ। ,ଏଥିରେ କୋର୍ଟ ହସ୍ତକ୍ଷେପ କରିବା ସହ ପିଲାର ଭବିଷ୍ୟତ ବରବାଦ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ ।

କୋର୍ଟ କହିଛନ୍ତି ଯେ, ନୀତି ନିୟମ ପାଇଁ ଯୋଗ୍ୟ ପ୍ରାର୍ଥୀ ସେମାନଙ୍କ ହକରୁ ବଞ୍ଚିତ ହେବା ଅନୁଚିତ। ରାଜ୍ୟ ସରକାର ଘେରାଇ କଲେଜରେ ଇଡବ୍ଲୁଏସ ଲାଗୁ କରୁ ନାହାଁନ୍ତି ତେଣୁ ଆଡମିଶନ ହୋଇପାରିବ ନାହିଁ। ଏହି କଥା ଆଧାରରେ ଛାତ୍ରଙ୍କୁ ଆଡମିଶନ କରିବାକୁ ମନା କରିହେବ ନାହିଁ। ଏହାପରେ କୋର୍ଟ ଛାତ୍ରଙ୍କୁ ଫି ଭରିବା ସର୍ତ୍ତରେ ଅସ୍ଥାୟୀ ଆଡମିସନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୭ ଦିନ ଭିତରେ ସରକାରଙ୍କୁ ଆବେଦନକାରୀ ଛାତ୍ରଙ୍କୁ କଲେଜ ଚୟନ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ୧୨ ବର୍ଷର କ୍ୟାରିୟରରେ ୩ ଆଇଏଏସଙ୍କୁ ବାହା ହେବାର ରେକର୍ଡ



ଭୋପାଳ, ୧୭।୨: ମଧ୍ୟପ୍ରଦେଶର ଜଣେ ଆଇଏଏସ ଅଫିସର କରିଛନ୍ତି ବିବାହ ରେକର୍ଡ। ପ୍ରେମ ପ୍ରେମରେ ପକାଇଲେଣି ୩ ଥର ହାତଗଣ୍ଠି। ତିନି ଆଇଏଏସ ଅଧିକାରୀଙ୍କୁ ବାହାହୋଇଛନ୍ତି ଆଇଏଏସ ଅଫିସର ଅଭି ପ୍ରସାଦ। ୨୦୧୪ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡର ଆଇଏଏସ୍ ଅଭି ପ୍ରସାଦ ଚଳିତ ମାସ ୧୧ ତାରିଖରେ ତୃତୀୟ ଥର ପାଇଁ ବିବାହ କରିଛନ୍ତି। ମଧ୍ୟପ୍ରଦେଶର ଶେଓପୁର ଜିଲ୍ଲାରେ ଥିବା କୁନୋ ଜାତୀୟ ଉଦ୍ୟାନରେ ଆଇଏଏସ୍ ଅଧିକାରୀ ଅଙ୍କିତା ଧାକ୍ରେଙ୍କ ହାତ ଧରିଛନ୍ତି ଅଭି। ଅଙ୍କିତା ଧାକ୍ରେ ହେଉଛନ୍ତି ୨୦୧୭ ବ୍ୟାଚର ଆଇଏଏସ। ଅଭିଙ୍କ ଏହି ବିବାହକୁ ନେଇ ଏବେ ସାରା ଦେଶରେ ଚାର୍ଚ୍ଚା। ପ୍ରଥମ ଏବଂ ଦ୍ୱିତୀୟ ପତ୍ନୀଙ୍କୁ ଛାଡ଼ପତ୍ର ଦେବା ପରେ ତୃତୀୟ ଥର ପାଇଁ ବାହା ହୋଇଛନ୍ତି ଅଭି ପ୍ରସାଦ। ଅଭି ପ୍ରସାଦ ଏବେ ମଧ୍ୟପ୍ରଦେଶର ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଅଭି ପ୍ରସାଦଙ୍କ ତୃତୟ ପତ୍ନୀ ଅଙ୍କିତା ଧାକ୍ରେ ରାଜ୍ୟ ସଚିବାଳୟରେ ଉପସଚିବ ଭାବରେ କାର୍ଯ୍ୟ କରୁଛନ୍ତି। ସେହିପରି ତାଙ୍କର ଅନ୍ୟ ଦୁଇ ପୂର୍ବତନ ପତ୍ନୀ, ରିଜୁ ବାଫନା ଏବଂ ମିଶା ସିଂହ ମଧ୍ୟ ଆଇଏଏସ୍। ସେମାନେ ବର୍ତ୍ତମାନ ଶାଜାପୁର ଏବଂ ରତଲାମ ଜିଲ୍ଲାରେ କଲେକ୍ଟର ଭାବରେ କାମ କରୁଛନ୍ତି। ଶ୍ରୀମତୀ ବାଫନା ୨୦୧୪ ବ୍ୟାଚର ଆଇଏଏସ ହୋଇଥିବା ବେଳେ ଶ୍ରୀମତୀ ସିଂହ ୨୦୧୬ ବ୍ୟାଚର ଆଇଏଏସ୍ ଅଧିକାରୀ। କୁନୋ ଜାତୀୟ ଉଦ୍ୟାନରେ ଅଭି ପ୍ରସାଦଙ୍କ ତୃତୀୟ ବିବାହ ସରିବା ପରେ ସୋସିଆଲ ମିଡିଆରେ ବିବାହର ଫଟୋ ଭାଇରାଲ ହୋଇଥିଲା। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି।

ଉତ୍ତର ପ୍ରଦେଶ ସୀତାପୁର ଜିଲ୍ଲାର ବାସିନ୍ଦା ହେଉଛନ୍ତି ଅଭି ପ୍ରସାଦ। ଏକ ରାଜନୈତିକ ପରିବାରରେ ତାଙ୍କର ଜନ୍ମ। ଅଭି ପ୍ରସାଦଙ୍କ ଜେଜେବାପା ତମ୍ବେଶ୍ୱର ପ୍ରସାଦ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ସରକାରରେ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ। ଅଭି ପ୍ରସାଦ ହେଉଛନ୍ତି ଦେଶର ପ୍ରଥମ ଏବଂ ଏକମାତ୍ର ଆଇଏଏସ ଅଧିକାରୀ ଯିଏ ଜଣକ ପରେ ଜଣେ ତିନି ଜଣ ଆଇଏଏସ ଅଫିସରଙ୍କୁ ବିବାହ କରିଛନ୍ତି।

## ଦାଢ଼ି କାଟି ଛଦ୍ମବେଶରେ ଜୈଶ କମାଣ୍ଡର ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ

ଶ୍ରୀନଗର, ୧୭।୨: ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରାପ୍ତ ସୂଚନା ଅନୁଯାୟୀ, ଜୈଶ-ଏ-ମହମ୍ମଦ ସଦସ୍ୟଙ୍କ ଏକ ଗୋଷ୍ଠୀ ଅନ୍ତର୍ଜାତୀୟ ସୀମା ପାର କରି ସଫଳତାର ସହ ଭାରତରେ ଅନୁପ୍ରବେଶ କରିଛନ୍ତି। ଏନେଇ ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି ହୋଇଛି। ମଙ୍ଗଳବାର ସକାଳେ କଠୁଆ ଓ ସାମ୍ବା ଜିଲ୍ଲାରେ ସୁରକ୍ଷା ବାହିନୀଙ୍କୁ ମୁତୟନ କରାଯାଇଛି। ସୁରକ୍ଷା ବାହିନୀ ଏହି ଆତଙ୍କବାଦୀଙ୍କ ପରିବର୍ତ୍ତିତ ରୂପ ବିଷୟରେ ବିଶେଷ ସତର୍କ ଅଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ସାର୍ବଜନୀନ ସ୍ଥାନରେ ଆତଙ୍କବାଦୀଙ୍କ ଫଟୋ ଥିବା ପୋଷ୍ଟର ଲଗାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କୁ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ ଅପିଲ କରିଛନ୍ତି। ସତର୍କତାର କେନ୍ଦ୍ରରେ ଅଛି ଜୈଶ କମାଣ୍ଡର ସୈଫୁଲ୍ଲା ବଲୋଚ। ସୁରକ୍ଷା ବାହିନୀ ପାଖରେ ଇନପୁଟ ଅଛି ଯେ, ବଲୋଚ୍ ନିଜର ପରିଚୟ ଲୁଚାଇବା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିପାରିବ। ଗୁଇନ୍ଦା ସୂଚନା ଅନୁଯାୟୀ ସୁରକ୍ଷା ନଜରରୁ ବଞ୍ଚିବା ପାଇଁ ବଲୋଚ ନିଜ ଦାଢ଼ି କାଟି ଥାଇପାରେ। ଡୋଡା ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରକାଶିତ ପୋଷ୍ଟରରେ ବଲୋଚ୍‌ର ଦୁଇଟି ଫଟୋ ଦେଖାଯାଇଛି। ଗୋଟିଏ ଦାଢ଼ି ସହିତ ଏବଂ ଅନ୍ୟଟି ବିନା ଦାଢ଼ିର ଫଟୋ ରହିଛି। ଏହି ରଣନୀତି ଏପରି ଭାବରେ ପ୍ରସ୍ତୁତ କରାଯାଉଛି, ପରିବର୍ତ୍ତିତ ରୂପ ସତ୍ତ୍ୱେ ତାକୁ ସାର୍ବଜନୀନ ସ୍ଥାନରେ ଚିହ୍ନଟ କରାଯାଇପାରିବ। ଅନ୍ତର୍ଜାତୀୟ ସୀମାରେ ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ବୃଦ୍ଧି କରାଯାଇଛି।

# ମାର୍ଚ୍ଚରେ ଘୋଷଣା ହେବା କାର୍ଯ୍ୟସୂଚୀ

## ୫ ରାଜ୍ୟର ବିଧାନସଭା ନିର୍ବାଚନ ପ୍ରସ୍ତୁତି

ନୂଆଦିଲ୍ଲୀ ୧୭।୨: ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ମାର୍ଚ୍ଚ ମଝି ସପ୍ତାହ ବେଳକୁ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିପାରନ୍ତି। ନିର୍ବାଚନ ଆୟୋଗଙ୍କ ଅଧିକାରୀ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସୂତ୍ର ଅନୁସାରେ ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶମାନଙ୍କରେ ମତଦାନ ଏପ୍ରିଲ ମାସର ବିଭିନ୍ନ ତାରିଖରେ ହେବାର ସମ୍ଭାବନା ରହିଛି। ଏଣୁ ନିର୍ବାଚନ ଆୟୋଗ ଏକକାଳୀନ ୫ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିବାକୁ ଯୋଜନା କରୁଛନ୍ତି। ତେବେ ଭୋଟ ଗ୍ରହଣ ବିଭିନ୍ନ ପର୍ଯ୍ୟାୟରେ ହେବ।

ଏହି ସବୁ ବିଧାନସଭାଙ୍କ କାର୍ଯ୍ୟକାଳ ମେ ଓ ଜୁନ ମାସରେ ଅଲଗା ଅଲଗା ସମାପ୍ତ ହେବ। ଏଥିରେ ପୁଡୁଚେରୀ ବିଧାନସଭା କାର୍ଯ୍ୟକାଳ ୧୫ ଜୁନରେ ସମାପ୍ତ ହେଉଥିବା ବେଳେ ଆସାମର ୨୦ ମେ, କେରଳର ୨୩ ମେ, ତାମିଲନାଡୁର ୧୦ ମେ ଓ ପଶ୍ଚିମବଙ୍ଗର ୭ ମେରେ ସମାପ୍ତ ହେବ। ଏଥି ପାଇଁ ନିର୍ବାଚନ ଆୟୋଗ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ଓ ଏଥି ପାଇଁ ରାଜ୍ୟ ଗସ୍ତ କରୁଛନ୍ତି। ଏବେ ନିର୍ବାଚନ ଆୟୋଗଙ୍କ ଏକ ଟିମ୍ ଆସାମରେ ନିର୍ବାଚନୀ ପ୍ରସ୍ତୁତିର ମୂଲ୍ୟାୟନ କରୁଛନ୍ତି। ଗତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୮ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇଥିଲା, ଯାହା ସବୁ ରାଜ୍ୟଙ୍କ ତୁଳନାରେ ସବୁଠୁ ଅଧିକ ଥିଲା। ସେହିପରି ଆସାମରେ ୨ଟି ପର୍ଯ୍ୟାୟରେ ମତଦାନ ହୋଇଥିବା ବେଳେ ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଗୋଟିଏ ଲେଖାଏଁ ପର୍ଯ୍ୟାୟରେ ମତଦାନ ହୋଇଥିଲା। ନିର୍ବାଚନ ପ୍ରସ୍ତୁତିରେ ଏବେ ଭୋଟର ଲିଷ୍ଟ ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ସୂଚୀ ପ୍ରକାଶ କରାଯାଉଛି। ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର)ରେ ପୁଡୁଚେରୀ ଫେବୃଆରୀ ୧୪ ତାରିଖରେ ଚୂଡ଼ାନ୍ତ ଭୋଟର ଲିଷ୍ଟ ପ୍ରକାଶନରେ ପ୍ରଥମ ରାଜ୍ୟ ପାଲଟିଛି। ଏଥିରେ ତାମିଲନାଡୁରେ ଏସଆଇଆର ପରେ ଫେବୃଆରୀ ୧୭ ତାରିଖରେ ଚୂଡ଼ାନ୍ତ ଭୋଟର ଲିଷ୍ଟ ପ୍ରକାଶ କରିଥିବା ବେଳେ କେରଳ ଫେବୃଆରୀ ୨୧ ତାରିଖରେ ଚୂଡ଼ାନ୍ତ ସୂଚୀ ପ୍ରକାଶନ କରିବ। ଏଥିରେ ପଶ୍ଚିମବଙ୍ଗର ଚୂଡ଼ାନ୍ତ ଭୋଟର ଲିଷ୍ଟ ଫେବୃଆରୀ ୨୮ରେ ପ୍ରକାଶ ପାଇବ। ଏହା ପୂର୍ବରୁ ଫେବୃଆରୀ ୧୦ ତାରିଖରେ ଆସାମର ଚୂଡାନ୍ତ ଭୋଟର ଲିଷ୍ଟ ପ୍ରକାଶିତ ହୋଇଛି।

# ମୋର ତାଙ୍କ ସହିତ କୌଣସି ସମ୍ପର୍କ ନାହିଁ, ମୁଁ ନିର୍ଦ୍ଦୋଷ

## ଏପିଷ୍ଟାଇନଙ୍କ ଅଭିଯୋଗ ଉପରେ ଟ୍ରମ୍ପଙ୍କ ସ୍ପଷ୍ଟୀକରଣ



ନ୍ୟୁୟର୍କ, ୧୭।୨:ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଦ୍ୟ ପ୍ରକାଶିତ ଜେଫ୍ରି ଏପିଷ୍ଟାଇନଙ୍କ ଦଲିଲ ଉପରେ ତାଙ୍କର ନୀରବତା ଭାଙ୍ଗି ନିଜକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଘୋଷଣା କରିଛନ୍ତି। ସେ ଏପିଷ୍ଟାଇନଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଏୟାର ଫୋର୍ସ ୱାନରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କର ବିବାଦୀୟ ବ୍ୟବସାୟୀଙ୍କ ସହ କୌଣସି ସମ୍ପର୍କ ନାହିଁ। ଦଲିଲରେ ଟ୍ରମ୍ପଙ୍କ ନାମର ବହୁ ଉଲ୍ଲେଖ ଆମେରିକାର ରାଜନୀତି ଓ ଗଣମାଧ୍ୟମରେ ଏକ ନୂତନ ବିତର୍କ ତଥା ବିବାଦ ସୃଷ୍ଟି କରିଛି। ରାଷ୍ଟ୍ରପତି ଜୋର ଦେଇ କହିଛନ୍ତି, ମତେ ସମଗ୍ର ମାମଲାରେ ପୂର୍ବରୁ କ୍ଲିନ୍ ଚିଟ୍ ମିଳିଛି। ମୋ ପାଇଁ ପାଖରେ ଲୁଚାଇବା ପାଇଁ ଆଉ କିଛି ନାହିଁ।

ଫାଇଲଗୁଡ଼ିକରେ ଟ୍ରମ୍ପଙ୍କ ନାମ, ଆମେରିକାର ନ୍ୟାୟ ବିଭାଗ ଜେଫ୍ରି ଏପିଷ୍ଟାଇନଙ୍କ ସହ ଜଡିତ ହଜାର ହଜାର ସରକାରୀ ଦଲିଲ ପ୍ରକାଶ କରିଛି। ଯେଉଁଥିରେ ଅନେକ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ନାମ ରହିଛି। ଏହି ଫାଇଲଗୁଡ଼ିକରେ ଡୋନାଲ୍ଡ ଟ୍ରମ୍ପଙ୍କ ନାମ ଅନେକ ଥର ଦେଖାଯାଇଛି, ଯାହା ତାଙ୍କ ପୂର୍ବ ସମ୍ପର୍କ ବିଷୟରେ ସୋସିଆଲ ମିଡିଆରେ ଉଷ୍ମ ବିତର୍କ ସୃଷ୍ଟି କରିଛି। ତଥାପି, ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଏହି ଫାଇଲଗୁଡ଼ିକ ଟ୍ରମ୍ପଙ୍କ ଉପରେ କୌଣସି ଯୌନ ଅପରାଧ କିମ୍ବା ବେଆଇନ କାର୍ଯ୍ୟର ଅଭିଯୋଗ ଆଣିନାହିଁ।

ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି, ଜେଫ୍ରି ଏପଷ୍ଟାଇନଙ୍କ ସହ ମୋର କୌଣସି ବ୍ୟକ୍ତିଗତ ସମ୍ପର୍କ ନାହିଁ, ଏବଂ କରାଯାଉଥିବା ଅଭିଯୋଗଗୁଡ଼ିକ ସମ୍ପୂର୍ଣ୍ଣ ଭିତ୍ତିହୀନ। ମୋ ବିରୋଧ ଅଭିଯୋଗ କେବଳ ଏକ ରାଜନୈତିକ ଷଡ଼ଯନ୍ତ୍ରର ଅଂଶ। ସେଥିରେ କିଛି ବି ସତ୍ୟତା ନାହିଁ। ଡିସେମ୍ବର ୨୦୨୫ରେ ପ୍ରକାଶିତ ଫାଇଲ୍ ତଥ୍ୟ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ଜେଫ୍ରି ଏପିଷ୍ଟାଇନଙ୍କ ବ୍ୟକ୍ତିଗତ ବିମାନରେ ଅତି କମରେ ଆଠ ଥର ଯାତ୍ରା କରିଥିଲେ। ଫାଇଲଗୁଡ଼ିକରେ ଟ୍ରମ୍ପ ଏବଂ ଏପଷ୍ଟାଇନଙ୍କ ମଧ୍ୟରେ ଅତୀତର ସମ୍ପର୍କର ବିବରଣୀ ରହିଛି। ଯେଉଁଥିରେ କିଛି କଥିତ ମନ୍ତବ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ତଥାପି, ନ୍ୟାୟ ବିଭାଗର ଅଧିକାରୀମାନେ ଏହି ଦାବିଗୁଡ଼ିକୁ ଚାଞ୍ଚଲ୍ୟକର ବୋଲି କହି ଖାରଜ କରି କହିଛନ୍ତି ଯେ, ଏଗୁଡ଼ିକୁ ଏଫ୍‌ବିଆଇ ଦ୍ୱାରା ସମ୍ପୂର୍ଣ୍ଣ ଯାଞ୍ଚ୍ କରାଯାଇ ନାହିଁ।

ଫାଇଲ୍‌ରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ, ଏପିଷ୍ଟାଇନଙ୍କ ପାଖରେ ଟ୍ରମ୍ପ ଓ ତାଙ୍କର କିଛି ସମ୍ପର୍କୀୟଙ୍କ ଫଟୋଗ୍ରାଫ ଥିଲା, କିନ୍ତୁ ସେଗୁଡ଼ିକ ରହସ୍ୟମୟ ଭାବରେ ଫାଇଲରୁ ଗାଏବ୍ ହୋଇଯାଇଥିଲା। ଫଟୋଗୁଡ଼ିକ ଗାଏବ୍ ହେବା ଖବର ତଦନ୍ତର ସ୍ୱଚ୍ଛତା ତଥା ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି, ଯାହା ଉପରେ ବ୍ୟାପକ ଆଲୋଚନା ହେଉଛି। ଆମେରିକାର ନ୍ୟାୟ ବିଭାଗ କହିଛି ଯେ,ଫାଇଲ୍‌ରେ ଥିବା ଅନେକ ଅଭିଯୋଗ ଅତ୍ୟନ୍ତ ସନ୍ଦେହଜନକ। ତେବେ ସେସବୁର ଯାଞ୍ଚ କରାଯାଇ ନାହିଁ। ଦୋଷୀ ସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପିଷ୍ଟାଇନଙ୍କ ସହ ଜଡିତ ଫାଇଲ୍ ପ୍ରକାଶ ପାଇବା କେବଳ ଆମେରିକାରେ ନୁହେଁ ବରଂ ସାରା ବିଶ୍ୱରେ ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିଛି।

ଏହି ଫାଇଲଗୁଡ଼ିକରେ ଏପଷ୍ଟାଇନଙ୍କ ଦ୍ୱାରା ଫସିଥିବା ଅନେକ ପ୍ରମୁଖ ବିଶ୍ୱ ନେତା ଏବଂ ନୋବେଲ ପୁରସ୍କାର ବିଜେତାଙ୍କ ନାମ ଅନ୍ତର୍ଭୁକ୍ତ ରହିଛି। ରାଷ୍ଟ୍ରପତି ଟ୍ରମ୍ପ ସମଗ୍ର ଘଟଣା ସମ୍ପର୍କରେ ନିଜର ଭାବମୂର୍ତ୍ତି ସଫା କରିବାକୁ ଚେଷ୍ଟା କରିଛନ୍ତି ତଥା ନିଜକୁ ବିବାଦରୁ ସମ୍ପୂର୍ଣ୍ଣ ଦୂରେଇ ରଖିଛନ୍ତି। ଟ୍ରମ୍ପଙ୍କ ସମର୍ଥକମାନେ କହିଛନ୍ତି ଯେ, କୌଣସି ଫାଇଲ୍‌ରେ ତାଙ୍କ ବିରୋଧରେ ଅଭିଯୋଗ ଆସି ନଥିବା ବେଳେ ଏହି ପ୍ରସଙ୍ଗକୁ ବାରମ୍ବାର ଉଠାଇବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅନ୍ୟାୟ। ନ୍ୟାୟ ବିଭାଗ ରିପୋର୍ଟ ମଧ୍ୟ ସ୍ୱୀକାର କରିଛି ଯେ, ଫାଇଲରେ ଥିବା ତଥ୍ୟ ଆଇନଗତ ଭାବରେ ଟ୍ରମ୍ପଙ୍କୁ ଦୋଷୀ ପ୍ରମାଣିତ କରୁନାହିଁ।

# ବଙ୍କର ବୋମା ପାଇଁ ଅର୍ଡର ଦେଲା ଆମେରିକା



ଆମେରିକା, ୧୭।୨: ଆମେରିକାର ବାୟୁସେନା ମହାକାଶ କମ୍ପାନି ବୋଇଂଠାରୁ ଜିବିୟୁ-୫୭ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର (ଏମ୍‌ଓପି) ବୋମା ଅର୍ଡର କରିଛି । ଚୁକ୍ତିନାମା ଅନୁସାରେ ଦେଶରେ ବୋମା ଭଣ୍ଡାରକୁ ପୂରଣ କରାଯିବ। ଗତ ବର୍ଷ ଜୁନ୍ ମାସରେ ଆମେରିକା ଅପରେସନ ମିଡନାଇଟ୍ ହାମର୍ ଆରମ୍ଭ କରିଥିଲା, ଯେଉଁଥିରେ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକୁ ବଙ୍କର୍ ବୋମା ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ଏହି ବୋମାଗୁଡ଼ିକ ଭୂଗର୍ଭରେ ପ୍ରବେଶ କରି ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର କ୍ଷମତା ରହିଛି। ଜିବିୟୁ-୫୭କୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବୋମା ବୋଲି ବିବେଚନା କରାଯାଇଥାଏ। ଏହାକୁ ବି-୨ ସ୍ପିରିଟ୍ ବମର୍‌ରୁ ପକାଯାଇଥାଏ।

ଇସ୍ରାଏଲୀ ଗଣମାଧ୍ୟମ ଅନୁଯାୟୀ, ଆମେରିକାର ବାୟୁସେନା କହିଛି ଯେ, ଅପରେସନ ମିଡନାଇଟ୍ ହାମର୍ ୨୧ ଜୁନ୍ ୨୦୨୫ରେ ସମୟରେ ଆମର ଖାଲି ହୋଇଥିବା ଜିବିୟୁ-୫୭ ବୋମା ଭଣ୍ଡାରକୁ ପୂରଣ କରିବା ପାଇଁ ବୋଇଂକୁ ଏକ ଚୁକ୍ତିନାମା ପ୍ରଦାନ କରିଛୁ । ଏହି ଖବର ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆସିଛି। ଯାହା ଇରାନ ଉପରେ ଆଉ ଏକ ବଡ଼ ଆକ୍ରମଣର ଆଶଙ୍କା ସୃଷ୍ଟି କରିଛି। ଗତ ଜୁନ୍ ମାସରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ୧୨ ଦିନିଆ ଯୁଦ୍ଧ ସମୟରେ ଆମେରିକା ତେହେରାନର ପରମାଣୁ ସ୍ଥଳ ଉପରେ ଏହି ବୋମା ପକାଇଥିଲା। ଏହି ବୋମାଗୁଡ଼ିକ ଇରାନରେ ଫୋର୍ଡୋ ପରମାଣୁ ପ୍ରତିଷ୍ଠାନ ଏବଂ ଶହ ଶହ ଫୁଟ ତଳେ ଅବସ୍ଥିତ ଅନ୍ୟ ପ୍ରତିଷ୍ଠାନଗୁଡ଼ିକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ବୋମାମାଡ଼ ଯୋଗୁ ଏହି ପ୍ରତିଷ୍ଠାନଗୁଡ଼ିକର କ୍ଷତି ପରିମାଣ ଉପରେ ଦାବି ଭିନ୍ନ ଭିନ୍ନ ରହିଛି।

ଚଳିତ ବର୍ଷ ଆରମ୍ଭରୁ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ଇରାନର ପ୍ରତିବାଦରେ ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ତଥା ଆକ୍ରମଣ ଧମକକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା। ଏହା ପରେ, ଇରାନ ମଧ୍ୟ ଆମେରିକା ବିରୋଧରେ ପ୍ରତିଶୋଧ ନେବାକୁ ଧମକ ଦେଇଥିଲା, ଯାହା ଉତ୍ତେଜନାକୁ ଯଥେଷ୍ଟ ବୃଦ୍ଧି କରିଥିଲା।

# ୟୁନୁସଙ୍କୁ ଝଟକା ଦେଲେ ତାରିକ

## ବାଂଲାଦେଶରେ ଆରମ୍ଭ ହେଲା ନୂଆ ଯୁଗ

ଢାକା, ୧୭।୨: ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) କ୍ଷମତାକୁ ଆସିବା ପରେ ଜନମତ ସଂଗ୍ରହକୁ ଗ୍ରହଣ କରିବାକୁ ମନା କରିଦେଇଛି। ମଙ୍ଗଳବାର ତାରିକ ରହମାନଙ୍କ ସମେତ ବିଏନ୍‌ପି ସାଂସଦମାନେ ସାମ୍ବିଧାନିକ ସଂସ୍କାର କମିସନର ସଦସ୍ୟ ଭାବରେ ଶପଥ ନେଇ ନାହାନ୍ତି। ବିଏନ୍‌ପି ନେତା ସଲାହୁଦ୍ଦିନ ଅହମ୍ମଦଙ୍କ ଅନୁଯାୟୀ, ଆମେ ଏହାକୁ ଗ୍ରହଣ କରୁନାହୁଁ। ବିଏନ୍‌ପିର ଏଭଳି ଆଭିମୁଖ୍ୟ ଯୋଗୁ ଜୁଲାଇ ଚାର୍ଟରର ଭବିଷ୍ୟତ ଏବେ ଅନିଶ୍ଚିତ ହୋଇଯାଇଛି।

ବାଂଲାଦେଶରେ ଗଣତନ୍ତ୍ରକୁ ଉନ୍ନତ କରିବା ପାଇଁ, ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର ଜୁଲାଇ ଚାର୍ଟର ପ୍ରସ୍ତାବ ଦେଇଥିଲେ। ଏନେଇ ଏକ ଜନମତ ସଂଗ୍ରହ ହୋଇଥିଲା। ଏହା ୫୦ ପ୍ରତିଶତରୁ ଅଧିକ ନାଗରିକଙ୍କ ସମର୍ଥନ ପାଇଥିଲା। ମାତ୍ର ବିଏନ୍‌ପି ଏବେ ସ୍ପଷ୍ଟ କରିଛି, ଜୁଲାଇ ଚାର୍ଟରକୁ କାର୍ଯ୍ୟକାରୀ କରାଯିବ ନାହିଁ। ଏହା ମହମ୍ମଦ ୟୁନୁସଙ୍କ ପାଇଁ ଏକ ବଡ଼ ଝଟକା ଆଣିଛି।

ବାଂଲାଦେଶୀ ଖବରକାଗଜ ପ୍ରଥମ ଆଲୋ ଅନୁଯାୟୀ, ଜୁଲାଇ ଚାର୍ଟର କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ମଙ୍ଗଳବାରଠାରୁ ଆରମ୍ଭ ହେବାର ଥିଲା। ପ୍ରଥମ ପଦକ୍ଷେପ ସ୍ୱରୂପ, ସମସ୍ତ ସାଂସଦଙ୍କୁ ସାମ୍ବିଧାନିକ ସଂସ୍କାର କମିସନର ସଦସ୍ୟ ଭାବରେ ଶପଥ ଗ୍ରହଣ କରିବାର ଥିଲା। କିନ୍ତୁ ଯେତେବେଳେ ବିଏନ୍‌ପି ସାଂସଦମାନେ ମଞ୍ଚ ଉପରକୁ ଉଠିଲେ, ସେମାନେ ଶପଥ ଗ୍ରହଣ କରିନଥିଲେ। ଏହି ପ୍ରକ୍ରିୟାର ନେତୃତ୍ୱ ନିଜେ ବିଏନ୍‌ପି ମୁଖ୍ୟ ତାରିକ ରହମାନ ନେଇଥିଲେ।



ବାଂଲାଦେଶର ସବୁଠାରୁ ବଡ଼ ବିରୋଧୀ ଦଳ ଜମାତ-ଏ-ଇସଲାମି ମଧ୍ୟ ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ମନା କରିଦେଇଛି। ଜମାତର ନାଏବ୍ ଆମୀର ସୟଦ ଅବଦୁଲ୍ଲା ମହମ୍ମଦ ତାହେର ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି ଯେ, ବିଏନ୍‌ପି ପରି, ଆମର ସାଂସଦମାନେ ମଧ୍ୟ ଶପଥ ଗ୍ରହଣ କରିନାହାନ୍ତି। ଅଗଷ୍ଟ ୨୦୨୪ ରେ, ବାଂଲାଦେଶରେ ଛାତ୍ରମାନଙ୍କ ଦ୍ୱାରା ଜୁଲାଇ ମାସରେ ଆରମ୍ଭ ହୋଇଥିବା ଏକ ବିଦ୍ରୋହ ପରେ ଶେଖ ହାସିନାଙ୍କୁ କ୍ଷମତାଚ୍ୟୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଯାଇଥିଲା। ଏହି ସରକାର ଜୁଲାଇ ଚାର୍ଟର ପ୍ରଚଳନ କରିଥିଲେ। ଯେଉଁଥିରେ ଗଣତନ୍ତ୍ରକୁ ଉନ୍ନତ କରିବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପ୍ରସ୍ତାବ ଦିଆଯାଇଥିଲା।

ଭାରତର ରାଜ୍ୟସଭା ପରି ସଂସଦକୁ ଦ୍ୱି-ସଦନୀୟ କରିବା। ବିଦ୍ୟମାନ ସଂସଦ ସହିତ ଏକ ୧୦୦ ଆସନ ବିଶିଷ୍ଟ ଉଚ୍ଚ ସଦନ ଗଠନ। ପ୍ରଧାନମନ୍ତ୍ରୀ ପଦବୀରେ ଥିବା ବ୍ୟକ୍ତି ଅନ୍ୟ କୌଣସି ପଦବୀରେ ରହିପାରିବେ ନାହିଁ। ଅର୍ଥାତ୍ ଯିଏ ପ୍ରଧାନମନ୍ତ୍ରୀ ହେବେ ତାଙ୍କୁ ଦଳର ସଭାପତି ପଦବୀ ଛାଡିବାକୁ ପଡିବ। ନ୍ୟାୟପାଳିକା ପାଇଁ ଏକ କଲେଜିୟମ୍ ବ୍ୟବସ୍ଥା ପ୍ରସ୍ତାବିତ ହୋଇଥିଲା। ଯେଉଁଥିରେ କେବଳ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତିମାନେ ସାମିଲ ହେବେ। ସଂସଦରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ବିରୋଧୀ ଦଳରୁ ଉପବାଚସ୍ପତି ତଥା ସଂସଦୀୟ କମିଟିର ମୁଖ୍ୟଙ୍କୁ ଚୟନ କରିବା।

# ୨୪ ବର୍ଷ ପରେ ପ୍ରତ୍ୟୁଷାଙ୍କୁ ମିଳିଲା ନ୍ୟାୟ

## ୪ ସପ୍ତାହରେ ସିଦ୍ଧାର୍ଥ ରେଡ୍ଡୀଙ୍କୁ ଆତ୍ମସମର୍ପଣ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୭।୨: ତେଲୁଗୁ ଅଭିନେତ୍ରୀ ପ୍ରତ୍ୟୁଷାଙ୍କ ମୃତ୍ୟୁର ୨୪ ବର୍ଷ ପରେ, ସୁପ୍ରିମକୋର୍ଟ ଏହି ହାଇ-ପ୍ରୋଫାଇଲ୍ ମାମଲାରେ ତାଙ୍କର ଚୂଡ଼ାନ୍ତ ରାୟ ଦେଇଛନ୍ତି। କୋର୍ଟ ଗୁଡିପାଲି ସିଦ୍ଧାର୍ଥ ରେଡ୍ଡୀଙ୍କ ଦୋଷକୁ କାଏମ ରଖିଛନ୍ତି। ଚାରି ସପ୍ତାହ ମଧ୍ୟରେ ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ରାଜେଶ ବିନ୍ଦଲ ଓ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ମାମଲାରେ ଦୁଷ୍କର୍ମ କରାଯାଇଥିବାର ଅପରାଧ ପ୍ରମାଣିତ ହୋଇନାହିଁ। ଏହା ମଧ୍ୟ କୁହାଯାଇଛି, ବିଷପାନର ସତ୍ୟତା ଜଣାପଡ଼ିଛି। ନିଜ ଜୀବନ ନେବା ମଧ୍ୟ ମଧ୍ୟ ଏକ ଦଣ୍ଡନୀୟ ଅପରାଧ ବୋଲି କୋର୍ଟ କହିଛନ୍ତି । କୋର୍ଟ ରେଡ୍ଡୀଙ୍କ ଦୋଷମୁକ୍ତ କରିବା ପାଇଁ କରାଯାଇଥିବା ଆବେଦନ ଓ ଅଭିନେତ୍ରୀଙ୍କ ମାଆ ସରୋଜିନୀ ଦେବୀଙ୍କ ଦ୍ୱାରା ଦାୟର ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି। ସେ ଏହି ଘଟଣାକୁ ହତ୍ୟା ବୋଲି ବର୍ଣ୍ଣନା କରିଥିଲେ ଓ କଠୋର ଦଣ୍ଡ ଦାବି କରିଥିଲେ। ଏହି ମାମଲା ୨୦୦୨ ମସିହା ଫେବ୍ରୁଆରି ୨୪ରେ ଘଟିଥିଲା। ୨୨ ବର୍ଷ ବୟସ୍କା ପ୍ରତ୍ୟୁଷା ତାଙ୍କ ପ୍ରେମିକ ସିଦ୍ଧାର୍ଥ ରେଡ୍ଡୀଙ୍କ ସହ ମିଶି କୀଟନାଶକ ପିଇ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହସ୍ପିଟାଲକୁ ଯିବା ବାଟରେ ପ୍ରତ୍ୟୁଷାଙ୍କ ମୃତ୍ୟୁ ହୋଇଥିଲା। ସିଦ୍ଧାର୍ଥ ରେଡ୍ଡୀ ବଞ୍ଚି ଯାଇଥିଲେ। ଘଟଣାଟି ଆତ୍ମହତ୍ୟା କି ପୂର୍ବ ଯୋଜନାବଦ୍ଧ ହତ୍ୟା ସେ ନେଇ ବିବାଦ ଜାରି ରହିଥିଲା ।

ତଦନ୍ତ ପରେ, ସିବିଆଇ ରେଡ୍ଡୀଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଅନୁଯାୟୀ ଏକ ମାମଲା ରୁଜୁ କରିଥିଲା। ୨୦୦୪ ମସିହାରେ, ଟ୍ରାଏଲ୍ କୋର୍ଟ ତାଙ୍କୁ ପାଞ୍ଚ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପରେ, ୨୦୧୧ ମସିହାରେ, ହାଇକୋର୍ଟ ଦଣ୍ଡକୁ ଦୁଇ ବର୍ଷକୁ ହ୍ରାସ କରିଥିଲେ ଏବଂ ୫୦ ହଜାର ଟଙ୍କାର ଜରିମାନା କରିଥିଲେ । ରେଡ୍ଡୀ ସୁପ୍ରିମକୋର୍ଟରେ ଦୋଷମୁକ୍ତ ପାଇଁ ଆବେଦନ କରିଥିଲେ। ଅପରପକ୍ଷରେ ପ୍ରତ୍ୟୁଷାଙ୍କ ମାଆ କଠୋର ଦଣ୍ଡ ପାଇଁ ଏକ ଆବେଦନ ଦାୟର କରିଥିଲେ। ମାମଲା ନଭେମ୍ବର ୨୦୨୫ ରେ ଶେଷ ହୋଇଥିଲା ଏବଂ କୋର୍ଟ ଫେବୃଆରି ୨୦୨୬ ରେ ଚୂଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି।




## ଚାଟାର୍ଡ ଆକାଉଣ୍ଟାଣ୍ଟ ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କୁ 'ଏକାମ୍ରଶ୍ରୀ ସମ୍ମାନ'

**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ଚାଟାର୍ଡ଼ ଆକାଉଣ୍ଟାନ୍ସି କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ଓ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକାମ୍ରଶ୍ରୀ ସମ୍ମାନ'ରେ ସମ୍ମାନିତ କରିଛନ୍ତି । ପବିତ୍ର ଶିବରାତ୍ରୀ ଉପଲକ୍ଷେ ଲିଙ୍ଗରାଜ ମନ୍ଦିର ସମ୍ମୁଖସ୍ଥ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଆୟୋଜିତ ଭଜନ ମଣ୍ଡପରେ ଏକ ମନୋଜ୍ଞ ଉତ୍ସବରେ ବାଚସ୍ପତି ସୁରମା ପାଢୀ, ପୂର୍ବତ୍ତ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନୁଷ୍ଠାନର ଉପସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, ବିଜେପି ରାଜ୍ୟ ପୂର୍ବତନ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଶ୍ରୀ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି ।

### ଆସନ୍ତା କାଲି ମାଟ୍ରିକ ପରିକ୍ଷା

## ୩୦୮୨ ସେଣ୍ଟର ଜଗିବ ସିସିଟିଭି, କପି ଯୋଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**କଟକ, ୧୭।୨ (ସଂଚାର ବ୍ୟୁରୋ) :** ଆଉ ମାତ୍ର ଦିନକ ପରେ ମାଟ୍ରିକ୍ ପରୀକ୍ଷା। ବୋର୍ଡ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତିକୁ ନେଇ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ବୋର୍ଡ ସଭାପତିଙ୍କ ସୂଚନା ଅନୁସାରେ, ମୋଟ୍ ୩୦୮୨ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। କପି କରୁଥିବା ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କପି ଯୋଗାଇଲେ କିମ୍ବା କିଛି ଅନିୟମିତତା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ବୋଲି ବୋର୍ଡ ସଭାପତି କହିଛନ୍ତି। ସେହିଭଳି ଜରୁରୀକାଳୀନ ପରିସ୍ଥିତି ପରୀକ୍ଷା କେନ୍ଦ୍ରରେ



ପ୍ରବେଶ ପାଇଁ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯାଇଛି। ସକାଳ ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ଦିଆଯିବ। ପୂର୍ବରୁ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ଏଥିରେ ଆଉ ୧୫ ମିନିଟ୍ ବୃଦ୍ଧି କରାଯାଇଥିବା କହିଲେ ବୋର୍ଡ ସଭାପତି। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ଅତିରିକ୍ତ ୫୦ ମିନିଟ୍ ସମୟ ଦିଆଯିବ। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସହାୟକ ଲେଖାଳି ଯୋଗାଇଦେବେ ସେଣ୍ଟର। ଯଦି ନିଜେ ଚାହିଁବେ ତେବେ ଦଶମ ଶ୍ରେଣୀରୁ ତଳ ଶ୍ରେଣୀର ଛାତ୍ରଙ୍କୁ ସହାୟକ ଲେଖାଳି ଭାବେ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଆଣି ପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୨ ତାରିଖ ଯାଏଁ ଚାଲିବ ପରୀକ୍ଷା। ଏନେଇ ୩୦୮୨ ସେଣ୍ଟର ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ପ୍ରଶ୍ନପତ୍ର ପାଇଁ ୩୨୨ଟି ନୋଡାଲ ସେଣ୍ଟର ସୃଷ୍ଟି କରାଯିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ଯେଉଁଥିରେ ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ରଖିବାକୁ ବୋର୍ଡ ପକ୍ଷରୁ ଯୋଜନା କରାଯାଇଛି। ସମସ୍ତ ନୋଡାଲ ସେଣ୍ଟର ଗୁଡ଼ିକୁ ସିସିଟିଭି ନଜରରେ ରଖାଯିବ। ଚଳିତବର୍ଷ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ର ଗୁଡ଼ିକ ମଧ ସିସିଟିଭି ନଜରରେ ରହିବ।

## ଜେଇଇରେ କମାଲ୍ କଲେ ଓଡ଼ିଶାର ଯାଆଁଳା ଭାଇ



**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ) :** ଜେଇଇ ମେନ୍‌ରେ କମାଲ୍ କଲେ ଓଡ଼ିଶାର ଯାଆଁଳା ଭାଇ । ରେଜଲ୍ଟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ! ଅବିକଳ ଏକାଭଳି ଚେହେରା । ଦୁହିଁଙ୍କୁ ଯିଏ କେହି ବି ଦେଖିବ ଦ୍ୱନ୍ଦ୍ୱରେ ପଡିଯିବ । ତେବେ ଏମାନଙ୍କର ଖାଲି ଚେହେରା ଏକା ନୁହେଁ, ନମ୍ବର ବି ଏକା । କିଭଳି ସଂଯୋଗ ଦେଖନ୍ତୁ, ପରୀକ୍ଷାରେ ଦୁହିଁଙ୍କର ଆସିଛି ସମାନ ନମ୍ବର ଯାହା ସମସ୍ତଙ୍କୁ ତାଜୁବ୍ କରୁଛି । ଜେଇଇ ମେନରେ ସମାନ ନମ୍ବର ରଖି ସଫଳତା ପାଇଛନ୍ତି ଓଡ଼ିଶାର ଏହି ଯାଆଁଳା ଭାଇ । ଏକାଠି ଜନ୍ମ, ଏକାଠି ପାଠପଢ଼ା, ଏକା ନମ୍ବର । ଜଣଙ୍କର ନାଁ ମହରୁଫ୍ ଓ ଅନ୍ୟ ଜଣକର ନାଁ ମସ୍‌ରୁର ଅହମ୍ମଦ ଖାନ। ଭୁବନେଶ୍ୱରରେ ମହରୁଫ୍ ଓ ମସ୍‌ରୁରଙ୍କ ଘର । 2008 ମେ' ୭ରେ ଜନ୍ମଗ୍ରହଣ କରିଥିବା ଏହି ଦୁଇ ଭାଇ ଗୋଟିଏ କ୍ଲାସ୍ ଓ ଗୋଟିଏ ସ୍କୁଲରୁ ପାଠ ପଢ଼ିଥିଲେ । ପରେ, ସେମାନେ ଏକାଠି ଜେଇଇ ଆଡଭାନ୍ସଡ୍ ପାସ୍ କରିବାର ସ୍ୱପ୍ନ ଦେଖିଥିଲେ ଓ ଏହାକୁ ପୂରଣ କରିବା ପାଇଁ କୋଟା ଚାଲିଯାଇଥିଲେ । କୋଟାରେ ରହି ଜେଇଇ ମେନ୍ ପ୍ରସ୍ତୁତି କରୁଥିଲେ। ଜେଇଇ ମେନ୍‌ରେ ଏକା ସଙ୍ଗେ ଗୋଟିଏ ସିଫ୍ଟରେ ପରୀକ୍ଷା ଦେଇ ସମାନ ନମ୍ବର ରଖିଛନ୍ତି ଦୁଇ ଭାଇ । ୩୦୦ ରୁ ସମାନ ୨୮୫ ନମ୍ବର ପାଇଛନ୍ତି । ୯୯.୯୮ ପର୍ସେଣ୍ଟାଇଲ୍ ରଖି ସଫଳତା ହାସଲ କରିଛନ୍ତି । କଠିନ ପରିଶ୍ରମ ଓ ମାଆଙ୍କ ତ୍ୟାଗ ଯୋଗୁଁ ଦୁହେଁ ସଫଳତାର ଶିଖର ଚଢ଼ିଥିବା କୁହାଯାଉଛି ।

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ—ମିଳୁନି ଫନି ସହାୟତା

**ଭୁବନେଶ୍ୱର, ୧୭।୨:** ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ବାତ୍ୟା 'ଫନି'ରେ ପ୍ରାୟ ୭ବର୍ଷ ପରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ପରିବାର ଏଯାବତ୍ ସରକାରୀ ସହାୟତା ପାଇନାହାନ୍ତି। ଏ ସମ୍ପର୍କରେ ଓଡ଼ିଶା ହାଇକୋର୍ଟ ଓ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ବି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଅଦାଲତି ନିର୍ଦ୍ଦେଶର ସଠିକ୍ ଅନୁପାଳନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ବରିଷ୍ଠ ଅଧିକାରୀମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିଛି। ଏଠାରେ ଉଲ୍ଲେଖନୀୟ ଯେ ୨୦୧୯ ମଇ ମାସରେ ସାମୁଦ୍ରିକ ବାତ୍ୟା ଫନିର କୋପଦୃଷ୍ଟି ବିଶେଷକରି ଅବିଭକ୍ତ ପୁରୀ ଜିଲ୍ଲା ଉପରେ ଅଧିକମାତ୍ରାରେ ପଡ଼ିଥିଲା। ଏହି ବାତ୍ୟା ପରେ ସରକାରୀ କଳ ପକ୍ଷରୁ କେତେକ କ୍ଷତିଗ୍ରସ୍ତ ପରିବାରଙ୍କୁ ଯେଭଳି ଭାବେ ସହାୟତା ଦିଆଗଲା ଅନୁରୂପ ସହାୟତା କିନ୍ତୁ ଅନେକ ପରିବାରଙ୍କୁ ମିଳିଲା ନାହିଁ। ଏ ସଂକ୍ରାନ୍ତରେ ଉଭୟ ଶାସକ ଓ ବିରୋଧୀ ଦଳ ପକ୍ଷରୁ ବାରମ୍ବାର ବିଭିନ୍ନ ଫୋରମ୍‌ରେ ଉଦ୍‌ବେଗ ପ୍ରକାଶ କରାଯାଇଛି।

ବାତ୍ୟା ବିପନ୍ନଙ୍କ ପ୍ରତି ଏଭଳି ପାତରଅନ୍ତରର ପ୍ରତିବାଦ ଜଣାଇ ସାଧାରଣ ଲୋକେ ଓ ନିର୍ବାଚିତ ଜନପ୍ରତିନିଧିମାନେ ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗଣମାଧମରେ ବି ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବା ଲାଗି ଅନେକ ଚର୍ଚ୍ଚା ହୋଇଛି। ଶହଶହ କ୍ଷତିଗ୍ରସ୍ତ ପରିବାର ଏ ସଂକ୍ରାନ୍ତରେ ତହସିଲ, ଜିଲ୍ଲା ଓ ରାଜ୍ୟସ୍ତରୀୟ ଅଧିକାରୀମାନଙ୍କୁ ବାରମ୍ବାର ସ୍ମାରକପତ୍ରମାନ ଦେଇଛନ୍ତି। ଏ ପର୍ଯ୍ୟନ୍ତ ବି ଅନେକ କ୍ଷତିଗ୍ରସ୍ତ ବ୍ୟକ୍ତି ସେମାନଙ୍କ ଭଙ୍ଗା ଘରକୁ ସଜାଡ଼ିପାରି ନାହାନ୍ତି।

ଏ ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ବିଚାର କରି ଯେଉଁ ରାୟ ଆସିଥିଲା ତାହା ବିରୋଧରେ ସୁପ୍ରିମକୋର୍ଟରେ ଏସ୍‌ଏଲ୍‌ପି ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ ମାମଲାର ଚୂଡ଼ାନ୍ତ ବିଚାର କରି କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ ସହାୟତା ରାଶି ସୀମିତ ସମୟ ମଧ୍ୟରେ ଦେବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାହା ବିରୋଧରେ ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିସନ୍ ଦାଖଲ ହୋଇଥିବାବେଳେ କ୍ଷତିଗ୍ରସ୍ତଙ୍କ ସପକ୍ଷରେ ଅଦାଲତଙ୍କ ରାୟର ପୂର୍ଣ୍ଣ ଅନୁପାଳନ ହୋଇନଥିବାରୁ ଅଦାଲତ ଅବମାନନା ମାମଲା ଚାଲିଛି।

ଆଇନ୍ ଅଦାଲତଙ୍କ ରାୟର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ପୁରୀ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପରିମାଣର ଅର୍ଥ ଯୋଗାଇବା ଲାଗି ଏଯାବତ୍ କୌଣସି ବ୍ୟବସ୍ଥା କରିନାହାନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ବିଭାଗ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥାଇ ମଧ ଅର୍ଥ ବରାଦ କରୁନଥିବାରୁ ୭ବର୍ଷ ଧରି ସହାୟତା ରାଶିରୁ ବଞ୍ଚିତ ପରିବାରଗୁଡ଼ିକର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ବର୍ଷବର୍ଷ ଧରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଅର୍ଥ ମିଳିବା ପରେ ବଞ୍ଚିତ ପରିବାରଗୁଡ଼ିକୁ ସହାୟତା ରାଶି ଯୋଗାଇ ଦେବାରେ ହିଁ ଜିଲ୍ଲା ପ୍ରଶାସନ ସକ୍ଷମ ହେବ। ଯେଉଁ ଜିଲ୍ଲାପାଳଙ୍କ ସମୟରେ ଫନି ହୋଇଥିଲା ଏବଂ ମାମଲାର ରାୟ ପ୍ରକାଶ ସହିତ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା ସେମାନଙ୍କ ଭିତରୁ କେହି ଏବେ ପୁରୀରେ ନାହାନ୍ତି। ସେହିପରି ରାଜ୍ୟସ୍ତରୀୟ ଯେଉଁ ଅଧିକାରୀଙ୍କ ବିରୋଧରେ ଏହି ଘଟଣାରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି ସେମାନେ ବି ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ଏହି ମାମଲାରେ ନୀରବତା ଅବଲମ୍ବନ କରୁଛନ୍ତି। ଏ ପରିପ୍ରେକ୍ଷୀରେ ହାଇକୋର୍ଟ କ'ଣ ନିର୍ଦ୍ଦେଶ ଦେବେ ତାହାକୁ ବଞ୍ଚିତ କ୍ଷତିଗ୍ରସ୍ତ ପରିବାରମାନେ ଅନାଇ ରହିଛନ୍ତି। (ତଥ୍ୟ)

## ସହିଦ ନଗରରେ ସ୍ୱତନ୍ତ୍ର ଆସସ୍ ଶୋ'ରୁମ୍ ଇ-ପ୍ଲାନେଟ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୧୭।୨ (ସଂଚାର ବ୍ୟୁରୋ) :** ଏକ ସ୍ୱତନ୍ତ୍ର ଆସସ୍ ଶୋ'ରୁମ୍ ଇ-ପ୍ଲାନେଟ୍ ସହିଦ ନାଗରରେ ଉଦଘାଟନ ହୋଇଯାଇଛି । ପ୍ରାଧିକୃତ ଡିଲର ଭାବରେ, ଇ-ପ୍ଲାନେଟ୍, ଛାତ୍ର, ସୃଜନଶୀଳ ଏବଂ ବୃତ୍ତିଗତମାନଙ୍କ ପାଇଁ ପ୍ରସ୍ତୁତ ପ୍ରିମିୟମ୍ ଲାପଟପ୍ ପ୍ରଦାନ କରାଇବ । ଇ-ପ୍ଲାନେଟ୍ ପଛରେ ଥିବା ଦୂରଦୃଷ୍ଟିସମ୍ପନ୍ନ ଶୁଭଜ୍ୟୋତି ଶା ଜୋର ଦେଇଛନ୍ତି, "ପରବର୍ତ୍ତୀ-ଜେନେରେସନ ଲାପଟପ୍ କେବଳ ଏକ ଉପକରଣ ନୁହେଁ; ଏହା ଅସୀମ ସମ୍ଭାବନା ପାଇଁ ଏକ ପ୍ରବେଶ ପଥ ଅଟେ। ଇ-ପ୍ଲାନେଟ୍‌ରେ, ଆମେ ଭବିଷ୍ୟତ ଗଠନ ପାଇଁ GenZ କୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ ତଥା ଯେଉଁମାନେ ଡିଜାଇନ ଓ ଗେମଇଁରେ ରୁଚି ରଖନ୍ତି କିମ୍ବା ଏକ ଆଧୁନିକ ଶକ୍ତିଶାଳୀ କମ୍ପ୍ୟୁଟରର ବ୍ୟବହାର କରି ଲାଭବାନ ବା ଉପକୃତ ହେଇ ପାରିବେ।" ଇ-ପ୍ଲାନେଟ୍, ଟେକ୍ ଉତ୍ସାହୀମାନଙ୍କୁ ଅତ୍ୟାଧୁନିକ ଆସସ୍ ଉଦ୍ଭାବନର ନୂଆ ନୂଆ ଟେକ୍ନୋଲୋଜି ଅନୁଭବ କରିବାକୁ ଆମନ୍ତ୍ରଣ କରେ, ଅଧ୍ୟୟନ, ଆନିମେସନ୍, ଡିଜାଇନ୍ ଏବଂ ଅନ୍ୟାନ୍ୟ ପାଇଁ ଉପଯୁକ୍ତ । ତୁମର ଟେକ ଅନୁସନ୍ଧାନ ଏବଂ ଉନ୍ନତ କରିବାକୁ ଆମକୁ ପରିଦର୍ଶନ କର ଶ୍ରୀ ଶା ଗ୍ରାହକ ମାନଙ୍କୁ ନିମନ୍ତ୍ରଣ କଲେ। ଏଥିରେ ଓଡ଼ିଆ ସିନେମା ତାରକା ଦିବ୍ୟା ସହ ଡ଼ଃ ଅମୃତ ପାଟଜୋଷୀ, ପି କେ ପାତ୍ର ଓ ଡ଼. ଅନିଷ ବୁନବା, ଦୁଇଟି ମାଲିକ ସୁବହାଜ୍ୟୋତି ଶା ଓ ରାକେଶ କୁମାର ସାହୁ ସହ ଅନ୍ୟ ସହ କର୍ମୀ କଳ୍ପତରୁ ସାହୁ ଏବଂ ଇ-ପ୍ଲାନେଟ୍ ଷ୍ଟାଫ, ଆସସ୍ କମ୍ପାନୀର ଆଞ୍ଚଳିକ ମୁଖ୍ୟ ରିତେଶ କୁମାର, ଓଡିଶା ମୁଖ୍ୟ ଗିରିଶ ଗୁପ୍ତା ସହ ପୂର୍ବ ଟାଟା ଦୁଇ ନମ୍ବର ମୁଖ୍ୟ କୌଶିକ ରାୟ ଏବଂ ଅନ୍ୟାନ ଇନଫ୍ଲୁଇନ୍ସର ଆଉ ଆମନ୍ତ୍ରିତ ମୁଖ୍ୟ ଅତିଥି ବୃନ୍ଦ ଉଦ୍‌ଘାଟନରେ ସାମିଲ ହୋଇ ଶୁଭ ସମୟକୁ ଓ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହ କରାଇଥିଲେ ।

### ● ବାସ କିସ୍ତି କରିଦେବାକୁ ମାଗିଥିଲେ ଲାଞ୍ଚ

## ପୂର୍ବତନ ପିଇଓଙ୍କୁ ୩ ବର୍ଷ ଜେଲଦଣ୍ଡ

**ଭବାନୀପାଟଣା, ୧୬।୨ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଗୋପାଳପୁର ପଞ୍ଚାୟତର ପୂର୍ବତନ ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ) କ୍ଷମା ପ୍ରସାଦ ଦୁରିଆ ୨୦୨୧ ମସିହାର ଏକ ଲାଞ୍ଚ ମାମଲାରେ ମଙ୍ଗଳବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଶ୍ରୀ ବଦ୍ରୀ ନାରାୟଣ ନନ୍ଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ପିଇଓ ଦୁରିଆଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୪ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତର ଲୋହରାଜୋର ଗ୍ରାମର ବିଶେଶ୍ୱର ଗଉଡ଼ଙ୍କୁ ତାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବକେୟା କିସ୍ତି ୨୦ ହଜାର ଟଙ୍କା କରିଦେବାକୁ ଅଭିଯୁକ୍ତ ପିଇଓ ଦୁରିଆ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ହିତାଧିକାରୀ ତଥା ଅଭିଯୋଗ କାରୀ ଗଉଡ଼ ୨୦।୧୦।୨୦୨୧ରେ ଭବାନୀପାଟଣା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେଇଥିଲେ। ଏହାର ଦିନକ ପରେ ଅର୍ଥାତ ୨୧ ତାରିଖ ଭବାନୀପାଟଣା ବସଷ୍ଟାଣ୍ଡ ଠାରେ ଅଭିଯୋଗ କାରୀ ଗଉଡ଼ଙ୍କ ଠାରୁ ପିଇଓ ଦୁରିଆ ୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ ମାଡି ବସିଥିଲା। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ଅଭିଯୁକ୍ତ ପିଇଓ ଦୁରିଆ କେସିଙ୍ଗା ବ୍ଲକରେ କାର୍ଯ୍ୟରତ ଥିବା ଜଣାପଡିଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଶ୍ନପତ୍ରକୁ...

ଗୁଡ଼ିକରେ ପ୍ରଥମ ଥର ପାଇଁ ଏଆଇ କ୍ୟାମେରା ଲଗାଯାଇଛି। ଯାହାର କମାଣ୍ଡ କଣ୍ଟ୍ରୋଲ ରୁମ ଯୁକ୍ତ ଦୁଇ ପରିଷଦ କାର୍ଯ୍ୟାଳୟରେ ଖୋଲାଯାଇଛି। ସମସ୍ତ ପରୀକ୍ଷା ସେଣ୍ଟର ସିସିଟିଭି ମନିଟରିଂ ବି ପରିଷଦର ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମରୁ କରାଯିବ।

ପରୀକ୍ଷାରେ ଇଲେକ୍ଟ୍ରୋନିକ ସାମଗ୍ରୀକୁ ବାରଣ କରାଯାଇଛି। ସମସ୍ତ ଅଧିକାରୀ, ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ସଦସ୍ୟ, ଜିଲ୍ଲା ପ୍ରଶାସନର କର୍ମଚାରୀ ଏବଂ ଅନ୍ୟ କର୍ମଚାରୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବା ପୂର୍ବରୁ ନିଜର ମୋବାଇଲ୍ ଫୋନ୍ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ଜମା କରିବେ କିମ୍ବା ନିଜ ଗାଡ଼ିରେ ରଖିବେ। କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟମାନେ ଏହି ପରି ଜମା ହୋଇଥିବା ଫୋନର ତାରିଖ ଅନୁସାରେ ରେକର୍ଡ ରଖିବେ। ପରୀକ୍ଷା ଶେଷ ଘଣ୍ଟି ବାଜିବା ପୂର୍ବରୁ ଯଦି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ର ଛାଡନ୍ତି, ତେବେ ତାଙ୍କୁ ପ୍ରଶ୍ନପତ୍ର ବାହାରକୁ ନେବାକୁ ଅନୁମତି ଦିଆଯିବ ନାହିଁ। ହବ ଗୁଡ଼ିକରୁ ପୋଲିସ ସୁରକ୍ଷା ସହ ଜଣେ ପର୍ଯ୍ୟବେକ୍ଷକଙ୍କ ଜରିଆରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପ୍ୟାକେଟ୍ ପଠାଯିବ। ଚାପମୁକ୍ତ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସରକାର ପରାମର୍ଶ ଦେଇଛନ୍ତି।

ପରୀକ୍ଷା ଦିନ ସକାଳ ସାଢେ ୮ଟା ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଶ୍ନପତ୍ର ପ୍ୟାକେଟ୍ ଗୁଡ଼ିକ ସକାଳ ସାଢେ ୯ଟା ସମୟରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ହବ ପର୍ଯ୍ୟବେକ୍ଷକ, ପରୀକ୍ଷା ନିରୀକ୍ଷକ ଏବଂ ଜିଲ୍ଲା ପ୍ରଶାସନର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ପରୀକ୍ଷାର୍ଥୀଙ୍କର ଗେଟ୍ ଚେକିଂ ଓ ଶରୀର ଯାଞ୍ଚ କରାଯିବ। ଯେଉଁଠି ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ଅଲଗା ଏଣ୍ଟ୍ରି ଏଣ୍ଡ ସହ ଅଲଗା ଚେକିଂ ରହିବ। କପି କଲାବେଳେ ଧରା ପଡ଼ିଲେ, ମାଲ୍ ପ୍ରାକ୍ଟିସ ଭାବେ ବିବେଚନା କରାଯିବ। ଯାହା ସଂପୃକ୍ତ ଛାତ୍ର ବା ଛାତ୍ରୀଙ୍କ ଏକ ବର୍ଷ ନଷ୍ଟ କରିପାରେ।

## ସାର୍ବଜନୀନ...

ଆତ୍ମସନ୍ତୋଷର ସ୍ଥାନ ନାହିଁ ବୋଲି ଆଜି ବଜେଟି ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି।

ସେ କହିଛନ୍ତି, ରାଜ୍ୟ ସରକାର ୨୦୩୬ ଏବଂ ୨୦୪୭ ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି, ଯାହା ଦେଶର ଶତବାର୍ଷିକୀ ରୋଡମ୍ୟାପ୍ ସହିତ ସମନ୍ୱୟ ରକ୍ଷା କରିଛି। ଏହା ଗତ ଜୁନ ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାଦ୍ୱାରା ଜାତୀୟ ସ୍ତରରେ ଏକ ଦୀର୍ଘକାଳୀନ ବିକାଶ ଢାଞ୍ଚା ରଖିଥିବା କେବଳ ତିନୋଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନିତ ହୋଇଛି। ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖିଛି । ରାଜ୍ୟରେ ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୧ ଲକ୍ଷ ୮ ହଜାର ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ। ଏହା ଦ୍ୱାରା ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ୭୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ରାଜ୍ୟରେ ବିଭିନ୍ନ ମେଗା-ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ସାମ୍ପ୍ରତିକ ଅନୁମୋଦନ, ଓଡ଼ିଶା ପ୍ରତି ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ପ୍ରସ୍ତାବିତ ୮ ହଜାର ୩୦୦ ହଜାର କୋଟି ଟଙ୍କାର ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥର ଅନୁମୋଦନ, ୮ ହଜାର ୩୦୮ କୋଟି ଟଙ୍କା ବିନିଯୋଗରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ବାଣିଜ୍ୟକୁ ସୁଦୃଢ଼ କରିବ। ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ଅତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ ହେବାକୁ ଯାଉଛି। ଏହା ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ହବ୍ ଭାବରେ ସ୍ଥାନିତ କରିବ, ଉଚ୍ଚ-କୁଶଳୀ ନିଯୁକ୍ତି ସୃଷ୍ଟି କରିବ, ସହାୟକ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିବ। କୃଷି କ୍ଷେତ୍ରରେ ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରି ୨୦୨୪-୨୫ରେ ରାଜ୍ୟରେ ୧୫୦.୪୮ ଲକ୍ଷ ମେଟ୍ରିକ ଟନ ଫସଲ ଉତ୍ପାଦନ ହୋଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ, ରାଜ୍ୟ ସରକାର ୧୦୬ ଟି ସହରାଞ୍ଚଳ ଜଳାଶୟର ପୁନରୁଦ୍ଧାର ଏବଂ ୨ ହଜାର ୪୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସକ୍ରିୟ ଅଂଶଗ୍ରହଣ ମାଧମରେ ୩୮ ହଜାର ବୃକ୍ଷ ରୋପଣ ସହିତ ସ୍ଥାୟୀ ସହରାଞ୍ଚଳ ବିକାଶରେ ରେକର୍ଡ କରିଛି। ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନରେ ୧୧୩ଟି ରୁଟରେ ୨୯୦ ଟି ବୈଦ୍ୟୁତିକ ବସ୍ ସମେତ ୬୭୦ ଟି ବସ୍ ପରିଚାଳନା କରି ସ୍ଥାୟୀ ସହରାଞ୍ଚଳ ଗତିଶୀଳତାରେ ଏହାର ନେତୃତ୍ୱକୁ ସୁଦୃଢ଼ କରିଛି । ଏହା ଦୈନିକ ପ୍ରାୟ ୩ ଲକ୍ଷ ୩୦ ହଜାର ଯାତ୍ରୀଙ୍କୁ ସେବା ଯୋଗାଇ ଦେଉଛି । ଏହି ବ୍ୟବସ୍ଥାକୁ ଆହୁରି ଆଠଟି ସହରାଞ୍ଚଳକୁ ସମ୍ପ୍ରସାରିତ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୨୦୦ଟି ବସ୍ କ୍ରୟ କରାଯାଇଛି ଏବଂ ପ୍ରମୁଖ ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ପଦକ୍ଷେପ ଅଧୀନରେ ୪୦୦ ବୈଦ୍ୟୁତିକ ବସ୍ ମଞ୍ଜୁର କରାଯାଇଛି। ଓଡ଼ିଶା ଯାତ୍ରୀ ଆପର କମିଶନ-ମୁକ୍ତ ଆୟ ମଡେଲ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଓଡ଼ିଶାକୁ ୨୦୨୫ ମସିହାରେ ସହରାଞ୍ଚଳ ଗତିଶୀଳତା ଭାରତ ପୁରସ୍କାର ଏବଂ ଜାତୀୟ ସାର୍ବଜନୀନ ବସ୍ ପରିବହନ ଉତ୍କର୍ଷତା ପୁରସ୍କାର ମିଳିଛି ବୋଲି ରାଜ୍ୟପାଳ କହିଛନ୍ତି।

ଗତ ୨୦ ମାସରେ ରାଜ୍ୟ ସରକାର ନିଜ ଶିଳ୍ପାୟନ କ୍ଷମତା ନିର୍ଣ୍ଣାୟକ ଭାବରେ ପ୍ରଦର୍ଶନ କରିଛି। ଏହି ସମୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ୮୫ ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ ହୋଇଛି । ଏହା ୧ ଲକ୍ଷ ୬୫ ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି। ବର୍ଷକ ମଧ୍ୟରେ ଓଡ଼ିଶା ୭ ଲକ୍ଷ ୧୦ ହଜାର କୋଟି ଟଙ୍କାରୁ ଅଧିକ ସଂଚୟିତ ନିବେଶ ଆଗ୍ରହକୁ ଆକର୍ଷିତ କରିଛି। ଔଷଧ ଏବଂ ଚିକିତ୍ସା ଉପକରଣ, ଉନ୍ନତ ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଏବଂ ପ୍ରତିରକ୍ଷା ଭଳି ଉଚ୍ଚ-ଅଭିବୃଦ୍ଧିଶୀଳ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ହେଉଛି। ଏହା ଦର୍ଶାଉଛି ଯେ, ଶିଳ୍ପାୟନରେ ଓଡ଼ିଶା ଏବେ ପୂର୍ବଭାରତରେ ଏକ ଗେଟୱେ ହୋଇଛି।

ସେ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ସହିତ ସମନ୍ୱୟ ରଖି ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାରେ ପରିବର୍ତ୍ତନକାରୀ ସଂସ୍କାର ଆଣିଛନ୍ତି। ୨୦୨୫-୨୬ ଶିକ୍ଷା ବର୍ଷରେ, ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ନାମକ ୪୫ ହଜାରରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଖୋଲାଯାଇଥିଲା, ଯେଉଁଥିରେ ପ୍ରଥମ ଥର ପାଇଁ ୫ ରୁ ୬ ବୟସ ବର୍ଗର ପ୍ରାୟ ୩ ଲକ୍ଷ ୨୦ ହଜାର ପିଲା ପଞ୍ଜୀକରଣ କରିଥିଲେ। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ଉତ୍ସାହ ଯୋଜନା ଅଧୀନରେ ଛାତ୍ରବୃତ୍ତି ସହାୟତାରେ ସରକାର ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ପଛୁଆ ସମ୍ପ୍ରଦାୟ ମଧ୍ୟରେ ନିଯୁକ୍ତି ଏବଂ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ପାଇଁ, ସରକାର ୨୦୨୫-୨୬ ବର୍ଷ ମଧ୍ୟରେ ୬୫୩ ଜଣ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିଛନ୍ତି। ବୈଷୟିକ ଶିକ୍ଷା ଏବଂ ଦକ୍ଷତା ବିକାଶ ଇକୋସିଷ୍ଟମରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି, ଯାହାର ଲକ୍ଷ୍ୟ ପ୍ରବେଶ, ଗୁଣବତ୍ତା, ଶିଳ୍ପ ପ୍ରାସଙ୍ଗିକତା, ଡିଜିଟାଲ୍ ସକ୍ଷମତା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଉପରେ ରହିଛି।

ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ କେନ୍ଦ୍ରିତ କରି ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ର ଏକ ପରିବର୍ତ୍ତନକାରୀ ପ୍ରସାରଣ କରିଥିଲା। ସରକାର ସ୍ୱାସ୍ଥ୍ୟସେବା ପାଇଁ ରେକର୍ଡ ୨୩ ହଜାର ୬୩୫ କୋଟି ଟଙ୍କା ଆବଣ୍ଟନ କରିଥିଲେ। ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଗତସିଂହପୁର, ଭଦ୍ରକ, ଢେଙ୍କାନାଳ ଏବଂ ନବରଙ୍ଗପୁରରେ ଚାରୋଟି ମେଡ଼ିକାଲ କଲେଜ ସମେତ ନଅଟି ନୂତନ ଚିକିତ୍ସା ପ୍ରତିଷ୍ଠାନକୁ ଅନୁମୋଦନ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଏକ ବଡ଼ ଉନ୍ନତି ଆଣିଛି। ସହରାଞ୍ଚଳ ଯାତାୟତ ବ୍ୟବସ୍ଥାରେ ଉନ୍ନତି ପାଇଁ ରାଜ୍ୟ ସରକାର କଳିଙ୍ଗ ଷ୍ଟାଡିୟମ ଗେଟ ନମ୍ବର ୪ରୁ ରଗୁନାଥପୁର ବ୍ରିଜ ପର୍ଯ୍ୟନ୍ତ ଫ୍ଲାଏ ଓଭର ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଏଥିସହିତ କେନ୍ଦୁଝରର ବାଇପାସ ରୋଡ, ଭବାନୀପାଟଣା-ଖରିଆର ରାସ୍ତାକୁ ଚାରି ଲେନ ବିଶିଷ୍ଟ କରାଯିବ। ବୁର୍ଲା ରିଙ୍ଗ ରୋଡ ବିକାଶ ଏବଂ ପୁଲନଖରା-ନିଆଳି-ମାଧବ ରାସ୍ତାକୁ ଚାରି ଲେନ ବିଶିଷ୍ଟ କରାଯିବ। ମହିଳା ବିକାଶରେ ରାଜ୍ୟ ସରକାର ୨୦୨୪-୨୫ରେ ୧୬.୪୨ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି।

## ଭାରତକୁ...

ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ। ମନ୍ତ୍ରୀଙ୍କ ସୂଚନାନୁସାରେ, ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଏବଂ ଏଆଇ ସମ୍ପର୍କିତ ଶିକ୍ଷା ପରସ୍ପର ପରିପୂରକ। ଆଜିର ଯୁବପିଢ଼ି ପୂର୍ବ ପିଢ଼ିଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ଚିନ୍ତାଧାରା ରଖୁଛନ୍ତି। କେନ୍ଦ୍ର ମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଏଆଇ ମାଧମରେ ଶିକ୍ଷିତ ହେବା ସହ ତାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ସହ ନିଜେ ନିଜେ ସଶକ୍ତ ହେବା ସହ କିଛି ନୂତନତ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ଯୁବପିଢ଼ିଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ।

ଜାତୀୟ ଶିକ୍ଷା ନୀତି ୨୦୨୦ର ଦୂରଦୃଷ୍ଟି ଏବଂ 'ବିକଶିତ ଭାରତ ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମାନତା ରକ୍ଷା କରି ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଏଆଇକୁ ଏକୀକୃତ କରିବା ପାଇଁ ମନ୍ତ୍ରଣାଳୟର ଏହା ଏକ ପ୍ରୟାସ। ଗତ ଏକ ଦଶନ୍ଧି ମଧ୍ୟରେ, ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ, ନୀତିଗତ ଢାଞ୍ଚା, ସାଂସ୍ଥାନିକ ସଂସ୍କାର ଏବଂ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଅତ୍ୟାଧୁନିକ ଅନୁସନ୍ଧାନ ଓ ନବସୃଜନ କ୍ଷେତ୍ରରେ ଏଆଇ- ସମର୍ଥ ଶିକ୍ଷା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଛି। ଏହି ଅଧିବେଶନର ଉଦ୍ଦେଶ୍ୟ ହେଉଛି ଭାରତର ଜାତୀୟ ଏଆଇ-ଇନ୍-ଏଜୁକେସନ୍ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଏବଂ ଶିଳ୍ପ-ଶିକ୍ଷାବିତ୍-ସରକାରଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା। ଏହି ଅଧିବେଶନରେ ରାଷ୍ଟ୍ର ଶିକ୍ଷା ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଯୋଗଦେଇଥିଲେ। ଏହି ପ୍ୟାନେଲରେ ଶିକ୍ଷାବିତ୍, ଶିଳ୍ପ ଏବଂ ନିବେଶ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବୁଲିଲା...

ସଙ୍ଗିନ ଘଟଣା ଦେଖିବାକୁ ମିଳିଛି ତମାଣ୍ଡୋ ଥାନା ଅଞ୍ଚଳରେ। କଳିଙ୍ଗ ନଗର କେ-୪ ଠାରେ ଥିବା ଏ ସୁନା ଅଳଙ୍କାର ଦୋକାନରୁ ପେପର ସ୍ପ୍ରେ ମାରି ଗରାଖ ବେଶରେ ଲୁଟେରା ଲୁଟି ନେଇଛନ୍ତି ୬ ଲକ୍ଷ ଟଙ୍କାର ସୁନା ଗହଣା। ଲୁଟ ବେଳର ସିସିଟିଭି ମଧ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଭଉଣୀ ବାହାଘର କଥା କହି ବ୍ରେସଲେଟ ଓ ସୁନା ଚେନ ଦେଖିବା ପରେ ସେଲସମ୍ୟାନଙ୍କ ମୁହଁକୁ ସ୍ପ୍ରେ ମାରିଥିଲେ ଲୁଟେରା। ଆଉ ତା ପରେ ଘଟଣାସ୍ଥଳରୁ ଚମ୍ପଟ କରିଥିଲେ। ପୂର୍ବରୁ ଏ ଲୁଟେରା ଜଣଙ୍କ କିଛି ମାସ ତଳେ ଆସି ସୁନା କିଣିଥିବା କହିଛନ୍ତି ଜୁଏଲାରୀ ମାଲିକାଣୀ। ସେପଟେ ତମାଣ୍ଡୋ ଥାନା ପୋଲିସ ସିସିଟିଭି ଜବତ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ଗୋଟିଏ ପଟେ ବିଧାନସଭା ସୁରକ୍ଷାରେ ୩୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଭିଭିଆଇପିଙ୍କ ସୁରକ୍ଷା ପାଇଁ ରାସ୍ତା କଡରେ ଜଗିଛନ୍ତି ବ୍ଲାକ୍ କ୍ୟାଟ କମାଣ୍ଡୋ। କିନ୍ତୁ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଘଳିଆ ସୃଷ୍ଟି କରିଛନ୍ତି ଅପରାଧୀ।

## ପୁଣି କଟକରେ...

ପରୀକ୍ଷା ପାଇଁ ପଠାଇଛି। ୨୦ ଜଣ୍ଡିସ୍ ଆକ୍ରାନ୍ତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୫ ଜଣ ସୁସ୍ଥ ହୋଇଥିବା ବେଳେ ବାକି ୫ ଜଣଙ୍କ ଚିକିତ୍ସା ଚାଲିଛି ବୋଲି କହିଛନ୍ତି କଟକ ମେୟର ସୁବାସ ସିଂ। କଟକ ମେୟର କହିଛନ୍ତି, ପାଣି ପ୍ରଦୂଷିତ ହୋଇଛି। ବିଭିନ୍ନ ସ୍ଥାନରେ ଅଧିକାରୀମାନେ ଲୋକଙ୍କ ସମ୍ପର୍କରେ ନାହାନ୍ତି। ଖୋଲାଖୋଲି କରି ଦେଖିବା ପରେ ପାଣି ପାଇପ୍ ଫାଟି ପ୍ରଦୂଷିତ ହୋଇଥିବା ଜଣାପଡ଼ିଛି। ବିଭାଗ ୭ ଦିନ ଧରି ଅନୁଧାନ କରିବା ସହ କ୍ୟାମ୍ପ ପକାଇ ପରୀକ୍ଷା କରାଯାଉଛି। ଜଣ୍ଡିସ୍‌କୁ ରୋକିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି।

ଲୋକଙ୍କ ଅଭିଯୋଗ ଅନୁଯାୟୀ, ସହରରେ ଡ୍ରେନ୍ ସଫା ହେଉନଥିବାରୁ ମଇଳା ପାଣି ପାଇପ୍ ଭିତରେ ପଶି ଯାଉଛି। ଫଳରେ ଲୋକେ ବିଷାକ୍ତ ପାଣି ପିଇବାକୁ ବାଧ ହେଉଛନ୍ତି। କେବଳ ଏହି ଦୁଇଟି ୱାର୍ଡ ନୁହେଁ, ବରଂ ଅଧିକାଂଶ ଅଞ୍ଚଳରେ ସମାନ ସମସ୍ୟା ଦେଖିବାକୁ ମିଳିଛି। ସ୍ଥିତି ବିଗିଡ଼ିବା ପରେ ଏବେ ପ୍ରଶାସନ ପକ୍ଷରୁ ସଚେତନତା ଓ ଡ୍ରେନ୍ ସଫେଇ କାର୍ଯ୍ୟ ଜୋରଦାର କରାଯାଇଛି। ଜଣ୍ଡିସ୍ ରୋକିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିଛି ସତ, ହେଲେ ଆଗାମୀ ଦିନରେ କଟକବାସୀଙ୍କୁ କେବେ ମିଳୁଛି ବିଶୁଦ୍ଧ ପାନୀୟ ଜଳ, ତାହା ଦେଖିବାକୁ ବାକି ରହିଲା।

## ବିଧାୟକଙ୍କ...

ଆଉ ଖୋଜ ଖବର ନାହିଁ।ବିଲ୍ ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଉନଥିବାରୁ ବଢ଼ା ଦରମା କିମ୍ବା ପେନ୍‌ସନ କେହି ପାଇପାରୁ ନାହାନ୍ତି। ତେବେ ଚଳିତ ବିଧାନସଭା ଆରମ୍ଭ ହୋଇଥିବାରୁ ଏହି ବିଲ୍‌କୁ ନେଇ ଆଲୋଚନା ଆରମ୍ଭ ହୋଇଛି। ବିଲ୍ ସଂକ୍ରାନ୍ତରେ ମତ ଦେଇ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି ଯେ ବିଜେଡି ପାଇଁ ଏଭଳି ଅବସ୍ଥା ହୋଇଛି। ପ୍ରଥମେ ବିଲ୍‌କୁ ସମର୍ଥନ କରି ପରେ ବିଜେଡି ବିରୋଧ କରିଛି। କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ବିଧାନସଭାରେ ପାରିତ ହୋଇଥିବା ବିଲ୍ ପ୍ରତ୍ୟାହାର ହେବା ଉଚିତ୍ ନୁହେଁ।

ଏଭଳି ଆଲୋଚନା ଭିତରେ କିନ୍ତୁ ସରକାର ଏକ ପ୍ରକାର ତ୍ରିଶଙ୍କୁ ଅବସ୍ଥାରେ ପଡି ଯାଇଥିବା ଦେଖିବାକୁ ମିଳୁଛି।ଦରମା ବିଲ୍‌ରେ ସଂଶୋଧନ କରି ଗୃହରେ ଆଣିବେ କି ନାହିଁ ତାହାକୁ ନେଇ ତର୍ଜମା କରାଯାଉଛି।ମୁଣ୍ଡ ଉପରେ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ଦରମା କେତେ ବଢ଼ିବ ଓ ଏହି ବର୍ଦ୍ଧିତ ବିଲ୍ ବିଧାନସଭାରେ ଆସିଲେ ତାହା ପୂର୍ବ ଭଳି ସର୍ବସମ୍ମତ ଅନୁମୋଦନ ପାଇବ ନାହିଁ ତାହାକୁ ନେଇ ଏକ ପ୍ରକାର ଛକାପଞ୍ଝା ଆରମ୍ଭ ହୋଇଯାଇଛି। ତେବେ ବର୍ତ୍ତମାନ ବିଲ୍‌ର ସ୍ଥିତି କ'ଣ ଓ ଆଗାମୀ ଦିନରେ ଏହା କେଉଁ ରୂପରେ ଗୃହକୁ କେଉଁ ଆଇନ୍ ବଳରେ ଆସିବ ତାହାକୁ ନେଇ ଆଲୋଚନା ଚାଲିଥିବାବେଳେ ଅଧିକାଂଶ ସଦସ୍ୟ କିନ୍ତୁ ଏହା ଉପରେ ନିରବତା ଅବଲମ୍ବନ କରୁଛନ୍ତି।

## ଓଡ଼ିଶା...

ହେଉଛି। ଏବେ ରାଜ୍ୟରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ଏହାସହ ଭୁବନେଶ୍ୱର ସ୍ଥିତ ଆଇଆଇଟିଠାରେ ମଧ ନମୋ ସେମିକଣ୍ଡକ୍ଟର ଲ୍ୟାବ୍ ଆରମ୍ଭ ହେଉଛି, ଯାହା ସେମିକଣ୍ଡକ୍ଟର କ୍ଷେତ୍ରରେ ବଡ଼ ଗବେଷଣା ପାଇଁ ଉନ୍ମୁକ୍ତ ହେବ।

ଏଆଇର ଉପଯୋଗ କେମିତି ଚାଷୀମାନଙ୍କ ପାଇଁ କିମ୍ବା ସହରରେ ଜଳ ଯୋଗାଣ ବ୍ୟବସ୍ଥା ଭଳି ସବୁ ପ୍ରକାର ବ୍ୟବସ୍ଥାରେ ଉପଯୋଗ କରାଯାଇପାରିବ ତାହାକୁ ଏଠାରେ ପ୍ରଦର୍ଶନ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଅନେକ ସମାଧାନର ରାସ୍ତା ଏଆଇ ମାଧମରେ ସମ୍ପନ୍ନ କରାଯିବାର ବାଟ ଦେଖାଯାଇଛି। ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ଏଥିଲାଗି ଶ୍ରେୟ ପ୍ରଦାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ବୈଷ୍ଣବ। ତାଙ୍କ ସୌଜନ୍ୟ ଓ ନେତୃତ୍ୱ ହେତୁ ଏକ ସୁନ୍ଦର ଷ୍ଟଲ ହୋଇପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ପେଟ୍ରୋଲ ଢ଼ାଳି ଜାଳିଦେଲେ କାର୍



**ଚାନ୍ଦବାଲି, ୧୭।୨ (ସଂଚାର ବ୍ୟୁରୋ) :** ଜଳିଗଲା କାର। କେହି ଦୁର୍ବୃତ୍ତ ଗାଡ଼ିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଉଥିବାର ଦେଖିବାକୁ ମିଳିଛି । ଭଦ୍ରକ ଜିଲ୍ଲା ଆରଡ଼ି ଫାଣ୍ଡି ସଠିବାଙ୍କୁଡ଼ା ରାସ୍ତାର ଦୃଶ୍ୟ । ତେବେ କିଏ ଓ କାହିଁକି ଗାଡ଼ିକୁ ଏମିତି ଭାବେ ଜାଳିଲା ତାହା ଜଣାପଡିନି । ଗାଡ଼ିର ମାଲିକ କିଏ ତାହା ଜଣାପଡିନି। କିଛି ଅନୈତିକ କାର୍ଯ୍ୟରେ ଗାଡି ଲାଗିଥିଲା ବେଳେ ଗାଡ଼ି ଜାଳି ଦିଆଯାଇଥିବା ଚର୍ଚ୍ଚା ହେଉଛି ।

## ଭିନ୍ନକ୍ଷମଙ୍କୁ ପିଇଓଙ୍କ ଅଣଦେଖା

● ଅଭିଯୋଗ ପରେ ପାଇଲେ ପିଛିଲା ଭତ୍ତା



**ବାଲିଆପାଳ, ୧୭।୨ (ସଂଚାର ବ୍ୟୁରୋ):** ସରକାର ଭିନ୍ନକ୍ଷମଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଭିନ୍ନକ୍ଷମ ଅଧିକାର ସୁରକ୍ଷା ଆଇନ ପ୍ରଣୟନ କରିଥିଲେ ମଧ ତୃଣମୂଳ ସ୍ତରରେ ତାହାର ପ୍ରତିଫଳନ ଦେଖାଯାଉନାହିଁ। ବାଲିଆପାଳ ବ୍ଲକର କୁଣ୍ଡୁଳି ଓ ବୋଲଂ ପଞ୍ଚାୟତର କିଛି ଭିନ୍ନକ୍ଷମ ଦୀର୍ଘଦିନ ଧରି ୟୁଡିଆଇଡି ତଥା ଅନଲାଇନ ପ୍ରମାଣପତ୍ର ନଥିବା ହେତୁ ଦୀର୍ଘ ଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଥିଲେ। ଗତ ୯ ତାରିଖରେ ବାଲିଆପାଳ ଭିନ୍ନକ୍ଷମ ମେଳାରେ ଡାକ୍ତରୀ ପରୀକ୍ଷା ପରେ ସେମାନେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ। ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ଅଭିଯୋଗ ଅନୁସାରେ ବ୍ଲକ ପ୍ରଶାସନ ଭତ୍ତା ତାଲିକାରେ ଏହି ଭିନ୍ନକ୍ଷମ ଙ୍କ ନାମ ସଂଯୋଗ ସହ ପିଛିଲା ଭତ୍ତା ଲିପିବଦ୍ଧ କରିଥିଲେ। କିନ୍ତୁ ଭତ୍ତା ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଅବହେଳିତ ଭିନ୍ନକ୍ଷମମାନେ ଆସିଥିବାବେଳେ ଦୁଇ ପଞ୍ଚାୟତର ପିଇଓ ସାସ୍ୱତ୍ୱ ମୁର୍ମୁ ଏବଂ ରାଜକୁମାର ସେନାପତି ଡାକ୍ତରୀ ରିପୋର୍ଟ ଥିଲେ ମଧ ଅନଲାଇନ ପ୍ରମାଣପତ୍ର ଦାବି କରି ଭତ୍ତା ଦେବାକୁ ଅସ୍ୱୀକାର କରିଥିଲେ। ସକାଳ ୯ଟାରୁ ପ୍ରଥମେ ଅପେକ୍ଷା କରିଥିବା ଭିନ୍ନକ୍ଷମ ମାନଙ୍କୁ ହେୟଜ୍ଞାନ କରି ଅନ୍ୟମାନଙ୍କୁ ପ୍ରଥମେ ଭତ୍ତା ବଣ୍ଟନ କରାଇଥିଲେ।

### ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା

# ନଦୀ ବନ୍ଧରେ ଘାଇ ହେବା ଆଶଙ୍କା

**ନିଶ୍ଚିନ୍ତକୋଇଲି, ୧୭।୨ (ସଂଚାର ବ୍ୟୁରୋ):** କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନ ଚିତ୍ରୋତ୍ପଳା ନଦୀର ମଣ୍ଡଣ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟ ଓ କଦମ୍ବମୂଳ ଛକ ପାଖ ନଦୀବନ୍ଧରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ନଦୀବନ୍ଧକୁ ୨ଫୁଟରୁ ଉର୍ଦ୍ଧ୍ୱ ବ୍ୟାସାର୍ଦ୍ଧର ଖୋଳାଯାଇ ବିଦ୍ୟୁତ୍ କେବୁଲ ତାର ବିଛାଯାଇଛି। ଫଳରେ ଉକ୍ତ ସ୍ଥାନରେ ନଦୀବନ୍ଧ ଦୁର୍ବଳ ହେବା ସହ ନଦୀରେ ବନ୍ୟାଜଳ ଆସିଲେ ସେଠାରେ ଘାଇ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସେଠାରେ ନଦୀ ବନ୍ଧକୁ ଖୋଳି କେବୁଲ ବିଛାଇବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମତି ମିଳିଛି କି ନାହିଁ ସେ ବାବଦରେ ବିଦ୍ୟୁତ୍ ତାର ବିଛା କାର୍ଯ୍ୟ କରୁଥିବା ଠିକା ସଂସ୍ଥାକୁ ସ୍ଥାନୀୟ ଅଞ୍ଚଳବାସୀ ପଚାରିବାରୁ ସେମାନେ



କୁହନ୍ତି ଯେ ଜଳସମ୍ପଦ ବିଭାଗ ପାଖରୁ ଅନୁମତି ଆସିଛି ତାହା ଉପରିସ୍ଥ ଅଧିକାରୀଙ୍କ ପାଖରେ ଅଛି। ଉପରିସ୍ଥ ଅଧିକାରୀଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରି ପଚାରିବାରୁ ସେ ମଧ କହିଥିଲେ କି ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମତି ହେଲେ ଠିକାସଂସ୍ଥା ଓ ସଂସ୍ଥାର ଉପରିସ୍ଥ ଅଧିକାରୀ ଅଭିଯୋଗକାରୀଙ୍କୁ କୌଣସି କାଗଜ ଦର୍ଶାଇ ପାରିନାହାଁନ୍ତି। ସବୁଠାରୁ ବଡ଼କଥା ହେଲା ନଦୀବନ୍ଧ ଖୋଳା କାର୍ଯ୍ୟ ଦିନରେ କରାନଯାଇ ରାତିରେ କରାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଥାଉକି ଉକ୍ତ ସ୍ଥାନରେ ବିଗତ ଦିନରେ ନଦୀରେ ବନ୍ୟାଜଳ ଆସି ସେଠାରେ ଘଳିଆ ପଡ଼ିଥିବାର ନଜିର ରହିଛି। ଯଦି ବନ୍ୟାଜଳ ଆସିଲେ ସେଠାରେ ଘଳିଆ ପଡ଼ି ଘାଇ ହୋଇ ନଦୀବନ୍ଧ ଭାଙ୍ଗେ ତାହେଲେ ଦ୍ୱିପାଞ୍ଚଳର ମାହାଙ୍ଗା, ପାଟକୁରା ଓ କଟକ ସଦର ନିର୍ବାଚନ ମଣ୍ଡଳୀର ବହୁ ଚାଷ ଜମି ନଷ୍ଟ ହେବା ସହ ବହୁ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଏଠାରେ କେବୁଲ ମାଧ୍ୟମରେ ତାର ବିଛାନଯାଇ ବିଦ୍ୟୁତ୍ ଖୁଣ୍ଟ ପକାଯାଇ ଉପରେ ବିଦ୍ୟୁତ୍ ତାର ଟାଣିବାକୁ ବ୍ରଜବନ୍ଧୁ ବେହୁରା, ପୂର୍ବତନ ସରପଞ୍ଚ ଉମେଶଚନ୍ଦ୍ର ଭୂୟାଁ, ବିଜେଡ଼ି ପଞ୍ଚାୟତ ସଭାପତି ରମେଶଚନ୍ଦ୍ର ଜେନା, ଅଶ୍ୱିନୀ ମଲିକ, ଦୁର୍ଯ୍ୟୋଧନ ସାହୁ, ସୁନାକର ସାହୁ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

● ଜେଇଇ(ମେନ୍) ୨୦୨୬ ସେସନ୍-୧ ପରୀକ୍ଷା ଫଳ

## ସର୍ବାଧିକ ୨୧ଜଣ ୯୯ ଉର୍ଦ୍ଧ୍ୱ ପର୍ସେଣ୍ଟାଇଲ୍ ସହ କୃତକାର୍ଯ୍ୟ



**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ):** ଏନ୍‌ଟିଏ ଦ୍ୱାରା ଗତମାସରେ ଅନୁଷ୍ଠିତ ହୋଇଥିବା ସମ୍ମାନଜନକ ଜେଇଇ(ମେନ୍) ୨୦୨୬ ସେସନ୍-୧ ପରୀକ୍ଷା ଫଳ ସମ୍ପ୍ରତି ପ୍ରକାଶ ପାଇଛି। ଏଥିରେ ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ସର୍ବାଧିକ ୨୧ଜଣ ବିଦ୍ୟାର୍ଥୀ ୯୯ରୁ ଉର୍ଦ୍ଧ୍ୱ ପର୍ସେଣ୍ଟାଇଲ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ଶାକ୍ୟସିଂହ ପାତ୍ର ୯୯.୯୮୯ ପର୍ସେଣ୍ଟାଇଲ୍ ସହ ବିଦ୍ୟାଳୟର ଟପ୍ପର ହୋଇଥିବାସ୍ଥଳେ ସ୍ଥିତପ୍ରଜ୍ଞ କର ୯୯.୯୩୨ ଓ ସାଇ ପ୍ରସାଦ ମିଶ୍ର ୯୯.୯୨୮ ପର୍ସେଣ୍ଟାଇଲ୍ ସହ ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ମହାନ୍ତି (୯୯.୮୩୮), ଆଶୁତୋଷ ଆଚାର୍ଯ୍ୟ (୯୯.୭୩୧), ବୈଭବ ଦାସ (୯୯.୬୮୫), ଦେବୀଦତ୍ତ ପଣ୍ଡା (୯୯.୫୯୦), ପ୍ରିୟାଂଶୁ ସେନାପତି (୯୯.୫୨୧), ମେୟନ୍ ରାଉତ (୯୯.୪୮୧), ପର୍ଣ୍ଣସ୍ ରାୟ (୯୯.୪୫୮), ଅର୍ପିତ ବେହେରା (୯୯.୪୫୨), ଦେବାଂଶ ନାୟକ (୯୯.୪୩୩), ଅଭିଲାଷା ପଣ୍ଡା (୯୯.୪୨୭), ଐନେଶ୍ ଦାଶ (୯୯.୩୯୩), ପ୍ରୀତ୍ ଆଚାର୍ଯ୍ୟ (୯୯.୩୯୩), ଆୟୁଷ ଗୁପ୍ତା (୯୯.୨୧୯), ପିୟୁଷ ସିଂଘାଣିଆ (୯୯.୧୩୮), ଶୁଭି ଅଗ୍ରୱାଲା (୯୯.୧୩୪), ସୁଦୀପ୍ତ ପୁଥାଲ୍ (୯୯.୦୮୮), ଆଶୀର୍ବାଦ ନାୟକ (୯୯.୦୭୧) ଓ ବିଶ୍ୱଜିତା ରାଉତ (୯୯.୦୨୮) ୯୯ରୁ ଉର୍ଦ୍ଧ୍ୱ ପର୍ସେଣ୍ଟାଇଲ୍ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ବିଦ୍ୟାଳୟର ୩୯ଜଣ ବିଦ୍ୟାର୍ଥୀ ୯୮ରୁ ଉର୍ଦ୍ଧ୍ୱ, ୪୮ଜଣ ୯୭ରୁ ଉର୍ଦ୍ଧ୍ୱ, ୭୩ଜଣ ୯୫ରୁ ଉର୍ଦ୍ଧ୍ୱ ଓ ୧୨୨ଜଣ ୯୦ରୁ ଅଧିକ ପର୍ସେଣ୍ଟାଇଲ୍ ରଖି ମେଧା ତାଲିକାରେ ସ୍ଥାନିତ ହୋଇଛନ୍ତି। ଡିଏଭି ଚନ୍ଦ୍ରଶେଖରପୁରର ଏହି ଉଲ୍ଲେଖନୀୟ ରେକର୍ଡ ସାଫଲ୍ୟ ହାସଲ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବର ପ୍ରସ୍ତୁତି ବୈଠକ

**ଧାମନଗର, ୧୭।୨ (ସଂଚାର ବ୍ୟୁର):** ଆସନ୍ତା ଶ୍ରୀରାମ ବିଜୟା ଦଶମୀ ମହୋତ୍ସବକୁ ଧାମନଗରରେ ଭବ୍ୟ, ସୁଚାରୁ ଓ ସୁସଂଗଠିତ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଧାମନଗର ଇଣ୍ଡୋର ଷ୍ଟାଡିୟମ ଠାରେ ବୁଧବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଧାମନଗରର ସାଂସଦ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ମନୋଜ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଧାମନଗର ଶ୍ରୀ ରାମ ମହାଯଜ୍ଞ ସମିତିର ଆହ୍ୱାନରେ, ସମିତିର ସଭାପତି ତଥା ସହରାଞ୍ଚଳ ସାଂସଦ ପ୍ରତିନିଧି ସରୋଜ ମହାପାତ୍ର ସଞ୍ଚାଳନ କରିଥିଲେ। ବୈଠକରେ ମହୋତ୍ସବର ସମ୍ପୂର୍ଣ୍ଣ ରୂପରେଖା, କାର୍ଯ୍ୟକ୍ରମ ତାଲିକା ଓ ବିଭିନ୍ନ ପଞ୍ଚାୟତରୁ ମେଢ଼ ୨୦ଟି ବାହାରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଥିଲା। ଏହା ପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ୧୫ ତାରିଖ ରନ୍ ଫର୍ ରାମ ଓ ୨୨ ତାରିଖ ରେ ବାଲବଜରଙ୍ଗି ନାମରେ ଏକ ଗଣଦୌଡ଼ ଆୟୋଜନ କରାଯିବା ସହ ଛୋଟ ଛୋଟ ଶିଶୁମାନଙ୍କୁ ନେଇ ସାଇକେଲ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ସୁସ୍ଥ ହୋଇ ଫେରିଲେ ଜୟପୁର ବିଧାୟକ



**ବୋରିଗୁମ୍ମା/ଜୟପୁର, ୧୭।୨ (ସଂଚାର ବ୍ୟୁର):** ଫୁସଫୁସ ସଂକ୍ରମଣର ଶିକାର ହୋଇ ଦୀର୍ଘ ମାସ ଚିକିତ୍ସିତ ହେବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ନିର୍ବାଚନ ମଣ୍ଡଳୀକୁ ଫେରି ପୁଣି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଗତ ଦେଢ ମାସ ପୂର୍ବରୁ ଜୟପୁର ସହରରେ ନୂତନ ଭାବେ ଓଡିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପରେ ପୁଣି ଭୁବନେଶ୍ୱର ଠାରେ ବିଶ୍ରାମ ନେଇଥିଲେ। ଆଜି ପୁଣି ଜିଲ୍ଲା ଚିକିତ୍ସାଳୟ ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଜୟପୁରସ୍ଥିତି ଲକ୍ଷ୍ମୀନଗର ସ୍ଥିତ ନିଜ ବାସଭବନକୁ ଫେରିଥିଲେ। ସେଠାରେ ବିଭିନ୍ନ ଗଣମାଧ୍ୟମଙ୍କ ସହିତ ଆଲୋଚନା ବେଳେ 'ଟାଇଗର ଇଜ୍ ବ୍ୟାକ' ବୋଲି କହିଥିଲେ। ଅସୁସ୍ଥତା ଥିବା ସମୟରେ ମଧ ଭୁବନେଶ୍ୱର ଏବଂ କୋରାପୁଟ ଠାରେ ରହି ବିଧାନସଭା ନିର୍ବାଚନ ମଣ୍ଡଳୀର ଲୋକଙ୍କ କଥା ବୁଝାସୁଝା କରୁଥିବା ବେଳେ ଆଗାମୀ ଦିନରେ ସାରା ନିର୍ବାଚନ ମଣ୍ଡଳି ଗସ୍ତ କରିବା ସହିତ ସମସ୍ତ ଗ୍ରାମ ଓ ସହର ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ଉନ୍ନୟନ୍ନ ମୂଳକ କାର୍ଯ୍ୟ କିଭଳ ତ୍ୱରାନ୍ୱିତ ହୋଇପାରିବ ବୁଝିବେ ବୋଲି କହିଛନ୍ତି।

## ନବୀନା ନାୟକ ହେଲେ ଅଭିଭକ୍ତ ଜିଲ୍ଲା ମହିଳା ବିଜୁ ଜନତା ଦଳ ଜୋନ ସଭାନେତ୍ରୀ



**ରାଇଘର, ୧୭।୨:** ବିଜୁ ଜନତା ଦଳ ଜୋନ ସଭାନେତ୍ରୀ ଭାବେ ମନୋନୀତ ହେଇଛନ୍ତି ନବୀନା ନାୟକ, ଗତକାଲି ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ମହିଳା ଜନତା ଦଳର ଜୋନ ସ୍ତରୀୟ ସଭାନେତ୍ରୀ ଏବଂ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାନେତ୍ରୀ ନାମ ଘୋଷଣା କରିଛନ୍ତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜୋନ ସ୍ତରୀୟ ସଭାନେତ୍ରୀ ଭାବେ ରାଇଘର ପୂର୍ବତନ ବ୍ଲକ ଅଧକ୍ଷା ନବୀନା ନାୟକଙ୍କୁ ମନୋନୀତ କରାଯାଇଛି । ନବୀନା ନାୟକ ଜଣେ ପୁରୁଖା ସଭାନେତ୍ରୀ ତଥା ବିଧାୟକ ପ୍ରାର୍ଥୀ ଭାବେ ଅଞ୍ଚଳରେ ଲୋକଙ୍କ ସୁଖ ଦୁଃଖର ରେ ସମସ୍ତଙ୍କ ପାଖେ ଛିଡା ହୋଇଛନ୍ତି ଆଜି ତାଙ୍କର ନାମ ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ସମସ୍ତେ ନବୀନା ନାୟକଙ୍କ ଶୁଭେଚ୍ଛା ଜଣେଇଛନ୍ତି, ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏବଂ ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଧନ୍ୟବାଦ ଜଣେଇଛନ୍ତି, ଆଗକୁ ଦଳ ଯାହା ନିର୍ଦେଶଦେବେ ତଥା ପାଳନ କରିବା ସହ ସଂଗଠନ କୁ ମଜବୁତ କରିବେ ବୋଲି କହିଛନ୍ତି ।

● ପଞ୍ଚମଶ୍ରେଣୀ ବୃତ୍ତି ପରୀକ୍ଷା ଫଳାଫଳ ପ୍ରକାଶ

## ବିଦ୍ୟାଳୟ ଓ ଗାଁ ପାଇଁ ଗୌରବ ଶୁଭଲକ୍ଷ୍ମୀ



**ଆନନ୍ଦପୁର, ୧୭।୨ (ସଂଚାର ବ୍ୟୁରୋ):** ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସଫଳତା ଅଧିକାର କରି ଗାଁ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଜଣେ ମେଧାବୀ ଛାତ୍ରୀ। ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅନ୍ତର୍ଗତ ବାଡୋ ପଞ୍ଚାୟତ ଅଞ୍ଜିରା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସତ୍ୟପ୍ରଭା ପଢ଼ିଆରୀ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷାରେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତାରେ ସମଗ୍ର ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ମଧରେ ଖୁସିର ଲହରି ଖେଳି ଯାଇଛି। ସତ୍ୟପ୍ରଭାଙ୍କ ସଫଳତାକୁ ସ୍ମରଣୀୟ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କାଞ୍ଚନବାଳା ବେଦାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାର ପରିଚାଳନା ସହକାରୀ ଶିକ୍ଷୟତ୍ରୀ ଦିପ୍ତିମୟୀ ରାଉତ କରିଥିଲେ। ସତ୍ୟପ୍ରଭା ଆମ ବିଦ୍ୟାଳୟର ଗର୍ବ। ଆଗାମୀ ଦିନରେ ସେ ଆହୁରି ଭଲ ପାଠ ପଢି ଉଚ୍ଚ ସ୍ଥାନ ଅଧିକାର କରୁ ଏହା ଆମେ ଆଶା କରୁଛୁ ବୋଲି ଶିକ୍ଷକ ଶିକ୍ଷୟତ୍ରୀ ମାନେ ପ୍ରକାଶ କରିଛନ୍ତି।

## ପଲିଥିନ କଟକଣାକୁ ନେଇ ସହରରେ ଚଢାଉ

**ଢେଙ୍କାନାଳ, ୧୭।୨ (ସଂଚାର ବ୍ୟୁରୋ):** ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ବ୍ୟାନ ହୋଇଥିବା ବେଳେ ଅଦ୍ୟାବଧି ବିଭିନ୍ନ ଦୋକାନ, ବଜାରରେ ବିକ୍ରି ହେଉଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଆଜି ସହରରେ ବିଭିନ୍ନ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ ଉପରେ ଆଜି ପୌରସଂସ୍ଥା, କର୍ମଚାରୀ, ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ପୁଲିସ ସହଯୋଗରେ ଚଢାଉ କରାଯାଇ ବ୍ୟାପକ ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ଜବତ କରାଯାଇଛି। କେତେକଙ୍କୁ ଫାଇନ ମଧ କରାଯାଇଛି। ଏହାକୁ ନେଇ କେତେକ ସ୍ଥାନରେ ବ୍ୟାପକ ଅସନ୍ତୋଷ ଦେଖାଦେଇଥିଲା। ଅନୁଗୁଳ ଅତିରିକ୍ତ ପରିବେଶ ଯନ୍ତ୍ରୀ ବିବି ବେହେରାଙ୍କ ସମେତ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ସଦସ୍ୟ, ଢେଙ୍କାନା ପୌରସଂସ୍ଥା କର୍ମଚାରୀମାନେ ପୁଲିସ ସହଯୋଗରେ ସହରରେ ମୀନା ବଜାର ଠାରୁ ବାଜିଚୌକ, ଦକ୍ଷିଣକାଳୀ ରାସ୍ତାରେ କାଫିଲ୍ସ, ମିଟନ, ମେଡ + ମେଡିସିନ ଷ୍ଟୋର, ରିଲାଏନ୍ସରେ ଚଢାଉ କରିଥିଲେ। ପରେ ସେଠାରୁ ଗଣେଶ ବଜାରର ବିଭନ୍ନ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକରେ ଚଢାଉକରି ବ୍ୟାପକ ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ଜବତ କରିଥିଲେ।

## ଚାଷୀର ଆହାର ଚୋରେଇଲା ବେଳେ ପୁଲିସ ଚଢ଼ାଉ

**ହିଞ୍ଜିଳିକାଟୁ, ୧୭।୨ (ସଂଚାର ବ୍ୟୁରୋ):** ହାଡ଼ ଭଙ୍ଗା ପରିଶ୍ରମରେ ଫସଲ ଫଳାଇଥିବା ଚାଷୀ ମୁହଁରୁ ଦାନା ଛଡାଇ ନେଲା ବେଳେ ମାଡ଼ି ବସିଛି ହିଞ୍ଜିଳି ପୋଲିସ୍। ଉକ୍ତ ଘଟଣାରେ ଦୁଇ ଜଣଙ୍କୁ ବାନ୍ଧିଛି ହିଞ୍ଜିଳି ପୋଲିସ। ସେମାନେ ହେଲେ ହିଞ୍ଜିଳି ଥାନା କରାଖଣ୍ଡି ଗ୍ରାମର କାଳିଆ ମଠ (୪୫) ଓ ସେହି ଗ୍ରାମର ବିନାୟକ ସ୍ୱାଇଁ (୨୬)।ସେମାନଙ୍କ ଠାରୁ ୭୨ ଧାନ ବସ୍ତା, ମହିନ୍ଦ୍ରା ପିକ ଅପ (ଓଡିଠ୭ଏପି ୧୭୧୬), ଆପାଚି ବାଇକ (ଓଡ଼ିଠ୭ ଏକ୍ୟୁ ୪୫୨୯) ଓ ଦୁଇ ମୋବାଇଲ ଜବତ ହୋଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି, ହିଞ୍ଜିଳି ଥାନା ଅନ୍ତର୍ଗତ ଦାରୁଭଦ୍ରା, ସାରୁ, ପୁଟିଆପଦର ଓ ଦୟାପଲ୍ଲୀ ପଞ୍ଚାୟତରେ ବିଲ ନିକଟରେ ସୁରକ୍ଷିତ ଭାବେ ରଖିଥିବା ବର୍ଷକର ଆହାରକୁ ରାତାରାତି ଚୋରେଇ ନେଉଥିବା ବେଳେ ପାଟପୁର ଥାନା କଲରାପଦର ପଞ୍ଚାୟତ ଭୁଡୁକି ଗ୍ରାମରୁ ହିଞ୍ଜିଳି ପୋଲିସର ଏକ ଟିମ ଚଢ଼ଉ କରିଥିଲା।ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ସୁରେଶ ଚନ୍ଦ୍ର ସାହୁ ଓ ରଶ୍ମୀରଞ୍ଜନ ସାମଲ ଚଢ଼ାଉରେ ସାମିଲ ହୋଇଥିଲେ।

# ମହିଳାଙ୍କ ଦକ୍ଷତା ବୃଦ୍ଧିକୁ ବ୍ରିଟଶ ହାଇ କମିଶନଙ୍କ ଗୁରୁତ୍ୱ

## ସେଭେନିଂ ଆଲୁମନି ପ୍ରୋଜେକ୍ଟ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ କର୍ମଶାଳା




**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁର):** ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) କ୍ଷେତ୍ରରେ ମହିଳାମାନଙ୍କ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ବ୍ରିଟିଶ ହାଇକମିଶନ, ନୂଆଦିଲ୍ଲୀ ଓ ସେଭେନିଂ ଆଲୁମନି ପ୍ରୋଜେକ୍ଟ ଫଣ୍ଡ, ଭୁବନେଶ୍ୱର ସଂସ୍କରଣ ଓ ଅକ୍ସଫୋର୍ଡ ୟୁନିଭର୍ସିଟି, ୟୁକେର ପ୍ରତିନିଧିମାନଙ୍କ ମିଳିତ ସହଭାଗିତାରେ ନିକଟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଏକ ଦିବସୀୟ କର୍ମଶାଳାରେ ଓଡ଼ିଶାର ବିଭିନ୍ନ ସହରର ମହିଳା, ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ଷ୍ଟେମ୍ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ନେଇ କାର୍ଯ୍ୟ କରିବା ଦିଗରେ ଲକ୍ଷ୍ୟ ରଖାଯାଇଥିଲା। ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ମହିଳା ଉଦ୍ୟୋଗୀମାନଙ୍କ ମଧ୍ୟରୁ ପ୍ରାୟ ୫୦୦ ଜଣ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ୩୦ଜଣ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ ଯେଉଁମାନେ କି ସେମାନଙ୍କର ଶିକ୍ଷାଗତ ଯାତ୍ରା, କ୍ୟାରିୟର ଏବଂ ଷ୍ଟେମ୍ କ୍ଷେତ୍ରରେ ନିଜର ଅନୁଭୂତି ବଖାଣିଥିଲେ। କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ ଗ୍ରୀନ୍ ଏନର୍ଜି ଓ କ୍ଲିନ୍ ଟେକ୍ନୋଲଜି, ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ଷ୍ଟାର୍ଟ ଅପ୍‌ସ ଓ ଉଦ୍ୟୋଗୀକରଣ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ସରକାରୀ କାର୍ଯ୍ୟ, ଉତ୍ପାଦନ କ୍ଷେତ୍ରର ବିଶେଷଜ୍ଞମାନେ ମତ ରଖିଥିଲେ। ଏହି ଅବସରରେ ବ୍ରିଟିଶ ଡେପୁଟି ହାଇକମିଶନର, ଇଷ୍ଟ ଆଣ୍ଡ ନର୍ଥଇଷ୍ଟ ଡକ୍ଟର ଆଣ୍ଡ୍ରୁ ଫ୍ଲେମିଙ୍ଗ୍ ଯୋଗ ଦେଇ କହିଥିଲେ ଯେ ୟୁକେ –ଇଣ୍ଡିଆ ଭିଜନ୍ ୨୦୩୫କୁ ଲକ୍ଷ୍ୟରେ ରଖି ଦୁଇ ଦେଶ ମଧ୍ୟରେ ଗଢ଼ି ଉଠିଥିବା ସମ୍ପର୍କ ଏକ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ବ୍ରିଟିଶ କାଉନ୍‌ସିଲ ପକ୍ଷରୁ ଷ୍ଟେମ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ୨୦୨୬-୨୭ ଶିକ୍ଷା ବର୍ଷରେ ପୂର୍ଣ୍ଣମାତ୍ରାର ବାର୍ଷିକ ବୃତି ପ୍ରଦାନ କରାଯିବାର ଯୋଜନା ଆରମ୍ଭ କରାଯାଇଥିବା ସେ କହିଥିଲେ। ୨୫ଟି ବୃତି ଦକ୍ଷିଣ ଏସିଆରେ କାର୍ଯ୍ୟରତ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ୟୁକେର ୫ଟି ବିଶ୍ୱବିଦ୍ୟାଳୟ ସହିତ ଏହାକୁ ଯୋଡ଼ାଯାଇଛି। ସେହିପରି ଏହି କାର୍ଯ୍ୟକ୍ରମ ଅଧିନରେ ୪୩ଟି ୟୁକେର ବିଶ୍ୱବିଦ୍ୟାଳୟ ଦ୍ୱାରା ୫୦୦ ଜଣ ମହିଳାଙ୍କୁ ବୃତି ପ୍ରଦାନ କରିବାର ପ୍ରସ୍ତାବ ରଖାଯାଇଛି।

## ମୁହାଁମୁହିଁ ଧକ୍କା, ବାଇକ୍ ଆରୋହୀ ଗୁରୁତର



**ନୀଳଗିରି, ୧୭।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ବରହମପୁର ଅଞ୍ଚଳର ଦୁଇ ସରକାରୀ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଦୁଇ ଚକିଆ. ଗାଡି ମଧରେ ପରସ୍ପର କୁ ଧକ୍କା ଦେବାରୁ ଉଭୟ ଙ୍କ ମଟର ସାଇକଲ ଅଳ୍ପ ବହୁତ ଭାଙ୍ଗିଯାଇଥିବା ସହିତ ଉଭୟେ ଗୁରୁତର। ଏହି ଅଭାବ ନିୟ ଘଟଣକ୍ଷ ମଙ୍ଗଳବାର ଦିନ ପ୍ରାୟ ୧୦ଘଟିକା ସମୟରେ ନରଣପୁର ଭାଲୁକାଶୁଣି ରାସ୍ତାର ପାଣିଟାଙ୍କି ପାଖରେ ବାଇକ୍ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବାଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇପଡ଼ିଥିବାର ଜଣାପଡ଼ିଛି। ବିବରଣୀରୁ ପ୍ରକାଶ ବରହମପୁର ଅଞ୍ଚଳର ଗଙ୍ଗାଧର ଚୌଧୁରୀ ଏକ ହୀରୋହୁଣ୍ଡା ବାଇକ୍ ଯାହାର ନମ୍ବର ଓ ଆର୍ ୦୨ଏ ଆର୍ ୫୩୫୧ଯୋଗେ ବିମ୍ବୁରିଆ ହାଇସ୍କୁଲକୁ ଯାଉଥିବାବେଳେ ନରଣପୁର ପାଣିଟାଙ୍କି ନିକଟରେ ବିପରୀତ ଦିଗରୁ ବେତକଟା ମେଡିକାଲରେ ମୁନା ଦତ୍ତ ନାମକ କର୍ମଚାରୀ ଏକ ହୁଣ୍ଡାୟୁନିକନ୍ ବାଇକ୍ ନମ୍ବର **ଓଡି-୦୧ଏଡି୯୭୬୦** ଯୋଗେ ବରହମପୁରକୁ ଯାଉଥିବାବେଳେ ମୁହାଁମୁହିଁଧକ୍କା ହୋଇଥିଲା ଫଳରେ ଦୁଇ ବାଇକଆରୋହୀ ଘଟଣା ସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ଗଙ୍ଗାଧର ଚୌଧୁରୀଙ୍କର ଡାହାଣ ଗୋଡ଼ଭାଙ୍ଗି ଯାଇଥିବା ଅନୁମାନ କରାଯାଇଥିବାବେଳେ ଦେହ, ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟପଟେ ମୁନା ଦତ୍ତଙ୍କ ମୁଣ୍ଡରେ ଗଭୀର ଆଘାତଲାଗିବା ସହିତ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ସ୍ଥାନୀୟଲୋକ ଘଟଣାସ୍ଥଳରେ ପହଞ୍ଚି ଦୁଇ ବାଇକ୍ ଆରୋହୀଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇଥିଲେ। ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁଇ ଜଣଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାକୁ ପଠା ଯାଇଥିବାର ସୂଚନା ମିଳିଛି। ସୂଚନା ଥାଉକି ବାଇକ୍ ଆରୋହୀ ଦୁଇଜଣ ବରହମପୁର ଅଞ୍ଚଳରେ ହୋଇଥିବା ବେଳେ ଉଭୟ ସରକାରୀ ଚାକିରୀ କରିଥିବାର ଜଣାପଡ଼ିଛି।

# କିଛି ମାସ ମଧ୍ୟରେ ପରିବର୍ତ୍ତନ ହେବ ଛତୁଆ କେନ୍ଦ୍ର

## ଟେଣ୍ଡର ନବୀକରଣରେ ଛତୁଆ ବଣ୍ଟନ

- ବିଭିନ୍ନ ସମୟରେ ଅନେକ ଅଭିଯୋଗକୁ ଚାପି ଦିଆଯାଉଛି
- ଉପମୁଖ୍ୟମନ୍ତ୍ରୀ କହିଲେ ଖୁବ ଶୀଘ୍ର ଦୁଇ ଗୋଷ୍ଠୀ ଙ୍କୁ ପରିବର୍ତ୍ତନ ହେବ



**କାକଟପୁର/ଅସ୍ତରଙ୍ଗ, ୧୭।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଅପପୃଷ୍ଟି ରୋକିବା ପାଇଁ ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ ଓ କିଶୋରୀ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ମାଧମରେ ଛତୁଆ, ହାଲୁଆ (ସୁଜି ), ଖଜୁରୀ, ରାଶି ଲଡ଼ୁ, ମୁଡି, ସୋଲା ଓ ଅଣ୍ଡା ଆଦି ହିତାଧିକାରୀ ଙ୍କୁ ଅଙ୍ଗନବାଡି କେନ୍ଦ୍ର ଜରିଆରେ ପ୍ରଦାନ କରାଯାଉଛି। ଏହା ମଧ୍ୟରୁ କେବଳ ଅଣ୍ଡାକୁ ଅଙ୍ଗନବାଡି କେନ୍ଦ୍ରର କର୍ମୀ ମାନେ ବଜାରରୁ କିଣି ହିତାଧିକାରୀଙ୍କୁ ଦେଉଥିବା ବେଳେ ଅନ୍ୟ ସମସ୍ତ ସାମଗ୍ରୀ କୁ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଯୋଗାଇ ଦେଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ୨୦୧୧-୨୦୧୨ମସିହାରେ ଟେଣ୍ଡର ପ୍ରକ୍ରିୟାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ପୁଷ୍ଟିକର ସାମଗ୍ରୀ ଯୋଗାଇ ଦେବାକୁ ଚୟନ କରାଯାଇଥିଲା। ଯାହା ଏ ପର୍ଯ୍ୟନ୍ତ ଗତାନୁଗତିକ ପଦ୍ଧାରେ ଚାଲିଛି। ସେହି ସମୟରେ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ବିଭାଗର ବିଭିନ୍ନ ଅଧିକାରୀ ଓ ରାଜନେତା ଙ୍କୁ ହାତ କରି ପୁନଃ ଟେଣ୍ଡର ନ କରାଇ ନବୀକରଣ କାର୍ଯ୍ୟ ସାରି ଦେଉଛନ୍ତି। ଫଳରେ ନିମ୍ନ ମାନର ଓ କମ୍ ଓଜନର ଛତୁଆ ସହ ଅନ୍ୟାନ୍ୟ ସାମଗ୍ରୀ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ସମ୍ପର୍କରେ ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଥିବା ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୧୮୨ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ଏହି ସମସ୍ତ କେନ୍ଦ୍ର ପାଇଁ କାକଟପୁର ବ୍ଲକର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଅଟୋ ସହ ୬୦ କିଲୋ ଗଞ୍ଜେଇ ଜବତ ଦୁଇ ଗଞ୍ଜେଇ ମାଫିଆ ଗିରଫ



**ଫୁଲବାଣୀ, ୧୭।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ର ଗଞ୍ଜେଇ କାରବାର ର ହବ କୁହାଯାଉଥିବା ଫିରିଙ୍ଗିଆ ଥାନା ଅଂଚଳରେ ଏହି ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପଯ୍ୟନ୍ତ ପୁଲିସ ଓ ଅବକାରୀ ବିଭାଗ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସତ୍ୱେ ଅଂଚଳରୁ ଥମିବାର ନା ଧରୁନି ଏହି ଗଞ୍ଜେଇ କାରବାର ଗୋଟେ ପଟେ ରାଜ୍ୟ ପୁଲିସ ମୁଖିଆ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ପ୍ରତକ୍ଷ ତତ୍ତ୍ୱାବଧାନ ରେ ଦୀର୍ଘ ତିନିମାସ ଧରି ଜିଲ୍ଲାର ବିଭିନ୍ନ ଥାନା ସହ ଏହି ଫିରିଙ୍ଗିଆ ଥାନା ଅଧୀନରେ ବେଆଇନ ଭାବରେ ସହସହ ଏକର ଜଙ୍ଗଲ ଜମି ମାନଙ୍କରେ ଚାଷ ହେଉଥିବା କୋଟିକୋଟି ତାଙ୍କର ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିବା ପ୍ରକ୍ରିୟା ଜାରି ରହିଥିବା ବେଳେ ଅନ୍ୟପଟେ ପୁଲିସ କୁ ଚ୍ୟାଲେଞ୍ଜ କରି କିଛି ବାହାର ରାଜ୍ୟ ବାହାର ଜିଲ୍ଲା ର ଗଞ୍ଜେଇ ମାଫିଆ ଅଂଚଳର କିଛି ଗଞ୍ଜେଇ ବ୍ୟବସାୟୀ ଙ୍କ ସହ ସଲାସୁତୁରା କରି ଭାବରେ ଗଞ୍ଜେଇ ଚାଲାଣ କରିବାରେ ଲାଗିପଡିଛନ୍ତି । ସ୍ଥାନୀୟ ପୁଲିସ ଏମାନଙ୍କ ଉପରେ କଡା ନଜର ରଖିଥିଲେ ମଧ ଏମାନେ ବାରମ୍ବାର ପୁଲିସ କୁ ଚକମା ଦେଇ ଫେରାର ମାରିବାରେ ସଫଳ ହେଉଛନ୍ତି ।

### ଠାକୁରାଣୀ ମନ୍ଦିରକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

# ଶତାଧିକ ମହିଳାଙ୍କ ଥାନା ଘେରାଉ, ରାସ୍ତା ଅବରୋଧ

**ସତ୍ୟବାଦୀ, ୧୭।୨ (ସଂଚାର ବ୍ୟୁରୋ):** ସତ୍ୟବାଦୀ ଥାନା ମୂଳଅଳସା ଗ୍ରାମ ପଞ୍ଚାୟତର ବଗୁଲାପାରି ଓ ତେନ୍ତୁଳିଆ ଗ୍ରାମ ମଧରେ ହୋଇଥିବା ଗୋଷ୍ଠୀ ବିବାଦ ଛିଣ୍ଡିବର ନାଁ ଧରୁନି। ଗତକାଲି ଘଟିଥିବା ଗଣ୍ଡଗୋଳରେ ତେନ୍ତୁଳିଆ ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତ



ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ବଗୁଲାପରିର ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ କେଶ ନଂ - ୬୮/୨୦୨୬ରେ ଏକ ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରି ଇଘଝ ୨୯୬/୧୨୬(୨), ୧୧୫(୨), ୧୧୭(୨), ୧୦୯(୧), ୩୫୧(୨), ୧୯୦/୧୯୧(୨), ୧୯୧(୩) ଧାରାରେ କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସୌମ୍ୟ ରଞ୍ଜନ ସୁକାରୀ (୧୯), ପ୍ରକାଶ ସୁକାରୀ (୪୦), ଆଶିଷ ସୁକାରୀ (୨୬), ପଞ୍ଚୁ ଶାସମଲ (୫୦)। ତେବେ ପୁଲିସର ଏହି ଗିରଫଦାରୀ ପ୍ରତିବାଦରେ ଆଜି ସକାଳୁ ବଗୁଲାପାରିର ଶତାଧିକ ମହିଳା ଥାନା ସମ୍ମୁଖରେ ଧାରଣା ଦେବା ସହ ତେନ୍ତୁଳିଆ ଗ୍ରାମବାସୀଙ୍କ ନାମରେ ଏତଲା ଦେଇଥିଲେ। ତେବେ ପୋଲିସ ଏତଲା ରଖିବା ପରିବର୍ତ୍ତେ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ସେମାନେ ଅଭିଯୋଗ କରି ୧ଘଣ୍ଟା ଧରି ଥାନା ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଏହି ଘଟଣାରେ ତେନ୍ତୁଳିଆ ଗ୍ରାମବାସୀଙ୍କ ଆକ୍ରମଣରେ ବଗୁଲାପାରି ଗ୍ରାମର ମଧ ୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ପୋଲିସ ଏକପାଖିଆ କାର୍ଯ୍ୟାନୁଷ୍ଠାନ କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। କାଲିଠାରୁ ମନ୍ଦିର ପାଖରେ ପୋଲିସ ମୁତୟନ ଥାଇବି ମନ୍ଦିରରୁ ନାରାୟଣୀଙ୍କ ମୂର୍ତ୍ତି କେମିତି ଚୋରି ହେଲେ, ମନ୍ଦିରରେ ନିଆଁ କିଭଳି ଲାଗିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ଫଳରେ କିଛି ସମୟ ପର୍ଯ୍ୟନ୍ତ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ୧ ଘଣ୍ଟା ଧରି ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ପରେ ଘଟଣାସ୍ଥଳରେ ଆଇଆଇସି ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଅବରୋଧ ହଟାଇବା ସହ ସମାଧାନ ପାଇଁ ଆଲୋଚନା କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ବଗୁଲାପରି ଗାଁ ପୁରୁଷଶୂନ୍ୟ ହୋଇଯାଇଛି। ଏପରିକି ସ୍କୁଲରେ ପଢୁଥିବା ଛାତ୍ରମାନେ ମଧ ଗାଁ ଛାଡି ପଳାଇବାକୁ ବାଧ ହୋଇଛନ୍ତି।









## ବିଧାନସଭା ବଜେଟ ଅଧିବେଶନର ପ୍ରଥମ ଦିନ



## ଆଉ ୨ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି

**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ) :** ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଏକ ବଡ଼ ସୂଚନା ଜାରି କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ଆଉ ୨ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ୧୭ଟି ଜିଲାକୁ ସତର୍କ ସୂଚନା ଦିଆଯାଇଛି। ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ବାଲେଶ୍ୱର, ନୟାଗଡ଼, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ରାୟଗଡ଼ା, ଅନୁଗୋଳ, ଢେଙ୍କାନାଳ ଜିଲାରେ ୨ ଦିନ କୁହୁଡ଼ି ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ସୂଚନା ଯୋଗ୍ୟ ମଙ୍ଗଳବାର ସକାଳେ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡ଼ି ହୋଇଥିଲା।

## ଜାମିନ ଆବେଦନ କଲେ ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା



**ହାଟଡିହୀ, ୧୭।୨ (ସଂଚାର ବ୍ୟୁରୋ) :** ୨୨ ଲକ୍ଷ ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରୀକା ଜେନା ଗିରଫ ପରେ ଜାମିନ ପାଇଁ ଖୋର୍ଦ୍ଧା ଡିଷ୍ଟ୍ରିକ୍ଟ ଆଣ୍ଡ ସେଶନ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ଜାମିନ ଆବେଦନ ନଂ ୩୪୨/୨୦୨୬ ରହିଛି। ଜାମିନ ମାମଲାର ପ୍ରଥମ ଶୁଣାଣି ପାଇଁ ୨୦ ଫେବୃୟାରୀ ୨୦୨୬କୁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀଙ୍କୁ ଖଣ୍ଡଗିରି ପୋଲିସ ଗତ ଶନିବାର ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରିଥିଲା। ଚାକିରି ଦେବାକୁ କହି ସୁରେଶ୍ୱରୀ ୨୨ଲକ୍ଷ ଟଙ୍କା ଠକେଇ କରିଥିବା ଖଣ୍ଡଗିରି ଥାନାରେ ମାମଲା ନଂ ୪୬୫/୨୦୨୫ ରୁଜୁ ହୋଇଥିଲା । ଖଣ୍ଡଗିରି ଥାନା ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି ଯେ ଠକେଇ କରାଯାଇଥିବା ଟଙ୍କା କେଉଁଠି ଲାଗିଛି ଏବଂ ଫାଉଣ୍ଡେଶନରେ ଟଙ୍କା ବିନିଯୋଗ ହୋଇଛି କି ନାହିଁ ସେ ନେଇ ଅନୁଧ୍ୟାନ ମଧ କରାଯିବ।

● ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣା

## ମଧୁକାନ୍ତଙ୍କୁ ୬ ଦିନିଆ ରିମାଣ୍ଡରେ ନେଲା ପୁଲିସ



**କଟକ, ୧୭।୨ (ସଂଚାର ବ୍ୟୁରୋ) :** ଚୌଦ୍ୱାର ସର୍କଲ୍ ଜେଲ୍‌ରୁ ଦୁଇ ଦୁର୍ଦ୍ଧାନ୍ତ ବିହାରର ଅପରାଧୀ ଫେରାର ଘଟଣା। ଗିରଫ ପରେ ଦୁର୍ଦ୍ଧାନ୍ତ ଅପରାଧୀ ମଧୁକାନ୍ତ କୁମାର ରାଣାକୁ ରିମାଣ୍ଡରେ ନେଲା ଚୌଦ୍ୱାର ଥାନା ପୁଲିସ। ୬ ଦିନିଆ ରିମାଣ୍ଡରେ ଜେରା କରିବ ପୁଲିସ। ମଧୁକାନ୍ତଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓକାଳିବା ପାଇଁ ଯୋଜନା ରହିଛି। ଜେଲ୍ ଭିତରେ ମଧୁକାନ୍ତ ଓ ରାଜା କେମିତି ଖସିବା ପାଇଁ ପ୍ଲାନ୍ କରିଥିଲେ, ସେଥିରେ କିଏ ସହଯୋଗ କରିଥିଲେ। ସେମାନଙ୍କୁ ହତିଆର କିଏ ଦେଇଥିଲା ସେସବୁ ମଧୁକାନ୍ତକୁ ପଚରାଉଚରା କରାଯିବ। ଗତ ୧୩ ତାରିଖ ସନ୍ଧ୍ୟାରେ ମଧୁକାନ୍ତ ରାଣାକୁ ବୃନ୍ଦାବନରୁ ଗିରଫ କରିବା ପରେ ଭୁବନେଶ୍ୱର ଅଣାଯାଇଥିଲା। ଏହାପରେ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ରଖି ପଚରାଉଚରା ମଧ କରାଯାଇଥିଲା। ଏହି ସମୟରେ ସେ' ଜେଲ୍ରୁ ଫେରାର୍ ହେବା ଓ ଲୁଚି ରହିବା ବିଷୟ କହିଛି। ମାତ୍ର ସମୟ ଅଭାବରୁ ବହୁ ବିଷୟରେ ପୁଲିସ ପଚରାଉଚରା କରିପାରିନି। ତେଣୁ ମଧୁକାନ୍ତଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓକାଳିବା ପାଇଁ ଚୌଦ୍ୱାର ଥାନା ପୁଲିସ ରିମାଣ୍ଡରେ ଆଣିବାକୁ ନିଷ୍ପତ୍ତି ନେଇଛି। ଶନିବାର ତାକୁ କଟକ ଜେଏମ୍ଏଫ୍‌ସି-୧ କୋର୍ଟଙ୍କ ସମ୍ମୁଖରେ ହାଜର କରିବା ବେଳେ ଚୌଦ୍ୱାର ଥାନା ପକ୍ଷରୁ ତାକୁ ୭ ଦିନିଆ ରିମାଣ୍ଡରେ ଦେବାକୁ କୋର୍ଟଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ତେବେ କୋର୍ଟ ମଧୁକାନ୍ତ ରାଣାଙ୍କୁ ୬ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି।ଜେଲ୍‌ରୁ ବାହାରିବା ପରେ ଗତ ୧୩୪ ଦିନ କେଉଁ ରାଜ୍ୟରେ ଥିଲେ, କିଏ ତାଙ୍କୁ ସାହାଯ୍ୟ କରୁଥିଲା, ଟଙ୍କା କେଉଁଠାରୁ ପାଇଥିଲେ ତାହା ମଧ ଜେରା କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଫେରାର୍ ଥିବା ଦୁର୍ଦ୍ଧାନ୍ତ ଅପରାଧୀ ରାଜା ସାହାଣି ଏବେ କେଉଁଠି ଅଛି? ଫେରାର୍ ହେବା ପରେ ରାଜାର ନିର୍ଦ୍ଦେଶରେ ତାର କେଉଁ ଗ୍ୟାଙ୍ଗ୍ ସଦସ୍ୟ ସହଯୋଗ କରିଥିଲେ, ଲୁଚି ବୁଲିବା ପାଇଁ ରାଜା କ'ଣ ସବୁ ପ୍ଲାନ୍ କରିଥିଲା, ଶେଷ ଥର ରାଜା ସହିତ କେବେ ଯୋଗାଯୋଗ ହୋଇଥିଲା, ରାଜା କାହାଠାରୁ ଏବେ ସହଯୋଗ ପାଉଛି, ଆଗକୁ ପୁଣି କିଛି ଲୁଟ୍ତରାଜ ପ୍ଲାନ୍ ରାଜା କରିଥିଲା କି ସେସବୁ ବିଷୟ ମଧୁକାନ୍ତକୁ ତଦନ୍ତକାରୀ ଟିମ୍ ପଚରାଉଚରା କରିବ। ଏହି ଆଧାରରେ ରାଜାକୁ ଗିରଫ କରିବା ପାଇଁ ପୁଲିସ ପ୍ଲାନ୍ କରିବ।

### ନାବାଳିକା ବଳାତ୍କାର ମାମଲା

## ନବଜାତ ଶିଶୁକନ୍ୟା ଉଦ୍ଧାର



**ଯାଜପୁରରୋଡ଼, ୧୭।୨ (ସଂଚାର ବ୍ୟୁରୋ) :** ଯାଜପୁରରୋଡ ଥାନା ପୋଲିସ ନାବାଳିକା ଗର୍ଭପାତ ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ନାବାଳିକାଙ୍କୁ ଗର୍ଭବତୀ କରିଥିବା କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ(୭୦) ଓ ନର୍ସିଂହୋମର ମାଲିକ ବୀଣାପାଣି ସାହିର ମନୋଜ କୁମାର ନାୟକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ନଂ. ୧୧୩/୨୬ରେ ପୋକ୍‌ସୋ ଦଫାରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଯାଜପୁରରୋଡ଼ କୋର୍ଟକୁ ଚାଲାଣ କରାଯାଇଛି। ନାବାଳିକାଙ୍କ ଗର୍ଭପାତ କରିଥିବା ଡାକ୍ତର ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ସୋମବାର ବିଳମ୍ବିତ ରାତିରେ ନବଜାତକ ଶିଶୁକନ୍ୟାଙ୍କୁ ଅଭିଯୁକ୍ତ ବୃଦ୍ଧ ପଦ୍ମନାଭ ଶତପଥିଙ୍କ କୋପଣ୍ଡସ୍ଥିତ ଘର ସମ୍ମୁଖରେ କେହି ଛାଡ଼ି ଯାଇଥିଲେ। ନବଜାତକ କାନ୍ଦିବାରୁ ସ୍ଥାନୀୟ ଲୋକ ରୁଣ୍ଡ ହୋଇ ଘଟଣା ସମ୍ପର୍କରେ ୧୧୨କୁ ଫୋନ କରିଥିଲେ।

ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁ କନ୍ୟାଙ୍କୁ ଉଦ୍ଧାର କରିବା ସହ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛି। ପୋଲିସ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ଯାଜପୁରରୋଡ଼ ଥାନା ଅଞ୍ଚଳରେ ଭଡା ଘରେ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା ଗର୍ଭବତୀ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ନାବାଳିକାଙ୍କୁ ୭୦ ବର୍ଷୀୟ ବୃଦ୍ଧ ପଦ୍ମନାଭ ଶାରୀରିକ ସମ୍ପର୍କ ରଖି ୭ ମାସର ଗର୍ଭବତୀ କରିଥିଲେ। ନାବାଳିକା ଜଣଙ୍କର ପେଟରେ ଯନ୍ତ୍ରଣା ହେବା ସହ ରକ୍ତସ୍ରାବ ହେବାରୁ ଚିକିତ୍ସା ପାଇଁ ଅଭିଯୁକ୍ତ ପଦ୍ମନାଭ ତାଙ୍କୁ ସ୍ଥାନୀୟ ଲକ୍ଷ୍ମୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାବାଳିକାଙ୍କ ଗର୍ଭପାତ କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପାଇଁ ଯାଜପୁର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ମହେଶ ସେନାପତିଙ୍କ ସହ ଏକ ଟିମ୍ ଆସି ସମ୍ପୃକ୍ତ ନର୍ସିଂ ହୋମରେ ପହଞ୍ଚି ତଦନ୍ତ କରିଛନ୍ତି। ବର୍ତ୍ତମାନ ଉକ୍ତ ନର୍ସିଂ ହୋମରେ କେତେଜଣ ରୋଗୀ ଚିକିତ୍ସିତ ହେଉଥିବାରୁ ଆସନ୍ତା ୨୦ ତାରିଖରେ ନର୍ସିଂହୋମକୁ ସମ୍ପୂର୍ଣ୍ଣ ସିଲ୍ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସ ଘଟଣାକୁ ଗୁରୁତ୍ୱ ଦେବାସହ ଅଧିକ ତଦନ୍ତ ଚଳାଇଥିବା ଓ ଫେରାର ଥିବା ଡାକ୍ତରଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଆଶିଷ ସାହୁ ସୂଚନା ଦେଇଛନ୍ତି।

## ମାର୍ଚ୍ଚ ୭ରେ ଓଡ଼ିଶା ଆସିବେ ଶାହ!

### କଟକ ସିଆରପିଏଫ୍ ପ୍ରତିଷ୍ଠା ଦିବସରେ ଯୋଗଦେବେ



**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସନ୍ତା ମାର୍ଚ୍ଚ ୭ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଏକଦିବସୀୟ ଗସ୍ତ କାଳରେ ସେ କଟକ ଜିଲା ମୁଣ୍ଡଳୀସ୍ଥିତ କେନ୍ଦ୍ରୀୟ ସଂରକ୍ଷିତ ପୋଲିସ ବଳ (ସିଆରପିଏଫ୍) କ୍ୟାମ୍ପସରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ମୁଣ୍ଡଳୀ ସିଆରପିଏଫ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ସାମିଲ ହୋଇ ଯବାନମାନଙ୍କୁ ସମ୍ବୋଧିତ କରିବେ। ଓଡ଼ିଶାରେ ଚାଲିଥିବା ମାଓ ବିରୋଧୀ ଅଭିଯାନର ସଫଳତା ଏବଂ ସିଆରପିଏଫ୍ ଯବାନଙ୍କ ନିୟୋଜନ ସମ୍ପର୍କରେ ଶାହ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିପାରନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ରଖିଥିବା ଲକ୍ଷ୍ୟ ଉପରେ ଏଠାରେ ଆଲୋଚନା ହୋଇପାରେ। ୨୦୨୬ ବର୍ଷରେ ଅମିତ ଶାହଙ୍କର ଏହା ପ୍ରଥମ ଓଡ଼ିଶା ଗସ୍ତ। ଗୃହମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଟକ ଓ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି।

## ହାତୀ ମୃତ୍ୟୁ ଘଟଣାରେ ବାଲିଗୁଡା ଡିଏଫ୍‌ଓଙ୍କୁ କାରଣଦର୍ଶାଅ ନୋଟିସ୍



**ବାଲିଗୁଡା, ୧୭।୨ (ସଂଚାର ବ୍ୟୁରୋ) :** ହାତୀ ମୃତ୍ୟୁ ଘଟଣାରେ ଜଙ୍ଗଲ ଓ ପରିବେଶ ବିଭାଗର ଚିଠି ନମ୍ବର ୩୮୧୫ ଅନୁଯାୟୀ ବାଲିଗୁଡା ଡିଏଫ୍‌ଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି । ହାତୀ ମୃତ୍ୟୁ ଘଟଣାରେ ଡିଏଫଓଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ୧୫ ଦିନ ମଧରେ ସ୍ପଷ୍ଟ କରିବାକୁ ନୋଟିସରେ ଉଲ୍ଲେଖ। ବେଲଘର ରେଞ୍ଜ ମୁଣ୍ଡୁଟି ଜଙ୍ଗଲରେ ମୃତ୍ୟୁ ହୋଇଥିବା ହାତୀର ମୃତଦେହକୁ କାଡାପାନା ନର୍ସରୀ ମଧରେ ପୋତା ଯିବା ଏବଂ କଳାହାଣ୍ଡି କେସିଙ୍ଗା ଅଂଚଳରୁ ମୃତଦେହ ଉଦ୍ଧାର ଘଟଣାକୁ ନେଇ ନୋଟିସ ଜାରି ହୋଇଛି। ଏପରିକି ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ରହିଥିଲେ ବି ବାଲିଗୁଡା ଡିଏଫ୍‌ଓ ଅବମାନନା କରିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ନିଜେ ଘଟଣାସ୍ଥଳକୁ ନ ଯାଇ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ତଦନ୍ତ ପାଇଁ ବାଲିଗୁଡା ଡିଏଫଓ ପଠାଇଥିଲେ। ଏଥିସହ ହାତୀ ମୃତ୍ୟୁର କାରଣ ନିର୍ଣ୍ଣୟ କରିବା ଓ ଅପରାଧୀଙ୍କୁ ଧରିବା ପାଇଁ କୌଣସି ପଦକ୍ଷେପ ବାଲିଗୁଡା ଡିଏଫ୍‌ଓ ନେଇ ନଥିବା ଚଠିରେ ଦର୍ଶାଯାଇଛି । ଗତ ଜାନୁଆରୀ ୫ ତାରିଖରେ ହାତୀ ମୃତ୍ୟୁ ପରେ ନିର୍ଦ୍ଦେଶାବଳୀ ଉଲ୍ଲଙ୍ଘନ କରି ୨୪ ଘଣ୍ଟା ମଧରେ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ, ଆର୍‌ସିସିଏଫ୍ ଓ ସରକାରଙ୍କୁ ପ୍ରାଥମିକ ରିପୋର୍ଟ ଦାଖଲ କରିନଥିବା କୁହାଯାଇଛି ।

## ଆଖି ବୁଜିଲେ ବିଷପିଇଥିବା ଚିକିଟି ପିଇଓ



**ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ ଅତିରିକ୍ତ ତହସିଲଦାର**

**ଚିକିଟି, ୧୭।୨ (ସଂଚାର ବ୍ୟୁରୋ) :** ଚିକିଟି ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆସିବା ପରେ ଗଞ୍ଜାମ ଜିଲା ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦୀର୍ଘ ୧୩ ଦିନ ଧରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ତାଙ୍କର ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ, ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଏକ ମିନି ମାରାଥନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ କରାଯାଇଥିବା ଚିଠି (ସଂଖ୍ୟା ୯୩୩,୨.୨.୨୦୨୬) ଅନୁଯାୟୀ ଗତ ୩ ତାରିଖରେ ସୋରଳ ଛକଠାରୁ ଜାଗପୁର ପର୍ଯ୍ୟନ୍ତ ମିନି ମାରାଥନ କରାଯାଇଥିଲା। ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପିଇଓ ଦଣ୍ଡପାଣି ପାତ୍ରଙ୍କୁ ସର୍ବସମ୍ମୁଖରେ ଗାଳିଗୁଲଜ କରିଥିଲେ। ଏନେଇ ଗତ ୪ ତାରିଖରେ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଶଡ଼ଙ୍ଗୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତିକରି ମାମଲା ନମ୍ବର ୫୬/୨୦୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ତଦନ୍ତ କରିବା ପାଇଁ ଜଣେ ବରିଷ୍ଠ ମହିଳା ଏସ୍‌ଡିପିଇଓଙ୍କୁ ନିୟୋଜିତ କରାଯାଇଥିଲା।

ଅପରପକ୍ଷରେ ଚିକିଟି ଅତିରିକ୍ତ ତହସିଲଦାରଙ୍କ ଅପମାନ ସହି ନପାରି ପିଇଓ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପିଇଓଙ୍କ ସ୍ତ୍ରୀ ବି ଜାନକୀ ପାତ୍ରଙ୍କ ପକ୍ଷରୁ ଗତ ୯ ତାରିଖ ସୋମବାର ଦିନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉଭୟ ପକ୍ଷର ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ କରୁଥିବା ବେଳେ ପିଇଓ ମୃତ୍ୟୁ ସହ ସଂଗ୍ରାମ କରି ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଫଳରେ ଘଟଣା ଏବେ ନୂଆ ମୋଡ଼ ନେଇଛି।

## ଟିପିଏନଓଡ଼ିଏଲ ଦର ଶୁଣାଣୀ ପରିଚାଳନା ନେଇ ଅସନ୍ତୋଷ ପ୍ରକାଶ କଲେ ଓଇଆରସି



**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ) :** ଆସନ୍ତା ବର୍ଷର ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ଆଜି ଷଷ୍ଠ ଦିନରେ ବାଲେଶ୍ୱର ଠାରେ ଟିପିଏନଓଡ଼ିଏଲ (ଟାଟା ପାୱାର ଉତ୍ତର ଓଡିଶା ବିତରଣ କମ୍ପାନୀ)ର ରାଜସ୍ୱ ଆବଶ୍ୟକତା ଓ ତାରିଫ ଦରଖାସ୍ତ ଉପରେ ଓଇଆରସି ଜନଶୁଣାଣି କରିଛନ୍ତି। ଟିପିଏନଓଡ଼ିଏଲ ୨୦୨୬-୨୭ରେ ଗ୍ରୀଡକୋ ଠାରୁ ୮୮୫୪ ନିୟୁତ ୟୁନିଟ କ୍ରୟକରି ୭୮୦୨ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରି କରିବା ପାଇଁ ସମୁଦାୟ ୫୧୫୨ କୋଟି ଟଙ୍କା ଆବଶ୍ୟକ କରୁଛି ବୋଲି କମ୍ପାନୀ ପକ୍ଷରୁ ଦର୍ଶାଇଯାଇଛି।

ଚଳିତ ବର୍ଷପାଇଁ ବିତରଣ କ୍ଷତି ୧୨.୯୬% ଅନୁମୋଦନ ହୋଇଥିବାବେଳେ ଆସନ୍ତା ବର୍ଷପାଇଁ ୧୧.୮୮% ହେବ ବୋଲି କମ୍ପାନୀ କହିଛି। ଚଳିତ ବର୍ଷର ତାରିଫ ଅନୁସାରେ ଆସନ୍ତା ବର୍ଷରେ ୪୬୯୪ କୋଟି ଟଙ୍କା ଉପଭୋକ୍ତାଙ୍କ ଠାରୁ ଅଦାୟ କରିବାକୁ କମ୍ପାନୀ ଯୋଜନା କରିଥିବାବେଳେ ଅଣ-ତାରିଫ ଆୟ ବାବଦକୁ ୧୯୬ କୋଟି ଟଙ୍କା ପାଇବ। ତେଣୁ କମ୍ପାନୀ ୪୮୮୯ କୋଟି ଟଙ୍କା ସମୁଦାୟ ରାଜସ୍ୱ ଅଦାୟ ଆକଳନ କରି ନିଅଣ୍ଟ ରାଜସ୍ୱ ପରିମାଣକୁ ୨୬୩ କୋଟି ଟଙ୍କା ଦର୍ଶାଇଛି। ବାର୍ଷିକ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ କମ୍ପାନୀ ଆକଳନ କରିଥିବା ୧୪୮୬ କୋଟିଟଙ୍କା ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତକରି ଓଇଆରସି ଅଧକ୍ଷ ପ୍ରଦୀପ କୁମାର ଜେନା କହିଲେ ଟାଟା ଆସିବା ପୂର୍ବରୁ ଯାହା ଖର୍ଚ୍ଚ ହେଉଥିଲା ୫ ବର୍ଷ ପରେ ତାହା ବହୁଗୁଣରେ ବୃଦ୍ଧି ପାଇଛି କିନ୍ତୁ ତୁଳନାତ୍ମକ ଭାବେ ବିଦ୍ୟୁତ ସେବାର ମାନ ବୃଦ୍ଧି ହୋଇନାହିଁ। ତେଣୁ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କାଟ କରିବାକୁ କହିଥିଲେ। ଓଡିଶାରେ ଟାଟା ପାୱାର ପରୋକ୍ଷ ଭାବେ ନିଯୁକ୍ତ କରିଥିବା ପ୍ରାୟ ୫୨ହଜାର କର୍ମଚାରୀ ଓ ନିୟମିତ ଭାବେ କାର୍ଯ୍ୟ କରୁଥିବା ୧୩,୫୦୦ କର୍ମଚାରୀ କଣ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। କମ୍ପାନୀ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହେବାରୁ ଏକ ସତ୍ୟପାଠ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓଇଆରସି।

## ଗ୍ୟାସ ସିଲିଣ୍ଡରର ଖୋଲି ଘରେ ନିଆଁ ଲଗାଇ ଗିରଫ ହେଲେ ସ୍ୱାମୀ

**ଦିଗପହଣ୍ଡି, ୧୭।୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଦିଗପହଣ୍ଡି ୭ ନଂ ୱାର୍ଡ ବଜାର ସାହି ଗୁଣ୍ଡିଚା ଛକ ରେ ରହୁଥିବା ଏ.ରାଜୁଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛନ୍ତି। ଥାନା ମାମଲା ନଂ.୫୮/୨୬ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ରାତି ପ୍ରାୟ ସାଢ଼େ ୯ ଟାରେ ଏ. ରାଜୁ ନିଶାସକ୍ତ ଅବସ୍ଥାରେ ଘରେ ସ୍ତ୍ରୀ ଏ. ଯଶୋଦାଙ୍କୁ ଆପତ୍ତିଜନକ ଭାଷାରେ ଗାଳି କରିଥିଲେ। ସେ ପ୍ରତିବାଦ କରିବାରୁ ସ୍ୱାମୀ ଘରେ ଥିବା ଗ୍ୟାସ ସିଲିଣ୍ଡର ଖୋଲି ନିଆଁ ଲଗାଇଦେଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ସ୍ତ୍ରୀ ଏତଲା ଦେବା ପରେ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ଅଭିଯୁକ୍ତ ଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରିଥିଲେ।

## ଶୃଙ୍ଖଳିତ ରଥଯାତ୍ରା ୨୦୨୬ ନେଇ ମାଷ୍ଟର ପ୍ଲାନ୍

### ଭକ୍ତଙ୍କ ସୁରକ୍ଷା ଓ ନିରାପତ୍ତାକୁ ଗୁରୁତ୍ୱ



**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ) :** ଚଳିତ ୨୦୨୬ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହେବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ଜାନୁଆରୀ ୧୩ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ କମିଟିର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସଂପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ ।

ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସନ ଡ଼. ଅରବିନ୍ଦ କୁମାର ପାଢ଼ୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ଶ୍ରୀମତୀ ଉଷା ପାଢୀ, ପୁଲିସ ଡିଜିପି ୱାଇ.ବି. ଖୁରାନିଆ , ଅଗ୍ନିଶମ ସେବା ଡିଜି ଡ଼. ସୁଧାଂଶୁ ଷଡଙ୍ଗୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ଼. ପବିତ୍ରମୋହନ ସାମଲଙ୍କ ସମେତ ସମ୍ପୃକ୍ତ ଅନ୍ୟ ବିଭିନ୍ନ ବିଭାଗ ଓ ସଂସ୍ଥାର ବରିଷ୍ଠ ପଦାଧିକାରୀ ଏବଂ କର୍ତ୍ତୃପକ୍ଷମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂପୃକ୍ତ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ଜିଲ୍ଲାପାଳ, ପୁରୀଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରଥଯାତ୍ରା ମାଷ୍ଟର ପ୍ଲାନ୍-୨୦୨୬ କୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଉପସ୍ଥାପନ କରିବା ସହ ରାଜ୍ୟ ପ୍ରଶାସନ ତଥା ବିଭିନ୍ନ ବିଭାଗ ତରଫରୁ ସହଯୋଗ ନେଇ ଆବଶ୍ୟକତା ପ୍ରକାଶ କରିଥିଲେ । ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆଗାମୀ ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ରୂପା ମୂଲ୍ୟରେ ସର୍ବକାଳୀନ ହ୍ରାସ



ନୂଆଦିଲ୍ଲୀ ୧୭।୨: ଐତିହାସିକ ସ୍ତରକୁ ପହଞ୍ଚିବା ପରେ ସୁନା ଓ ରୂପା ଦର ହ୍ରାସ ହେବାରେ ଲାଗିଛି। ଏଥିରେ ବଜାର ବିଶେଷଜ୍ଞଙ୍କ ମଧ୍ୟରେ ଏବେ ଏହା ଚର୍ଚ୍ଚା ହେଉଛି ରୂପା ମୂଲ୍ୟରେ ଆସିଥିବା କୃତ୍ରିମ ବୃଦ୍ଧି କ'ଣ ସମାପ୍ତ ହୋଇସାରିଛି? କାରଣ ରୂପାର ମୂଲ୍ୟ ହ୍ରାସ ଏବେ ଅଟକିବାର ନାଁ ନେଉନି। ଗତ ଜାନୁୟାରୀ ୨୯ ତାରିଖରେ ରୂପା କେଜି ପିଛା ମୂଲ୍ୟ ୪ଲକ୍ଷ ୨୦ ହଜାର ଟଙ୍କାକୁ ପହଞ୍ଚିଥିଲା। ସେତେବେଳେ କେହି ଭାବିନଥିଲେ ଏହା ମୂଲ୍ୟ ଏତେ ଶୀଘ୍ର ହ୍ରାସ ହୋଇ ଅଧାରୁ ବି କମ୍ ହୋଇଯିବ। ମାତ୍ର ୨୦ ଟା ଦିନରେ ରୂପା କେଜି ପିଛା ଦର ୧ଲକ୍ଷ ୮୦ ହଜାର ଟଙ୍କାରୁ ମଧ ଅଧିକ ହ୍ରାସ ହେଲାଣି।

୧୭ ଫେବୃଆରୀ ମଙ୍ଗଳବାର ବଜାର ଖୋଲିବାମାତ୍ରେ ରୂପା କେଜି ପିଛା ଦର ୪,୬୦୦ ଟଙ୍କାରୁ ଅଧିକ କମିଛି। ମଲ୍ଟି କମଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ବିକାବିକି ଚାପ ଏତେ ଅଧିକ ରହିଛି ଯେ ମାତ୍ର ୨୦ ଦିନରେ ରୂପା ଦରରେ ୧.୮୦ ଲକ୍ଷଟଙ୍କା ହ୍ରାସ ହୋଇଛି। ସୋମବାର କ୍ଲୋଜିଂ ପରେ ମଙ୍ଗଳବାର ମୂଲ୍ୟ ୨,୩୫,୨୦୬ ଟଙ୍କା ପ୍ରତି କେଜିକୁ କମି ଆସିଛି, ଯାହାକୁ ଏବେ ନିବେଶକଙ୍କ ପୋର୍ଟଫୋଲିଓରେ ବଡ଼ ହ୍ରାସ ବୋଲି କୁହାଯାଉଛି। କେବଳ ରୂପା ନୁହେଁ ସୁନା ମଧ ରେକର୍ଡ ଉଚ୍ଚାସ୍ତରରୁ ଏବେ ବେଶ୍ ତଳକୁ ଖସିସାରିଲାଣି। ଜାନୁୟାରୀ ୨୯ରେ ଯେଉଁ ସୁନା ଦର ପ୍ରତି ୧୦ ଗ୍ରାମ ୧ଲକ୍ଷ ୯୩ ହଜାର ଟଙ୍କାକୁ ପହଞ୍ଚିଥିଲା ସେଥିରେ ଏବେ ୩୮ ହଜାର ଟଙ୍କାରୁ ମଧ ଅଧିକ ହ୍ରାସ ହେଲାଣି।

ମଙ୍ଗଳବାର ସକାଳେ ବଜାର ଖୋଲିବା ମାତ୍ରେ ଏପ୍ରିଲରେ ଏକ୍ସପାୟରୀ ସୁନା ଦର ୧,୨୧୦ ଟଙ୍କା ଖସି ୧୦ଗ୍ରାମ ପିଛା ଦର ୧ଲକ୍ଷ ୫୩ ହଜାର ଟଙ୍କାକୁ ପହଞ୍ଚି ଯାଇଛି। ତେବେ ସୁନା ମୂଲ୍ୟରେ ମଝିରେ ମଝିରେ ସୁଧାର ଉଦ୍ୟମ ମଧ ଦେଖାଯାଇଛି। ହେଲେ ବଜାରର ମୁଡ ଏବେବି ଭୀଷଣ ଚାପରେ ରହିଛି ଓ ମୂଲ୍ୟବାନ ଧାତୁ ସର୍ବକାଳୀନ ଉଚ୍ଚତମ ସ୍ତରରୁ ବେଶ୍ ତଳେ କାରବାର ହେଉଛି। କାରବାର ଶେଷ ବେଳକୁ ମଙ୍ଗଳବାର ଉଭୟ ସୁନା ଓ ରୂପା ବେଶ୍ ଚାପରେ ଥିବା ଦେଖାଯାଇଛି। ଏଣୁ ନିବେଶକଙ୍କ ଚିନ୍ତା ଏବେ ବଢ଼ି ଯାଇଛି।

ଏମସିଏକ୍ସ ରେ ରୂପା ମୂଲ୍ୟ ଅପରାହ୍ନ ୫ଟା ୫୨ ସୁଦ୍ଧା ୫,୬୬୬ ଟଙ୍କା ଅର୍ଥାତ ୨.୩୬% ହ୍ରାସ ହୋଇ କେଜି ପିଛା ୨,୩୪,୨୨୫ ଟଙ୍କାରେ ବନ୍ଦ ହୋଇଛି। ଏଣୁ ଦିନ ତମାମ ରୂପା ଉପରେ ବିକ୍ରିର ଚାପ ଢେର ବଢ଼ି ଯାଇଥିଲା। ଏଣୁ ରୂପା ମୂଲ୍ୟ କମଜୋର ପଡୁଥିବା ଦେଖାଯାଇଛି। କେବଳ ରୂପା ନୁହେଁ ସୁନା ମଧ ମଙ୍ଗଳବାର ହ୍ରାସର ସହ ବନ୍ଦ ହୋଇଛି। ଏମସିଏକ୍ସରେ ସୁନା ପ୍ରତି ୧୦ ଗ୍ରାମ ୧,୨୮୦ ଟଙ୍କା ଅର୍ଥାତ ୦.୮୩% ହ୍ରାସ ହୋଇ ୧,୫୩,୪୮୦ ଟଙ୍କାରେ କାରବାର ହେଉଥିବା ଦେଖା ଯାଇଛି। ନିକଟରେ ରେକର୍ଡ ସ୍ତରକୁ ପହଞ୍ଚିବା ପରେ ସୁନା ଓ ରୂପା ମୂଲ୍ୟରେ ଏବେ କରେକ୍ସନ ଦେଖିବାକୁ ମିଳୁଛି।



# ଜାନୁଆରୀରେ ଆମଦାନି ୧୮.୭୭ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ, ୧୭।୨: ଚଳିତ ଆର୍ଥିକ ବର୍ଷରେ ଦେଶରେ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଜାନୁଆରିରେ ଉଭୟ ରପ୍ତାନି ଓ ଆମଦାନିରେ ହାସଲ ହୋଇଥିବା ଅଭିବୃଦ୍ଧି ହାରରୁ ଏଭଳି ଆକଳନ କରାଯାଉଛି। ଉଭୟ ଆମଦାନି ଓ ରପ୍ତାନିରେ ଦୃତ ଅଭିବୃଦ୍ଧି ହାସଲ ହୋଇଥିଲେ ମଧ ରପ୍ତାନି ତୁଳନାରେ ଆମଦାନିରେ ଅଧିକ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଜାନୁଆରି ମାସରେ ଆମଦାନିରେ ୧୮.୭୭ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଜାନୁଆରିରେ ଭାରତକୁ ବିଭିନ୍ନ ଦେଶରୁ ୭୬.୪୮ ବିଲିଅନ୍ ଡଲାର ମୂଲ୍ୟର ମୋଟ ଆମଦାନି ହୋଇଥିଲା। ଚଳିତ ବର୍ଷ ଜାନୁଆରିରେ ତାହା ୯୦.୮୩ ବିଲିଅନ୍ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଜାନୁଆରିରେ ରପ୍ତାନିରେ ଅଭିବୃଦ୍ଧି ହାର ୧୩.୧୬ ପ୍ରତିଶତ ହୋଇଛି। ଏହି ସମୟରେ ବିଭିନ୍ନ ଦେଶକୁ ଭାରତରୁ ମୋଟ ୮୦.୪୫ ବିଲିଅନ୍ ଡଲାର ମୂଲ୍ୟର ସେବା ଓ ସାମଗ୍ରୀ ରପ୍ତାନି କରାଯାଇଛି, ଯାହାକି ୨୦୨୪-୨୫ର ଏହି ସମୟରେ ୭୧.୦୯ ବିଲିଅନ୍ ଡଲାର ଥିଲା। ଅର୍ଥାତ ଚଳିତ ଆର୍ଥିକ ବର୍ଷ ଜାନୁଆରିରେ ରପ୍ତାନିରେ ଅଭିବୃଦ୍ଧି ହାର ଆମଦାନି ଠାରୁ ଅଧିକ ରହିଛି। ଏହାକୁ ବିଚାରକୁ ନେଲେ ଚଳିତ ବର୍ଷ ବାଣିଜ୍ୟିକ ନିଅଣ୍ଟ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତରୁ ରପ୍ତାନି ରେକର୍ଡ ସ୍ତରରେ ପହଞ୍ଚିଥିଲା। ଗତ ଆର୍ଥିକ ବର୍ଷରେ ଦେଶରୁ ମୋଟ ୮୨୪.୯ ବିଲିଅନ୍ ଡଲାରର ସାମଗ୍ରୀ ଓ ସେବା ରପ୍ତାନି ହୋଇପାରିଥିଲା।

# ଆଗାମୀ ୨ ବର୍ଷରେ ଭାରତର ଏଆଇ ସେକ୍ଟରରେ ୨୦୦ ବିଲିୟନ ଡଲାର ନିବେଶ ଆଶା: କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ, ୧୭।୨: ଆଗାମୀ ଦୁଇ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଷ୍ଟାକର ପାଞ୍ଚଟି ସ୍ତରରେ ୨୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ନିବେଶ ଆକର୍ଷିତ କରିବାକୁ ପ୍ରସ୍ତୁତ। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ସମୟରେ ଗଣମାଧ୍ୟମ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ଏଆଇର ବିକାଶ ଏବଂ ଏହାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ବିଶ୍ୱ ସ୍ତରରେ ପ୍ରବଳ ଆଗ୍ରହ ରହିଛି। ଏଆଇ ଇକୋସିଷ୍ଟମର ସବୁ କ୍ଷେତ୍ରରେ, ବିଶେଷକରି ଭିତ୍ତିଭୂମି ଏବଂ ଶକ୍ତି କ୍ଷେତ୍ରରେ ନିବେଶ କରାଯାଉଛି।

ସେ ଆହୁରି କହିଛନ୍ତି, ଭାରତ ଏହାର ସ୍ୱଚ୍ଛ ଶକ୍ତି ସମ୍ବଳ ଯୋଗୁ ଗୁରୁତ୍ୱପୂର୍ଣ୍ଣ ସୁବିଧା ପାଇଛି। ସେ କହିଥିଲେ, "ପ୍ରାୟ ୫୧ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସ୍ୱଚ୍ଛ ଉତ୍ସରୁ ଆସିଥାଏ ଏବଂ ଏହା ଭାରତ ପାଇଁ ଏକ ପ୍ରମୁଖ ସୁବିଧା।" ବୈଷ୍ଣବ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଦାୟିତ୍ୱପୂର୍ଣ୍ଣ ଏଆଇ ବିକାଶ ଉପରେ ଏକ ବିଶ୍ୱସ୍ତରୀୟ ସହମତି ସୃଷ୍ଟି ହେଉଛି। ସେ କହିଛନ୍ତି, "ଆମେ ଏଆଇକୁ ସାମାଜିକ ଭାବରେ ଦାୟୀ କରିବା ପାଇଁ ବଢୁଥିବା ଆଗ୍ରହ ଦେଖିପାରୁଛୁ, ଯାହା ଦ୍ୱାରା ଆମେ ନୂତନ ପ୍ରଯୁକ୍ତିର ଲାଭ ଉଠାଇପାରିବା ସହିତ ଏହାର ସମ୍ଭାବ୍ୟ କ୍ଷତିକୁ ମଧ ରୋକିପାରିବା। ଏହି ସହମତି ମଧ ଧୀରେ ଧୀରେ ନିର୍ମାଣ ହେଉଛି।"

ସେ ଆହୁରି କହିଛନ୍ତି, "ଆମେ ବିଶ୍ୱ ନେତାମାନଙ୍କ ମଧ୍ୟରେ ଏଆଇକୁ ସଠିକ୍, ଉପଯୁକ୍ତ ଏବଂ ଲାଭଦାୟକ ଭାବରେ କିପରି ବ୍ୟବହାର କରାଯାଇପାରିବ ସେ ବିଷୟରେ ସହମତି ସୃଷ୍ଟି କରିବାକୁ ଚେଷ୍ଟା କରିବୁ, ଯାହା ଦ୍ୱାରା ଏହା ମାନବଜାତି ପାଇଁ ଲାଭଦାୟକ ହେବ ଏବଂ ଏହାର ଅନୁପଯୁକ୍ତ ବ୍ୟବହାର ଯୋଗୁ ହେଉଥିବା କ୍ଷତିକୁ ରୋକାଯାଇପାରିବ।" ମନ୍ତ୍ରୀ କହିଛନ୍ତି ଭାରତ ଏଆଇ-ଆଧାରିତ ପ୍ରଯୁକ୍ତିବିଦ୍ୟା ଆଡକୁ ପରିବର୍ତ୍ତନକୁ ପରିଚାଳନା କରିବା ପାଇଁ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ସେ ଆହୁରି ମଧ କହିଛନ୍ତି, "ଆଇଟି ଶିଳ୍ପ ଭାରତର ସବୁଠାରୁ ବଡ଼ ନିଯୁକ୍ତିଦାତାମାନଙ୍କ ମଧ୍ୟରୁ ଗୋଟିଏ।"

"ଯେତେବେଳେ କୌଣସି ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ହୁଏ, ଏଥିପାଇଁ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ମଧ୍ୟରେ ଏକ ସହଯୋଗପୂର୍ଣ୍ଣ ପ୍ରୟାସ ଆବଶ୍ୟକ ହୁଏ," ସେ କହିଥିଲେ। "ଆମେ ବର୍ତ୍ତମାନ ତିନୋଟି ମୋର୍ଚ୍ଚାରେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ସହିତ କାମ କରୁଛୁ।" ବୈଷ୍ଣବ କହିଛନ୍ତି ଯେ, ସରକାର ଖୁବ୍ ଶୀଘ୍ର ଏଆଇ ମିଶନ ୨.୦ ଘୋଷଣା କରିବେ। ଏହା ଗବେଷଣା, ନବସୃଜନ ଏବଂ ସେୟାର କମ୍ପ୍ୟୁଟିଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେବ।

ସେ କହିଥିଲେ, "ଭାରତରେ ଆମେ ଆମର ବିଶାଳ ଜନସଂଖ୍ୟାକୁ ଏଆଇ କମ୍ପ୍ୟୁଟ୍ ସୁବିଧା ପ୍ରଦାନ କରିବାରେ ସଫଳ ହୋଇଛୁ ଏବଂ ଏହା ଆମର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ।" କମ୍ପ୍ୟୁଟ୍ କ୍ଷମତାକୁ ବିସ୍ତାର କରିବା ପାଇଁ, ସେ କହିଥିଲେ, ବର୍ତ୍ତମାନର ୩୮ ହଜାର ଆଧାରରେ ୨୦ ହଜାରରୁ ଅଧିକ ଜିପିୟୁ ଯୋଡ଼ାଯିବ। ମନ୍ତ୍ରୀ କହିଛନ୍ତି ଯେ ଏହି ପଦକ୍ଷେପ ଏବଂ ଦୃଢ଼ ନିବେଶ ଗତି ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଏଆଇ ବିକାଶ ଏବଂ ବ୍ୟବହାର ପାଇଁ ଏକ ପ୍ରମୁଖ ବିଶ୍ୱ କେନ୍ଦ୍ର କରିବାରେ ସାହାଯ୍ୟ କରିବ।

# ଇ-ଭିଟାରାର ମୂଲ୍ୟ ଘୋଷଣା ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ

ନୂଆଦିଲ୍ଲୀ, ୧୭।୨: ଦେଶର ସର୍ବବୃହତ୍ କାର୍ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଏହାର ଇଲେକ୍ଟ୍ରିକ ଏସ୍‌ୟୁଭି ଇ-ଭିଟାରାର ମୂଲ୍ୟ ଆଜି ଘୋଷଣା କରିଛି। ବ୍ୟାଟେରି-ଆଜ୍-ଏ-ସର୍ଭିସ ମଡେଲ୍ ବିଶିଷ୍ଟ ଗାଡ଼ିର ପ୍ରାରମ୍ଭିକ ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। କମ୍ପାନି ବ୍ୟାଟେରି ବ୍ୟବହାର ବାବଦରେ କିଲୋମିଟର ପିଛା ୩ ଟଙ୍କା ୯୯ ପଇସା ଅତିରିକ୍ତ ନେବ। ମାରୁତି ସୁଜୁକି ଗତ ଡିସେମ୍ବରରେ ଇ-ଭିଟାରାର ଉନ୍ମୋଚନ କରିଥିଲା। କମ୍ପାନି ଯଦିଓ ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ବୋଲି ଘୋଷଣା କରିଛି ତଥାପି ଅନ୍ୟାନ୍ୟ ମଡେଲର ମୂଲ୍ୟ ସଂପର୍କରେ କିଛି ସୂଚନା ଦେଇନାହିଁ। ୨୦୨୫ ଅଗଷ୍ଟରେ ଏହି କାର୍‌ର ଉତ୍ପାଦନ ଆରମ୍ଭ ହୋଇଛି। ୨୦୨୫ ଶେଷ ସୁଦ୍ଧା କମ୍ପାନି ୨୮ଟି ଦେଶକୁ ପାଖାପାଖି ୧୩ ହଜାର ଇ-ଭିଟାରା ରପ୍ତାନି କରିଛି। ସୁଜୁକି ମୋଟର କର୍ପୋରେସନ ଦ୍ୱାରା ଟୟୋଟା ସହଯୋଗରେ ଏହି ମଡେଲ ଗାଡ଼ିର ବିକାଶ କରାଯାଇଛି। ତେବେ ଏହାର ଉତ୍ପାଦନ ଭାରତରେ କରାଯାଉଛି। ଇ-ଭିଟାରାର ରେଞ୍ଜ ୫୪୩ କିମି ପର୍ଯ୍ୟନ୍ତ ରହିଥିବା ଦାବି କରଯାଇଛି। ଡେଲ୍‌ଟା, ଜେଟା ଏବଂ ଆଲ୍‌ଫା ଭଳି ୩ଟି ଭାରିଆଣ୍ଟ୍‌ରେ ଏହି ଗାଡ଼ି ବଜାରକୁ ଆସିବ। ସେହିଭଳି ୪୯ କେଡବ୍ଲୁଏଚ୍ ଏବଂ ୬୧ କେଡବ୍ଲୁଏଚ୍ ବିକଳ୍ପ ଭଳି ଦୁଇଟି ବ୍ୟାଟେରି ପ୍ୟାକ୍ ଏଥିରେ ରହିବ।



# ବିଲ୍ ଗେଟ୍ସଙ୍କୁ ଏଆଇ ସମିଟ୍ ପାଇଁ ଦିଆଯାଇଥିବା ନିମନ୍ତ୍ରଣ ପ୍ରତ୍ୟାହାର କଲେ ସରକାର

ନୂଆଦିଲ୍ଲୀ, ୧୭।୨: ନୂଆଦିଲ୍ଲୀରେ ଦୁନିଆରେ ସବୁଠୁ ବଡ଼ ବୈଷୟିକ କାର୍ଯ୍ୟକ୍ରମ ଏଆଇ ଇମ୍ପାକ୍ଟ ସମିଟ୍ ଆରମ୍ଭ ହୋଇସାରିଛି। ଏଥିରେ ଦୁନିଆର ଅନେକ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଟେକ୍ କମ୍ପାନିର ସିଇଓ ସାମିଲ ହେବେ। ଏହି କାର୍ଯ୍ୟକ୍ରମ ପାଇଁ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସକୁ ବଡ଼ ଝଟକା ଲାଗିଛି। ଭାରତ ସରକାର ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କୁ ଦିଆଯାଇଥିବା ଏଆଇ ଶିଖର ସମ୍ମିଳନୀର ନିମନ୍ତ୍ରଣକୁ ଫେରାଇ ନେଇଛନ୍ତି ବୋଲି ଦାବି କରାଯାଉଛି। ଏହି ନିଷ୍ପତ୍ତି ଜେଫରି ଏପଷ୍ଟିନ୍ ଫାଇଲ୍ସ ବିବାଦ ସହ ଜଡ଼ିତ, ଯେଉଁଥିରେ ଗେଟ୍ସଙ୍କ ଏପଷ୍ଟିନଙ୍କ ସହ ସମ୍ପର୍କର ଖୁଲାସା ହୋଇଥିଲା।

ସୂତ୍ର ଅନୁସାରେ, ଏହି ନିଷ୍ପତ୍ତି ରାଷ୍ଟ୍ରୀୟ ସୁରକ୍ଷା ଓ ନୈତିକ ଆଧାରରେ ଉପରେ ନିଆଯାଇଛି। ଗେଟ୍ସ ପୂର୍ବରୁ ସ୍ପଷ୍ଟୀକରଣ ରଖି ସାରିଛନ୍ତି ଯେ ଏପଷ୍ଟିନଙ୍କ ସହ ତାଙ୍କ ବୈଠକ ଚାରିଟୀ (ଦାନ) ପାଇଁ ଥିଲା-କିନ୍ତୁ ଏବେ ନୂଆ ଖୁଲାସା ତାଙ୍କ ନୈତିକତା ଉପରେ ପ୍ରଶ୍ନ ଉଠାଇଛି। ତେବେ ନିମନ୍ତ୍ରଣ ପ୍ରତ୍ୟାହାର ଖବରକୁ କିନ୍ତୁ ଗେଟ୍ସ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରକାର ଖଣ୍ଡନ କରାଯାଇଛି। ମାମଲାରେ ଗେଟ୍ସ ଫାଉଣ୍ଡେସନର ମୁଖପାତ୍ର କହିଛନ୍ତି, ବିଲ୍ ଗେଟ୍ସ ଏଆଇ ଶିଖର ସମ୍ମିଳନୀରେ ସାମିଲ ହେବେ ଏବଂ ନିର୍ଦ୍ଧାରିତ ସମୟରେ ନିଜର ଭାଷଣ ରଖିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ବୋଲିଭିଆ, କ୍ରୋଏସିଆ, ଏଷ୍ଟୋନିଆ, ଫିନଲ୍ୟାଣ୍ଡ, ଗ୍ରୀସ୍, ଗୁଏନା, କଜକିସ୍ତାନ, ଲିକଟେଷ୍ଟିନ୍, ସର୍ବିଆ ଏବଂ ସ୍ଲୋଭାକିଆରୁ ନେତାମାନେ ମଧ ଏଆଇ ସମ୍ମିଳନୀରେ ଅଂଶଗ୍ରହଣ କରିବେ। ୪୫ରୁ ଅଧିକ ଦେଶର ମନ୍ତ୍ରିସ୍ତରୀୟ ପ୍ରତିନିଧିମଣ୍ଡଳ ମଧ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଜାତିସଂଘର ମହାସଚିବ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ଅଧିକାରୀମାନେ ମଧ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।



# ଆୟୋଗଙ୍କ ନିକଟରେ ହାଜର ହେବାରେ ବିଫଳ ଓଲା ସିଇଓ

ନୂଆଦିଲ୍ଲୀ, ୧୭।୨: ଓଲା ଇଲେକ୍ଟ୍ରିକ ସିଇଓ ଭବିଷ୍ ଅଗରୱାଲଙ୍କ ବିରୋଧରେ ଦକ୍ଷିଣ ଗୋଆ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଆୟୋଗଙ୍କ ନିକଟରେ ହାଜର ହେବାରେ ବିଫଳ ହେବାରୁ ଏଭଳି ନିର୍ଦ୍ଦେଶ ଆୟୋଗ ଦେଇଛନ୍ତି। ଭବିଷଙ୍କୁ ଗିରଫ କରି ଆସନ୍ତା ୨୩ ତାରିଖ ସକାଳ ୧୦ଟା ୩୦ରେ ହାଜର କରିବା ଲାଗି ବେଙ୍ଗାଲୁରୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରୀତେଶ ଚନ୍ଦ୍ରକାନ୍ତ ଘଡ଼ି ନାମକ ଜଣେ ବ୍ୟକ୍ତି ୨୦୨୩ ଅଗଷ୍ଟରେ ୧.୪୭ ଲକ୍ଷ ଟଙ୍କାରେ ଏକ ଓଲା ଏସ୍୧ ପ୍ରୋ ସେକେଣ୍ଡ୍ ଜେନେରେସନ୍ ସ୍କୁଟର କିଣିଥିଲେ। ସେ ସ୍କୁଟର କିଣିବା ପରେ ବ୍ୟାଟେରିରୁ ଅସ୍ୱାଭାବିକ ଶବ୍ଦ ବାହାରିଥିଲା। ସେହିଭଳି ଟଚ୍‌ସ୍କ୍ରିନ ମଧ ଠିକ୍‌ରେ କାମ କରୁ ନଥିଲା। ଏହା ପରେ ସେ ଭାସ୍କୋସ୍ଥିତ ଜଣେ ଓଲା ଇଲେକ୍ଟ୍ରିକ ଡିଲରଙ୍କୁ ଗାଡ଼ି ହସ୍ତାନ୍ତର କରିଥିଲେ। କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ମଧ ତାଙ୍କ ଗାଡ଼ି ସଂପର୍କରେ କିଛି ଖବର ନାହିଁ। ଏପରିକି ସେ କମ୍ପାନି ସହିତ ଏକାଧିକ ଥର ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ପାଇନାହାନ୍ତି। ଗତ ଜାନୁଆରି ୨୦ ତାରିଖରେ ଏହି ମାମଲାର ଶୁଣାଣି କରି ଭବିଷଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ସ୍କୁଟରର ଅବସ୍ଥିତି ସଂପର୍କରେ ସୂଚନା ଦେବାଲାଗି କୁହାଯାଇଥିଲା। ଫେବ୍ରୁଆରି ୪ ତାରିଖରେ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେ ଏଥିରେ ବିଫଳ ହେବାରୁ ଆୟୋଗ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖରେ ହେବ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଜିଲ୍ଲାରେ ବଢ଼ୁଛି ବେକାରୀ ସମସ୍ୟା, ଦାଦନ ମୁହାଁ ଯୁବଗୋଷ୍ଠୀ

**ସୁବର୍ଣ୍ଣପୁର,୧୭।୨ (ସଂଚାର ବ୍ୟୁରୋ):** ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲ୍ଲାରେ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କାମଧନ୍ଦା ଅଭାବ ଯୋଗୁଁ ଶିକ୍ଷିତ ବେକାର ଯୁବକ ବାହାର ରାଜ୍ୟକୁ କାମଧନ୍ଦା ଅନ୍ୱେଷଣରେ ଦାଦନ ଖଟି ଯିବାକୁ ବାଧ ହେଉଛନ୍ତି। ବିଭିନ୍ନ ସମୟରେ ସେମାନେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ଅନେକ ନିରୀହ ଖଟିଖିଆ ପରିବାରର ଯୁବକଙ୍କ ଜୀବନ ମଧ ଚାଲିଯାଉଛି। ହେଲେ ଏଥିପ୍ରତି କାହାର ନିଘା ନାହିଁ। ଜିଲ୍ଲାରେ କୌଣସି ଶିଳ୍ପ ସଂସ୍ଥା ନଥିବାରୁ ଶିକ୍ଷିତ ଯୁବକ ଯୁବତୀ କାମଧନ୍ଦା ନପାଇ ପରିବାର ଉପରେ ବୋଝ ହୋଇ ରହୁଛନ୍ତି। ଏହାକୁ ନେଇ ପରିବାର ମଧରେ ଅସନ୍ତୋଷର ବାତାବରଣ ଦେଖାଦେଉଛି। ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତିମେଳା ଆୟୋଜିତ ହେଉଛି। ନିଯୁକ୍ତି ମେଳାରେ ଅନେକ କର୍ମନିଯୁକ୍ତି ପାଉଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ ସେମାନଙ୍କ ମଧରୁ ଅନେକ ବିଭିନ୍ନ କାରଣରୁ କାମଧନ୍ଦା ଛାଡି ଗ୍ରାମକୁ ଚାଲି ଆସୁଛନ୍ତି। ବେକାରୀ ସମସ୍ୟା ରୋକିବା ପାଇଁ ପ୍ରଶାସନିକ ସ୍ତରରେ ଆଗ୍ରହ ନଥିବା ମନେ ହେଉଛି। ସୁବର୍ଣ୍ଣପୁର ଜିଲ୍ଲାର ବେକାର ଯୁବକ ମାନଙ୍କର ଭାଗ୍ୟ କେରଳ, ତାମିଲନାଡ୍ରୁ, ଆନ୍ଧ୍ର, ଗୁଜୁରାଟ ଆଦି ରାଜ୍ୟରେ ବନ୍ଧା ପଡ଼ିଛି। ସେମାନଙ୍କ ଜନ୍ମ ଏଠାରେ କିନ୍ତୁ କର୍ମକ୍ଷେତ୍ର ରାଜ୍ୟ ବାହାରେ। ପ୍ରତି ମାସରେ ଶହ ଶହ ଯୁବକ ରାଜ୍ୟ ବାହାରକୁ କାମଧନ୍ଦା ଅନ୍ୱେଷଣରେ ଯାଉଛନ୍ତି। ପ୍ରାକୃତିକ ସଂପଦରେ ଭରପୁର ସୁବର୍ଣ୍ଣପୁର ଜିଲ୍ଲାରେ ଦାରିଦ୍ର୍ୟ ଓ ବେକାରୀ ଯୋଗୁଁ ଯୁବକ ଯୁବତୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନିଶା ମାଫିଆ ଓ ଲଘୁ ଖଣିଜ ମାଫିଆଙ୍କ ରାଜ ଚାଲିଥିବା ବେଳେ ଯୁବଗୋଷ୍ଠୀ ନିଯୁକ୍ତି ଅଭାବରୁ ଅପରାଧ ମୁହାଁ ହେଉଥିବା ଆଲୋଚନା ହେଉଛି। ବହୁ ବେକାର ଯୁବକ ଅଧିକ ରୋଜଗାର ଆଶାରେ ପଡ଼ୋଶୀ ଜିଲ୍ଲା ରୁ ଗଞ୍ଜେଇ ଚାଲାଣରେ ଲାଗି ଯାଉଛନ୍ତି। ଏହା ସେମାନଙ୍କ ପାଇଁ ବିପଦ ହେଉଥିବା ଜାଣି ମଧ ବାଧ ହୋଇ ବେଆଇନ କାରବାରକୁ ଆପଣେଇ ନେଉଛନ୍ତି। ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ପର୍ଯ୍ୟାପ୍ତ ସୁବିଧା ରହିଛି। କିନ୍ତୁ ଏହାର ବିନିଯୋଗ ହୋଇପାରୁନାହିଁ। କୃଷିସମୃଦ୍ଧ ସୁବର୍ଣ୍ଣପୁର ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ନାହିଁ। କୃଷିଜାତ ସାମଗ୍ରୀ ପାଇଁ କୌଣସି ସ୍ୱତନ୍ତ୍ର ବଜାର ମଧ ନାହିଁ। ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟିଦେଇ ଜିଲ୍ଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ସାଧାରଣରେ ଦାବି ହେଉଛି।

## ପିଏମ ଶ୍ରୀ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା



**ସୁବର୍ଣ୍ଣପୁର,୧୭।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ପିଏମଶ୍ରୀ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଡୁଙ୍ଗୁରିପାଲିଠାରେ ବିଦ୍ୟାଳୟ ସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନଙ୍କ ମଧରେ ଥିବା ବୈଜ୍ଞାନିକ ଚିନ୍ତାଧାରା ଓ ସୃଜନଶୀଳତାର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ଏହି ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୪୨ଟି ବିଜ୍ଞାନ ପ୍ରକଳ୍ପ ଏବଂ ୨୫ଟି ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଓତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପଲିଆ ଏବଂ ବରିଷ୍ଠ ଶିକ୍ଷକ ବାବୁଲାଲ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ପାଇଁ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ (ସାଗରପାଲି)ର ଶିକ୍ଷକ ମନୀଷ କୁମାର ପଣ୍ଡା ଏବଂ ଜୟ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ (ଖରଝୁରା)ର ଶିକ୍ଷକ ବିଶ୍ୱନାଥ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର ଫଳାଫଳ:ଗଣିତ ପ୍ରକଳ୍ପ ର ସିନିୟର ବିଭାଗରେ ପ୍ରଥମ: ରୁଚି ଗୁପ୍ତା, ଦ୍ୱିତୀୟ: ଅମିର ମହାନନ୍ଦ, ତୃତୀୟ: ପ୍ରିୟଙ୍କା ମେହେର ଓ ଜୁନିୟର ବିଭାଗ ରେ ପ୍ରଥମ: ସିମରନ ମହାନନ୍ଦ, ଦ୍ୱିତୀୟ: ଆଦ୍ୟାଶା ସାହୁ, ତୃତୀୟ: ପ୍ରୀତିମୟୀ ଭରାସାଗର ସେହିପରି ବିଜ୍ଞାନ ପ୍ରକଳ୍ପ ର ସିନିୟର ବିଭାଗ ରେ ପ୍ରଥମ: ସିଂଘଲରାଜ ମହାନନ୍ଦ, ଦ୍ୱିତୀୟ: ବର୍ଷାରାଣୀ ଦନ୍ତା, ତୃତୀୟ: ଜୟଶ୍ରୀ କର୍ମୀ ଓ ଜୁନିୟର ବିଭାଗ ରେ ପ୍ରଥମ: ଜଗା ଷାଣ୍ଡ, ଦ୍ୱିତୀୟ: ପୂର୍ଣ୍ଣିମା ମେହେର ତୃତୀୟ: ଆୟୁଷ ଅମାତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ଏହି ପ୍ରଦର୍ଶନୀସଭାକୁ ବିଜ୍ଞାନ ଶିକ୍ଷକ ଚକାନୟନ ମେହେର ମଞ୍ଚ ପରିଚାଳନା କରିଥିଲେ ଓ ନିବେଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗିରି ମଠରେ ଚଣ୍ଡୀ ପୂଜା



**ନର୍ଲା,୧୭।୨(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ମଙ୍ଗଳବାର ଦିନ ଚଣ୍ଡୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୂଜା କାର୍ଯ୍ୟ ପୁଝାରୀ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ, ବିଭିଷଣ ଦାସ, ଧନେଶ୍ୱର ମାଝୀ, ପୂର୍ବା ଗଉଡ, ଧନେ ହେର୍ଣ୍ଣାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟ ସଞ୍ଜୟ ଧଙ୍ଗଡ଼ାମାଝୀ, ବିଜୟ ଧଙ୍ଗଡ଼ାମାଝୀ, ବିଷ୍ଣୁ ଗଉଡ, ରଜନୀ ଗଉଡ, ସୁରେନ୍ଦ୍ର ଗଉଡ, ପ୍ରଦୀପ ଧଙ୍ଗଡ଼ାମାଝୀ, ଦେବ ଗଉଡ, ଶତ୍ରୁଘନ ଧଙ୍ଗଡ଼ାମାଝୀ, ଭରତ ଧଙ୍ଗଡ଼ାମାଝୀ, ଲୋକନାଥ ଗଉଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି



**କଳାହାଣ୍ଡି,୧୭।୨(ସଂଚାର ବ୍ୟୁରୋ):** ଧର୍ମଗଡ଼ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଳମ୍ବିତ ରାତ୍ରିରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି।ଏନେଇ ଜିଲ୍ଲା କୃଷି ଅଧିକାରୀ ଧର୍ମଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମତେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଛ ପଟ ଗ୍ରିଲ୍ ଭାଙ୍ଗି କାର୍ଯ୍ୟାଳୟରେ ପଶି ଗୋଟେ କମ୍ପ୍ୟୁଟର, ପ୍ରିଣ୍ଟ ମେସିନ୨ଟି ଇନଭେଟର ନେଇଯାଇଛନ୍ତି। ଝରକା ପଛ ପଟୁ ଗ୍ରିଲ୍ ଭାଙ୍ଗି ନେଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଧର୍ମଗଡ଼ ସହରରେ ଚୋରି ହାରି ବୃଦ୍ଧି ପାଉଥିବା ବେଳେ ପୁଲିସର ଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ପୁଲିସ ରାତିରେ କଡା ପହରା ମାରିବା ଜରୁରୀ ଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ଥିବା ସାଧାରଣରେ ମତ ପ୍ରକାଶ ପାଉଛି।

## ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା, ଯାତ୍ରୀ ହନ୍ତସନ୍ତ



**କଳାହାଣ୍ଡି,୧୭।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ଅଧୀନରେ ଥିବା ୪ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଗତ ଦେଢ଼ବର୍ଷ ହେଲା ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଯାତ୍ରୀମାନେ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ପ୍ରକାଶ ଯେ, ଜୁନାଗଡ଼ ବ୍ଲକର ଚଞ୍ଚରାଭାଡି, ଭବାନୀପାଟଣା ବ୍ଲକର ବୋର୍ଡା, କୋକସରା ବ୍ଲକର ଆମପାଣି ଓ ଏମ୍ ରାମପୁର ବ୍ଲକର ରଙ୍ଗାପଦରଠାରେ ଏହି ପ୍ରଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଛି। ୨୦୧୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଏହି ପଥପ୍ରାନ୍ତ ସେବା କେନ୍ଦ୍ର ଲୋକାର୍ପିତ ହୋଇଥିଲା। ଏଠାରେ ଯାତ୍ରୀମାନେ ବିଶ୍ରାମ ନେବା, ଶୌଚାଳୟ ବ୍ୟବହାର କରିବା, ପିଇବା ପାଣିର ବ୍ୟବସ୍ଥା ଆଦି ରହିଥିଲା। ଏହାଦ୍ୱାରା ରାସ୍ତାରେ ଯାଉଥିବା ଅନେକ ଯାତ୍ରୀ ଉପକୃତ ହେଉଥିଲେ। ହେଲେ ଗତ ଦେଢ଼ ବର୍ଷ ହେଲା ଏସବୁ କେନ୍ଦ୍ରରେ ତାଲା ଝୁଲୁଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜିଲାର ଉପରୋକ୍ତ ୪ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କାର୍ଯ୍ୟରତ ୨୪ ଜଣ କର୍ମଚାରୀଙ୍କୁ ଛଟେଇ ପରେ ଏପରି ଅସୁବିଧା ଦେଖାଦେଇଛି।ପୂର୍ତ୍ତ ବିଭାଗ ଏକ ଘରୋଇ ଠିକା କମ୍ପାନୀକୁ ପରିଚାଳନା ପାଇଁ ଦାୟିତ୍ୱ ଦେଇଥିଲା। ୨୪ ଜଣ କର୍ମଚାରୀ ଠିକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ ମଧ ଠିକା କମ୍ପାନୀ ୨୦୨୪ ଜୁନ ଶେଷରେ ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦେଇଥିଲା। ଫଳରେ ସେହିଦିନଠୁ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା ଝୁଲୁଛି। ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ କେନ୍ଦ୍ରଗୁଡିକ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।

## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ

**ଢେଙ୍କାନାଳ,୧୭।୨(ସଂଚାର ବ୍ୟୁରୋ)** ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା ଓ ଆତ୍ମରକ୍ଷା କୌଶଳ ବିକାଶ ଉଦ୍ଦେଶ୍ୟରେ ୫ ଫେବୃଆରୀରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡ଼ଃ ତୃପ୍ତି ମୟୀ ସାହୁ ସମନ୍ୱୟ କରିଥିଲେ। ୧୭ ଫେବୃଆରୀ ୨୦୨୬ ତାରିଖରେ ମହାବିଦ୍ୟାଳୟ ଅଡିଟୋରିୟମ୍‌ରେ ସମାପନୀ ଅନୁଷ୍ଠାନ ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଡ଼ଃ ଶକୁନ୍ତଳା ଜେନା ନାରୀ ସୁରକ୍ଷା ସନ୍ଦର୍ଭରେ ତାଙ୍କ ମତ ପ୍ରକାଶ କରି ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମନସ୍ତତ୍ତ୍ୱବିଜ୍ଞାନ ବିଭାଗର ଅଧାପକ ଡ଼ଃ ପଙ୍କଜ କୁମାର ବାରିକ ଆତ୍ମରକ୍ଷା କାର୍ଯ୍ୟକ୍ରମ ସମ୍ବନ୍ଧରେ ମୂଲ୍ୟବାନ ମତାମତ ଦେଇଥିଲେ। ପ୍ରଶିକ୍ଷିକା ବନ୍ଦନା ବିଶ୍ୱାଳ ଓ ପୂଜା ରାଣୀ ସେନାପତି ଛାତ୍ରୀମାନଙ୍କ ସହ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।ଶେଷରେ ପ୍ରୀତିପ୍ରିୟମ୍ବଦା ବୈଶାଖି ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

## ଜିଲ୍ଲାରେ ପରୀକ୍ଷା ଦେବେ ୧୬୬୩୧ ଛାତ୍ରଛାତ୍ରୀ




**କଳାହାଣ୍ଡି,୧୭।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଚଳିତ ସିଏଚ୍‌ଏସଇ (ଉଚ୍ଚ ମାଧମିକ ଶିକ୍ଷା ପରିଷଦ) ଦ୍ୱାଦଶ (ଯୁକ୍ତ+୨) ବୋର୍ଡ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭହୋଇଛି।୧୮ ତାରିଖରୁ ପରୀକ୍ଷା ଆରମ୍ଭ ହେବ।୧୦ଟି ହବ ସେଣ୍ଟରକୁ ପ୍ରଶ୍ନପତ୍ର ପହଞ୍ଚି ସାରିଛି ବୋଲି ସୂଚନା ମିଳିଛି। ଜିଲ୍ଲାରେ ୭୧ଟି ପରୀକ୍ଷା କେନ୍ଦ୍ର ହୋଇଛିଜ୍ଜୁ ଚଳିତବର୍ଷ କଳାହାଣ୍ଡି ଜିଲ୍ଲାରେ ରେଗୁଲାରରେ ସମୂଦାୟ ୪ଟି ବିଭାଗରେ ୧୬୬୩୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରେ କଳାରେ ୧୨୦୬୨, ବାଣିଜ୍ୟରେ ୩୫୭, ବିଜ୍ଞାନରେ ୩୮୯୯ ଓ ଭୋକେସ ନାଲ୍ ରେ ୩୧୪ ଜଣ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। କପି ରୋକି କିବା ପାଇଁ ହବ ସେଣ୍ଟର ଗୁଡିକରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ପରୀକ୍ଷା କେନ୍ଦ୍ର ଗୁଡିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ସ୍କ୍ୱାର୍ଡ ଓ ୩ ପ୍ରକାର ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିୟୋଜିତ ରହିବେ।ହବ ସେଣ୍ଟର ଗୁଡିକରେ ଗୁଡିକରେ ଏଆଇ କ୍ୟାମେରା ପରୀକ୍ଷା କେନ୍ଦ୍ରମାନଙ୍କରେ ସିସିଟିଭି କ୍ୟାମେ ଲଗାଯାଇଛି। ପରୀକ୍ଷା ଦିନ ସକ ସକାଳୁ ହବ ସେଣ୍ଟରରୁ ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଜଣାପଡ଼ିଛି। ପରୀକ୍ଷାକୁ କିପରି ଶାନ୍ତି ଓ ଶୃଙ୍ଖଳା ସହିତ ପରିଚାଳନା କରାଯିବ ନେଇ ପ୍ରଶାସ ଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

### ପୁଲିସ ଉପରୁ ଆସ୍ଥା ହରାଇ ଏସପିଙ୍କୁ ଫେରାଦ

## ଏସଡିପିଓ ମିନତୀ ବିଶ୍ୱାଳଙ୍କ ଅଭିଯୋଗର ଶୁଣାଣି



**ବୈଶିଙ୍ଗା,୧୭।୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରୀ, ଡକାୟତି, ଛିନତାଇ, ମହିଳାଙ୍କୁ ନ୍ୟାୟ ପ୍ରଦାନ ନ କରିବା ପ୍ରତିବାଦରେ ଥାନା ଅଞ୍ଚଳବାସୀ ଗତ ଫେବୃଆରୀ ୧୩ ତାରିଖ ଦିନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ମାଧବୀ ସେନାପତି ଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଶତାଧିକ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ଫର୍ଦ୍ଦ ପ୍ରଦାନ କରାଯାଇଥିଲା। ସାତଦିନ ମଧରେ ବିଚାର ନ କରିଲେ ବୈଶିଙ୍ଗା ଥାନା ସମ୍ମୁଖରେ ଧାରଣା ଦିଆଯିବାର ଉଲ୍ଲେଖ କରାଯାଇଥିଲା। ଏହାର ସତ୍ୟାସତ୍ୟ ଅନୁଧାନ କରିବା ପାଇଁ ଏସପି ବରୁଣ ଗୁଣ୍ଟୁପାଲି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ନିର୍ଦ୍ଦେଶ ପାଇବା ପରେ ଶ୍ରୀମତୀ ବିଶ୍ୱାଳ ଗତକାଲି ସୋମବାର ସନ୍ଧ୍ୟାରେ ଦୁର୍ଗାପୁର ଗ୍ରାମ ର ସ୍କୁଲ ପଡ଼ିଆରେ ଏକ ଜନଶୁଣାଣୀ କରିଥିଲେ। ଏହି ଜନଶୁଣାଣୀରେ ଦୁର୍ଗାପୁର, ପଣସିଆ, ଖୁଣ୍ଟାପୁର, ଦିଗାନଗର, କଳମା, ଗଡ଼ଦେଉଳିଆ, ବୈଶିଙ୍ଗା, କେନ୍ଦୁଆ, ଜୁଗୁପୁରା ଆଦି ଗ୍ରାମର ଶତାଧିକ ଗ୍ରାମ ବାସୀ ଯୋଗ ଦେଇ ପୁଲିସର କଳା କାରନାମା ବିଷୟରେ ବଖାଣି ଥିଲେ ଓ ଦୁର୍ଗାପୁର ଗ୍ରାମରେ ଡକାୟତି ହୋଇଥିବା ଶିକ୍ଷକ ବସନ୍ତ ସେନାପତି ତାଙ୍କ ସ୍ତ୍ରୀ କାନ୍ଦି କାନ୍ଦି ଦୁଃଖ ପ୍ରକାଶ କରିଥିଲେ। ଖୁଣ୍ଟାପୁର ଡକାୟତି ଘଟଣାରେ ଘର ମାଲିକ ଚିନ୍ମୟ ମିଶ୍ର, ତାଳପଦା ଗ୍ରାମର ସି ଆର ପି ଏଫ୍ ଜବାନ ମନତାଜ ର ସ୍ତ୍ରୀ ଅଫସାନା ପରବିନ୍ ତା ପ୍ରତି ପୁଲିସ ର ଅସହଯୋଗ ସମ୍ପର୍କରେ କାହାଣୀ ବର୍ଣ୍ଣନା କରିଥିଲେ। ଏହି ଜନଶୁଣାଣୀ ର ଖବର ପାଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଯୁବ ନେତା ବିନୋଦ ସିଂହ, ନାରୀ ନେତ୍ରୀ ମାଧବୀ ସେନାପତି, ଶୁଭ୍ରାନ୍ତ ତିଆଡି ପ୍ରମୂଖ ଉରସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି କୁ ସୁଧାରିବା ପାଇଁ ଏସ ଡି ପି ଓ ବିଶ୍ୱାଳଙ୍କୁ ଅନୁରୋଧ କରିଥିଲେ।

# ଧାମନଗରରେ ୧୭ କେନ୍ଦ୍ର, ୩୦୩୨ ପରୀକ୍ଷାର୍ଥୀ



**ଧାମନଗର,୧୭।୨(ସଂଚାର ବ୍ୟୁରୋ):** ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଗୁରୁତ୍ୱପୂର୍ଣ୍ଣ ମାଟ୍ରିକ ପରୀକ୍ଷା ଚଳିତ ମାସ ୧୯ ତାରିଖ ଠାରୁ ଆରମ୍ଭ ହେବ।ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ ପକ୍ଷରୁ କେନ୍ଦ୍ର ତାଲିକା ଚୂଡାନ୍ତ ହୋଇ କେଉଁ କେନ୍ଦ୍ରରେ କେତେ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ତାହା ସ୍ଥିର ହୋଇଛି।ମିଳିଥିବା ସୂଚନା ଅନୁଯାୟୀ ଧାମନଗର ବ୍ଲକର ୧୭ ଟି କେନ୍ଦ୍ରରେ ମୋଟ ୩୦୩୨ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ।୧୭ କେନ୍ଦ୍ର ମଧରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୦, ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗିରରେ ୧୩୫, ସେଣ୍ଡପୁର ହାଇସ୍କୁଲରେ ୧୮୯, ଖଡ଼ିପଦା ହାଇସ୍କୁଲରେ ୧୨୬, ଏସଏଜେ ହାଇସ୍କୁଲ ଦୋବଲରେ ୧୭୭, ପିବି ହାଇସ୍କୁଲ ଭଗବାନପୁରରେ ୧୫୬, ଇନ୍ଦ୍ରମଣି ହାଇସ୍କୁଲ ବିଶିଗଡ଼ିଆରେ ୧୮୦, ଇନ୍ଦ୍ର ଗୋବିନ୍ଦ ହାଇସ୍କୁଲରେ ୧୬୦, ବାପୁଜୀ ହାଇସ୍କୁଲ ମହାତବନଗରରେ ୨୬୬, ମୁରଲୀଧର ହାଇସ୍କୁଲ ଧୂଷୁରୀରେ ୧୫୯, ଧୂଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୫, ଗୋପବନ୍ଧୁ ନଗର ହାଇସ୍କୁଲ ହସନାବାଦରେ ୨୩୮, ନଦୀଗାଁ ହାଇସ୍କୁଲରେ ୧୬୪, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬, ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ ବନ୍ଧଟିଆରେ ୧୧୯, ସହିଦ ନଗର ହାଇସ୍କୁଲରେ ୨୪୦ ଏବଂ ଅସୁରାଳି ହାଇସ୍କୁଲରେ ୧୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି।ପରୀକ୍ଷା ପରିଚାଳନା ପାଇଁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଧୂଷୁରୀ ଏମ ଡ଼ି ହାଇସ୍କୁଲକୁ ନୋଡାଲ ସେଣ୍ଟର ମନୋନୀତ କରାଯାଇଛି।।ପରୀକ୍ଷା ଦିନ ସକାଳୁ ନୋଡ଼ାଲ ସେଣ୍ଟରରୁ ପୁଲିସ ସୁରକ୍ଷା ମାଧମରେ ପ୍ରତି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଜଣାଯାଇଛି।

## କୃଷି ବିଭାଗ, ଯୋଗାଣ ବିଭାଗର ମିଳିତ ଚଢ଼ାଉ ଧାନ ସହ ସାର ଜବତ



**ନବରଂଗପୁର/ରାଇଘର,୧୭।୨ (ସଂଚାର ବ୍ୟୁରୋ):** ରାଇଘର ବ୍ଲକ ହାଟଭରଣ୍ଡି ପଞ୍ଚାୟତର ଝଟିଆରପାରା ଗ୍ରାମରେ ଜଣେ ବ୍ୟବସାୟୀ ଙ୍କ ଗୋଦାମରୁ ବିପୁଳ ପରିମାଣ ର ଧାନ ସହ ସାର ଜବତ ହୋଇଥିବା ଦେଖିବାକୁ ମିଳିଛି।ପ୍ରାପ୍ତ ସୂଚନା ଅନୁଯାୟୀ ଝଟିଆରପାରା ଗ୍ରାମର ଗୋବିନ୍ଦ ସାହୁ ନାମକ ବେପାରୀ ନିଜ ଗୋଦାମ ରେ ଚାଷୀ ଙ୍କ ଠାରୁ ବେଆଇନ ଧାନ କିଣି ନିଜ ଗୋଦାମରେ ରଖିଥିବା ଖବର ପାଇ ଯୋଗାଣ ବିଭାଗ ଏବଂ କୃଷି ବିଭାଗ ମିଳିତ ଚଢ଼ାଉ କରି ପ୍ରାୟ ହଜାର ବସ୍ତା ଧାନ ସହ ୪୦୦ ବସ୍ତା ରୁ ଊର୍ଦ୍ଧ୍ୱ ସାର ଜବତ କରିଛି।ଏହି ଚଢ଼ାଉ ସମୟରେ ଯୋଗାଣ ବିଭାଗ ଏ ସି ଏସ ଓ ଗାୟତ୍ରୀ ପଟନାୟକ, ମାଜିଷ୍ଟ୍ରେଟ ରାଇଘର ଏଡିସନାଲ ତହସିଲଦାର ମୌସୁମୀ ସଜ୍ଜନ, କୃଷି ବିଭାଗ ର ଏ ଡି ଓ ନିହାର ନାୟକ, ଏ ଏ ଓ ଗୀତାଞ୍ଜଳି ବୋରିଆ, ଏ ଓ ଆଲୋକ ସାମଲ, ତାପସ ସାମଲ, ଭି ଏ ଡବ୍ଲୁ ଦୁର୍ଗେଶ ମାରକମ, ଦୁଃଖେନ୍ଦ୍ର ମାଝୀ, ଜହର ଲାଲ ସୋରି, ନଳିନୀ କାନ୍ତ ପାଢ଼ୀ ଉପସ୍ଥିତ ଥିଲେ।

## ପାଞ୍ଚ ଜଣଙ୍କ ଘରୁ ଚୋରି ଅଭିଯୋଗ

● ତାଲା ଭାଙ୍ଗି ଲୁଟିନେଲେ ଟଙ୍କା ଓ ସୁନା ଗହଣା

**ବାରିପଦା,୧୭।୨(ସଂଚାର ବ୍ୟୁରୋ):** ଗୋଟିଏ ରାତ୍ରୀରେ ପାଞ୍ଚ ଜଣଙ୍କ ଘରୁ ଲୁଟ ହୋଇଛି ଟଙ୍କା ଓ ସୁନା ଗହଣା। ଏହିଭଳି ଘଟଣା ଘଟିଅଛି ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମୂଷାମାରୀ ଓ ରାମଚନ୍ଦ୍ରପୁର ଗ୍ରାମରେ। ତେବେ ଏହି ଘଟଣା ଘଟିଅଛି ଥାନା ଠାରୁ ପାଖା ପାଖି ଦେଢ଼ କିଲୋମିଟର ଦୂରରେ। ମୂଷାମାରୀ ଗ୍ରାମର ଖଗେନ୍ଦ୍ର ତରେଇ ଙ୍କ ଘରୁ ଦୁଇ ଲକ୍ଷ ଟଙ୍କାର ସୁନା ଗହଣା ସମେତ ନଅ ହଜାର ଟଙ୍କା, ଶମ୍ଭୁନାଥ ତରେଇ ଙ୍କ ଘରୁ ସୁନା ଗହଣା ଓ ଟଙ୍କା, ସନ୍ତୋଷ ସାହୁ ଙ୍କ ଘରୁ ଦଶ ହଜାର ଟଙ୍କା, ଗୌରହରି ମେଡ଼ିସିନ ଦୋକାନ ରୁ ଏକ ଲକ୍ଷ ଷାଠିଏ ହଜାର ଟଙ୍କା ଏବଂ ରାମଚନ୍ଦ୍ରପୁର ଗ୍ରାମର ବଳରାମ ସାହୁ ଙ୍କ ଘରୁ ଏକ ଲକ୍ଷ କୋଡିଏ ହଜାର ଟଙ୍କା ସମେତ ସୁନା ଗହଣା ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଅଛି। ଏ ସମସ୍ତ ପରିବାର ଲୋକେ ପାଖ ରେ ହେଉଥିବା ଜାଗର ମେଳା ଦେଖିବାକୁ ରାତ୍ରୀର ଯାଇଥିବା ବେଳେ ଚୋରମାନେ ଏହାର ସୁଯୋଗ ନେଇ ଅନାୟସରେ ଚୋରିକରି ଫେରାର ହେବାରେ ସକ୍ଷମ ହୋଇଛନ୍ତି। ରସଗୋବିନ୍ଦପୁର ଥାନା ପୋଲିସ ଘଟଣା ସ୍ଥଳରେ ପୋହଁଚି ସି ସି ଟିଭି ଫୁଟେଜ କୁ ଆଧାର କରି ତଦନ୍ତ ଜାରି ରଖିଅଛି।

## ଜୟପାଟଣାକୁ ନୂତନ ଏନ୍‌ଏସି ଘୋଷଣା ପରେ ଚୌକି ହାସଲ ପାଇଁ ତିନି ଦଳର ଜୋରଦାର୍ ପ୍ରସ୍ତୁତି ଆରମ୍ଭ




**କଳାହାଣ୍ଡି,୧୭।୨(ସଂଚାର ବ୍ୟୁରୋ):** ଜୟପାଟଣା କୁ ଏନ୍‌ଏସି ଘୋଷଣା ହେବା ପରେ ମତ ଦାତା ଙ୍କ ମଧରେ ଉତ୍ସୁକତା ବଢ଼ିବାରେ ଲାଗିଛି। ସାଧୀନତା ର ପରବର୍ତ୍ତୀ ଅବସ୍ଥାରେ ସତୁରୀ ବର୍ଷ ଧରି ଅନେକ କାହାଣୀର ମୁକସାକ୍ଷୀ ବନିଥିବା ଜୟପାଟଣା ପଞ୍ଚାୟତର ଏବେ କଳେବର ପରିବର୍ତ୍ତନ ହେବ। ଅନେକ ବର୍ଷ ଧରି ଏନ୍‌ଏସି ହେବାର ସମସ୍ତ ସମ୍ଭାବନା ତିଆରି କରିଥିବା ଜୟପାଟଣା ସହରକୁ ପାତର ଅନ୍ତର ମଧକୁ ଠେଲି ଦେବା ସତ୍ତ୍ୱେ ପରି ଶେଷରେ ସାଂପ୍ରତିକ ଘୋଷଣା ଅଞ୍ଚଳ ପାଇଁ ଏକ ଖୁସିର ଲହରୀ ଆଣି ଦେଇଛି। ବିଭିନ୍ନ ନିର୍ବାଚନ ସମୟରେ ଜୟପାଟଣା ସହରର ଭୋଟ ବିଜେପିର ସପକ୍ଷରେ ଯାଉଥିବା ବେଳ ନୂତନ ଏନ୍‌ଏସି କୁ ଦଖଲ କରିବା ପାଇଁ ସମସ୍ତ କର୍ମୀ ଅଣ୍ଟା ଭିଡ଼ି ଥିବା ସୂଚନା ମିଳିଛି। ଜୟପାଟଣା ଏନ୍‌ଏସି ସୀମାକୁ ୧୫ଟି ୱାର୍ଡ ରେ ବିଭକ୍ତ କରାଯାଇ ଥିବା ବେଳେ ପାଞ୍ଚ ଟି ୱାର୍ଡ ସାଧାରଣ ବର୍ଗ, ଚାରିଟି ସାଧାରଣ ବର୍ଗ ମହିଳା, ଚାରିଟି ଅନୁସୂଚିତ ଜନ ଜାତି, ଓ ଦୁଇଟି ଅନୁସୂଚିତ ଜାତି ପାଇଁ ଉଦ୍ଦିଷ୍ଟ ରହିଥିବା ସୂଚନା ମିଳୁଛି। ଅଧକ୍ଷ ପଦ ଚିଠା ବର୍ତ୍ତମାନ ସୁଦ୍ଧା ପ୍ରକାଶ ପାଇ ନ ଥିବା ନିର୍ବାହୀ ଅଧିକାରୀ ତଥା ବିଡିଓ ଜୟପାଟଣା ପ୍ରକାଶ କରିଛନ୍ତି। ଗୁରୁବାର ଜୟପାଟଣା ପି ଆର ପାଲେସ ରେ ଆୟୋଜିତ ସାଂଗଠାନିକ ବୈଠକ ରେ ସମ୍ଭାବ୍ୟ ନିର୍ବାଚନ କୁ ଆଖି ଆଗରେ ରଖି ବୁଥ କମିଟି ପର୍ଯ୍ୟନ୍ତ ପୂର୍ଣାଙ୍ଗ କରିସାରିଥିବା ସଂଗଠନ ରୁ ପ୍ରକାଶୟ ଯେ କୌଣସି ମୁହୂର୍ତ୍ତ ରେ ନିର୍ବାଚନ କୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି ସମସ୍ତେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୁନର୍ବାର ଏହି ସାଂଗଠାନିକ ସଭାରେ ଜୟପାଟଣା ବ୍ଲକ କୁ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ରେ ଅନ୍ତର୍ଭୁକ୍ତ କରି ଭୌଗୋଳିକ ପ୍ରତିବନ୍ଧକ ମଧକୁ ଟାଣି ଦେଇ ଥିବାରୁ ଏବେ ବିଧାନ ସଭା ପୁନର୍ଗଠନ ପାଇଁ ଏକ ଅନୁକୂଳ ବାତାବରଣ ରହିଥିବା ବେଳେ ଜୟପାଟଣା ର ଭୌଗୋଳିକ ପରିସୀମା କୁ ବିଚାର କରି ଏକ ନୂତନ ବିଧାନ ସଭା କେନ୍ଦ୍ର ଘୋଷଣା ପାଇଁ ଦାବୀ ଉଠି ଥିଲା।

## ଦୁଇ ବାଇକ ମୁହାଁମୁହିଁ, ୨ ଗୁରୁତର

**ନୀଳଗିରି,୧୭।୨(ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ଦୁଇ ବାଇକ୍ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଗୁରୁତର ହୋଇ ପଡ଼ିଥିବା ବେଳେ ଜଣେ ବାଇକ ଆରୋହୀ ସ୍ୱାସ୍ଥବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ନୀଳଗିରି ବ୍ଲକ ଜଡ଼ିଡା ପଞ୍ଚାୟତ ଡେଙ୍ଗାସାହି ଗ୍ରାମର ରବୀନ୍ଦ୍ର ସିଂ ଙ୍କ ପୁଅ ପାଣ୍ଡୁ ଓରଫ ରାମଚନ୍ଦ୍ର ସିଂ (୨୧) ନୀଳଗିରି ରୁ ମିତ୍ରପୁର ପୂର୍ତ୍ତ ବିଭାଗ ରାସ୍ତା ରେ ନୀଳଗିରି ଥାନା ନିକଟ ରେ ଏକ ପଲସର ବାଇକ ଯୋଗେ ଯାଉଥିବାବେଳେ ନୀଳଗିରି ଅଞ୍ଚଳରେ ରହୁଥିବା ଚନ୍ଦନ ପତିଙ୍କ ପୁଅ ଆୟୁଷ କୁମାର ପତି (୧୪)ଏକ ସ୍କୁଟି ରେ ନୀଳଗିରି ଡେଲି ପରିବା ମାର୍କେଟ ରୁ ପରିବା କିଣି ସାରି ଘରକୁ ଫେରୁଥୁବା ବେଳେ ଗତକାଲି ସୋମବାର ଦିବା ୮ ଘଟିକା ସମୟରେ ନୀଳଗିରି ଥାନା ସାମ୍ନାରେ ଉଭୟ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ ଆରୋହୀ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ରାମଚନ୍ଦ୍ରଙ୍କର ବାମ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଆୟୁଷଙ୍କର ମୁଣ୍ଡରେ ଶକ୍ତ ଧକ୍କା ହୋଇ ପାଟି ଓ ନାକ ରୁ ରକ୍ତଶ୍ରାବ ହୋଇଥିଲା। ଉଭୟ ଗୁରୁତରଙ୍କୁ ପ୍ରଥମେ ନୀଳଗିରି ମେଡ଼ିକାଲରେ ଭର୍ତି କରାଯାଇଥିବା ବେଳେ ଆୟୁଷ ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିଲା।

### ପାତାଳେଶ୍ୱର ମନ୍ଦିରରେ ଜାଗର ଉତ୍ସବ ପାଳିତ

## ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମନ୍ଦିରରେ କଲେ ପୂଜା ଅର୍ଚ୍ଚନା



**ବାରିପଦା,୧୭।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ତକତପୁର ସ୍ଥିତ ପାତାଳେଶ୍ୱର ମହାଦେବ ପରିସରରେ ୩୯ ତମ ମହାଶିବରାତ୍ରି ଅବସରରେ ଜାଗର ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ଅଂଚଳ ସମେତ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସହସ୍ରାଧିକ ଭକ୍ତ ଜାଗର ଦୀପ ଜାଳି ନିଜ ପରିବାର ପାଇଁ ଶୁଭ ମନାସି ଥିଲେ । ଜାଗର ଅବସରରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମନ୍ଦିରକୁ ଯାଇ ବାବାଙ୍କ ନିକଟରେ ପୂଜା ଅର୍ଚ୍ଚନା କରିବା ସହ ଉତ୍ସବ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ହୋଇଥିବା ଚିତ୍ରାଙ୍କନ, ଗଣିତ କଷା, ମ୍ୟୁଜିକ ଚେୟାର, ନୃତ୍ୟ, ସଂଗୀତ ଏବଂ ମା ମାଉସୀଙ୍କ ମଧରେ ଶଙ୍ଖଫୁଙ୍କା ପ୍ରତିଯୋଗିତା କରାଯାଇ ସନ୍ଧ୍ୟାରେ ତାଙ୍କ କରକୋମଳରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ସୋମନାଥ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ କବି ବିଷ୍ଣୁ ଶତପଥି ଓ ପି ଆର ଏମ ମେଡିକାଲ କଲେଜର ସହ ପ୍ରାଧାପିକା ଡଃ ସୁମିତ୍ରା ସୋରେନ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ସମସ୍ତଙ୍କର ଶୁଭ ମନାସି ଥିଲେ । ଅନ୍ୟ ମାନଙ୍କ ମଧରେ ପୂଜକ ଶ୍ରୀନିବାସ ପ୍ରସାଦ, ସାଧାରଣ ସମ୍ପାଦକ ବଳରାମ ନାଥ, ଉପ ସଭାପତି ଡଃ ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧକ୍ଷ ସୁସ୍ମିତା ପ୍ରସାଦ, ସହ କୋଷାଧକ୍ଷ ଅମ୍ବିକା ମହାନ୍ତ, ମହିଳା ସମ୍ପାଦିକା ଛବିରାଣୀ ଧଳ ତଥା ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଚିତ୍ତରଞ୍ଜନ ସ୍ୱାଇଁ, ଅଟଳ କୁମାର ମହାନ୍ତ, ସଂଯୁକ୍ତା ରାଣୀ ସୁର ତଥା ସାମ୍ବାଦିକ ସୁକାନ୍ତ ଜୀଉ, ଗୌର ଦାସ ଗିରି, ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦୀପ ଜାଳୁଥିବା ଭକ୍ତ ମାନଙ୍କୁ ଆଧାତ୍ମିକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧମରେ ଉପହାର ପ୍ରଦାନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । ଏ ସମସ୍ତ ପରିଚାଳନାରେ ବାରିପଦା ମହାବିଦ୍ୟାଳୟର ରେଡକ୍ରସ ଛାତ୍ରଛାତ୍ରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ ।

# ଯୁବକର ଯନ୍ତ୍ରଣା



ସତ୍ୟନାରାୟଣ ପ୍ରଧାନ

ଗାଁର ମଦ୍ୟପ ସ୍ୱାମୀଟିଏ ସବୁଦିନ ନିଶାସକ୍ତ ଅବସ୍ଥାରେ ତା ସ୍ତ୍ରୀକୁ ମାରଧର କରେ। ସେ ଗୋଟେ ପିଲାର ମାଆ ବାହାଘର ଏତେ ବର୍ଷ ବିତିଗଲା ପରେ ବି କୋଳଶୂନ୍ୟ ହେବାକୁ ପଡିଥିଲା। ପରିବାରରେ ଆଗାମୀ ଭବିଷ୍ୟତର ସନ୍ତାନ କେହି ରହିବେନି ବୋଲି ତା ସ୍ୱାମୀର ଯାହା ଇଚ୍ଛା ହୁଏ ତାହା କରେ। ଦେହ ଖରାପ ହେଲା ପରେ ଅଭିମାନ କରି ନିଶା କେବେ ଛାଡୁ ନ ଥିଲା। ସ୍ତ୍ରୀ ଲୋକଟି ସ୍ୱାମୀଙ୍କ ଜୀବନ ବଞ୍ଚାଇବା ନିଜର କର୍ତ୍ତବ୍ୟ ବୋଲି ଭାବି ନେଇଥିଲା। ସେ ନିଜ ସ୍ୱାମୀଙ୍କ ଅକ୍ଷମତା ଯୋଗୁଁ ପିଲାର ମାଆ ହୋଇପାରୁ ନାହିଁ ବୋଲି ସମାଜ ଆଗରେ କହି ପାରୁ ନ ଥିଲା। ସେ ନିଜର ସ୍ୱାମୀଙ୍କୁ ମଧ ତାଙ୍କର ବାପା ହେବାରେ ଅସୁବିଧା ଅଛି ବୋଲି ଜଣାଇ ତାଙ୍କର ମନରେ ଦୁଃଖ ଦେବାକୁ ଇଚ୍ଛା କରି ନ ଥିଲା।

ସେଇ ଗାଁରେ ଥିବା ଜଣେ ଯୁବକର ବାପା ଘର ଛାଡ଼ି ଅନ୍ୟତ୍ର ସଂସାର କରିବାର ଅନେକ ବର୍ଷ ବିତି ଯାଇଥିଲା। ବାପାଙ୍କ ମାଆ ତାର ନିନ୍ଦା ଅପବାଦ ସହି ନ ପାରି ଆତ୍ମହତ୍ୟା କରିବାକୁ ବାଛି ନେଇଥିଲା। ସେଥିପାଇଁ ତାକୁ ଅନ୍ତରରୁ କେହି ଭଲ ପାଉ ନ ଥିଲେ। ସୁଖ ହେଉ କି ଦୁଃଖରେ ତାକୁ ଗାଁ ପୁଅ ବୋଲି କେହି ଭାବି ପାରୁ ନ ଥିଲେ। କେଉଁ ପରିସ୍ଥିତିରେ ଏପରି ଘଟିଲା କେହି ଜାଣିବାକୁ ମନେ କରି ନ ଥିଲେ। ଗାଁ ଲୋକମାନଙ୍କ ପ୍ରତି ତାର ଯଥେଷ୍ଟ ସମ୍ମାନ ଥିଲା। ରାସ୍ତା ଘାଟରେ କେହି ତାକୁ ଦେଖିଲେ ଖୁସିରେ ଦୁଇ ପଦ କଥା ଦୂରର କଥା ମୁହଁ ବୁଲାଇ ଚାଲି ଯାଉଥିଲେ। ସେ କିଛି ନ କରି ସମାଜ ଆଗରେ ଅନେକ ଦୋଷର ବୋଝ ମୁଣ୍ଡାଇ ଜୀବନର ବାଟ ଏକା ଚାଲୁଥିଲା। ସେ ନିଜର ପେଟ ପୋଷିବା ଲାଗି ଦୋକାନ ମାନଙ୍କରେ ବୋଲହାକ କରି ତାର ସୁଖେ ଦୁଃଖେ ଚଳି ଯାଉଥିଲା। ଗାଁରେ ଯିବା କରିବା ଭିତରେ ସେଇ ସ୍ତ୍ରୀ ଲୋକଟି ମାଡ଼ ଗାଳି ଖାଉ ଥିବାର ଦେଖି ଗୋଟେ ମଣିଷ ହିସାବରେ ବୁଝା ସୁଝା କରିବାକୁ ଆଗେଇ ଆସିଥିଲା। ତା ହାବୁଡ଼ରେ ଏପରି ଅନ୍ୟ କେଉଁଠି ହେଉ ଥିବାର ଦେଖିଲେ ତାର ପ୍ରତିବାଦ କରିବାକୁ ସେ ପଛାଏ ନାହିଁ। ଯିବା ଆସିବା ଦେଖା ଚାହାଁ ଭିତରେ ସ୍ତ୍ରୀ ଲୋକଟି ସ୍ୱାମୀଙ୍କ ବିଷୟରେ ତାକୁ ସବୁ ଗୋଟି ଗୋଟି କରି କହିଲା। ସେ ଯୁବକ ଜଣଙ୍କୁ ମୁହଁ ଖୋଲି କହି ନ ପାରିଲେ ବି ସ୍ୱାମୀଙ୍କ ଜୀବନ ଲାଗି ସବୁ କିଛି କରିବାକୁ ପ୍ରସ୍ତୁତ ବୋଲି ଆଖିରୁ ବହି ଯାଉଥିବା ଲୁହକୁ ପୋଛି କହୁଥିଲା।

ଯୁବକ ଜଣଙ୍କ ତାଙ୍କ କୋଳରେ ପିଲାଟିଏ ଜନ୍ମ ନ ହେଲେ ସ୍ୱାମୀ ତାଙ୍କର ନିଶ୍ଚୟ ଦିନେ ଜୀବନ ହରାଇବେ ଜାଣି ପାରିଥିଲା। ଏମେତି କିଛି ନ କରି ତ ସେ ସମାଜ ଆଗରେ ଦୋଷୀ ଆଉ ନଷ୍ଟ ଚରିତ୍ରା ଏ ଦୁନିଆ ତାକୁ ଆଗରୁ ଗ୍ରହଣ କରୁ ନ ଥିଲା ଏବେ ଖରାପ ବୋଲି କହୁ କିଛି ଯା ଆସେ ନାହିଁ କିନ୍ତୁ ତା ଆଗରୁ ପୁଣ୍ୟ କରିବାର ସୁଯୋଗକୁ ହାତଛଡା କରିବା ପାଇଁ ଚାହିଁ ନ ଥିଲା। ଉଜୁଡି ଯାଉଥିବା ସଂସାରକୁ କୂଳରେ ଲଗାଇବା ପାଇଁ ଗୋଟେ ଦିନ ହେଉ ପଛେ ମିଛ ସ୍ୱାମୀର ଅଭିନୟର କରି ଯଦି ତ୍ରୁଟି ହୋଇ ଯାଇଥାଏ ତା ହେଲେ କ୍ଷମା କରିଦେବ ବୋଲି ଈଶ୍ୱରଙ୍କୁ ଡାକୁଥିଲା। ଯୁବକ ଜଣଙ୍କ ସେ ସମ୍ପର୍କ ପବିତ୍ର ପାପ ବୋଲି ତା ଭାବନା ରାଜ୍ୟକୁ ଚାଲି ଆସୁଥିଲା। ଜନ୍ମ ହେବାକୁ ଥିବା ପିଲାଟି ବାପାର ପରିଚୟରେ କିଛି ଅସୁବିଧା ହେବା ଆଗରୁ ସେ ଗାଁ ଛାଡ଼ି ସବୁଦିନ ଲାଗି କେଉଁଆଡେ ଚାଲି ଯାଇଥିଲା। ସ୍ୱାମୀ ଜଣଙ୍କ ସ୍ତ୍ରୀ କୋଳରେ ପିଲାଟି ଦେଖି ଭଲ ମଣିଷ ହେବାକୁ ଆପେ ବାଛି ନେଉଥିଲା।

**ଅଣ୍ଡିଆ, ଯାଜପୁର, ମୋବାଇଲ: ୯୧୭୮୩୧୩୬୪୪**

---





## ଆମ ପ୍ରେମ ହେଉ ଅମର ପ୍ରେମ

ପୁଷ୍ପଲତା ମିଶ୍ର

ପ୍ରଥମ ପ୍ରେମ ତ ହୁଅଇ ଅମର
ପ୍ରେମ ରେ ରହେ ବିଶ୍ୱାସ,
ଅଢେଇ ଅକ୍ଷର ପ୍ରେମ ହିଁ ଭାସ୍ୱର
ମିଳେ ଆତ୍ମାର ସନ୍ତୋଷ ।।
କାହା ପାଇଁ ପ୍ରେମ ଅନ୍ଧତ୍ୱ ବିଚାର
କାହା ପାଇଁ ଖେଳ ଘର ,
ପ୍ରେମ ରେ ମିଳଇ ସର ଗର ଧାମ
ପବିତ୍ର ହୁଏ ଆତ୍ମାର ।।
ସମ୍ପର୍କ ସୂତାରେ ବନ୍ଧା ଏ ଜୀବନ
ଜୋଚ୍ଛନା ର ପ୍ରୀତି ବନ,
ନୀଳ ଗଗନ ରେ ତୁମ ପ୍ରତି ଛବି
ଭିଜା ଏ ପ୍ରୀତି ସୁମନ ।।
ତୁମେ ମୋ ପ୍ରେମ ର ମନ ର ନାୟକ
ମୋ ଭାଗ୍ୟ ର କାଗଜ ରେ,
ତୁମ ନାମ ମୁହିଁ ଲେଖି ଥିଲି ହୃଦେ
ଜାଗ୍ରତ ହୁଏ ମନରେ ।।
ପ୍ରେମ ହିଁ ଅଜର ପ୍ରେମ ହିଁ ଅମର
ଅମୃତ ର ପାରାବାର,
ପ୍ରେମ ହିଁ ଜୀବନ୍ତ ପ୍ରେମ ହିଁ ଅନନ୍ତ
ପବିତ୍ର ପ୍ରେମ ବିଶ୍ୱର ।।
ଆମରି ପ୍ରେମ ତ ଅଟଇ ଅମର
ନୁହେଁ ସେହି ଖେଳ ଘର,
ଆମରି ପ୍ରେମ ରେ ମିଳଇ ସରଗ
ପବିତ୍ର ହୁଏ ଆତ୍ମା ର ।।

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୨୯୪୬୫୭**





## ହେ ସ୍ୱୟଂଭୂ

ସ୍ୱାଗତିକା ସାହୁ

ସମସ୍ତ କଳ୍ପାନ୍ତରେ ତୁମେ ହେ ସ୍ୱୟଂଭୂ
ସର୍ବତ୍ର ପରିବ୍ୟାପ୍ତ ତୁମେ
ଅଦିଶ୍ୱର ମହେଶ୍ୱର...!
ଶିବମୟ ଶିବମୟ ସମାଗ୍ରର ସଂସାର
ଶିବ ବିନା ଜଡ଼ ଏ ଜଗତ ଗତି...
ଚେତନା ଚୈତନ୍ୟର ଉଦୟ ଧାରା ସେ
ମସ୍ତକେ ଅର୍ଦ୍ଧଚନ୍ଦ୍ର ଶୋଭେ ...
ଜଟାରୁ ଗଙ୍ଗା ହେ ଗଙ୍ଗାଧର
ଭସ୍ମ ବିଲୋପି ତୁମେ ଭସ୍ମାବିଭୂଷିତା...!!
ଗଳାରେ ବାସୁକି...
ପୁଣି ହାତେ ଡ଼ମରୁ ତ୍ରିଶୂଳ ।
ପଞ୍ଚାକ୍ଷରି ମନ୍ତ୍ରରେ ଶିବମୟ ସଂସାର
ଫାଲଗୁନ ଚତୁର୍ଦ୍ଦଶୀ କୃଷ୍ଣପକ୍ଷରେ
ସଂସାର ପାଳେ ବିଶ୍ୱାସ ଭକ୍ତିରେ
ପ୍ରତି ପ୍ରହରେ ଶିବ ରାତ୍ରି....!
ପଳାଶ,ଦୂଦୁରା, ଅରଖ,ଗୟସ
ଉଲ୍ଲାସରେ ଲୋଟନ୍ତି ଚରଣେ
କେତକୀ ସାଜେ ପ୍ରିୟ ଶମ୍ଭୁନାଥଙ୍କ
ଅତି ଆପଣାର ଅନ୍ତରଙ୍ଗ....!
ଶୁଦ୍ଧମନେ ଉପବାସ ସହ ସମର୍ପେ
କରି ପ୍ରଜ୍ୱଳନ ଅଖଣ୍ଡ ଦୀପ
ରହି ଜାଗର ଦିବା ରାତ୍ରୀ...!
ପ୍ରତି ଶୈବ ପିଠେ ଭକ୍ତଙ୍କର ଭିଡ
ସମଗ୍ର ଜଗତ ସଜାଗ ତତ୍ପର ନେଇ ଶିବନାମ...
ମନ୍ଦିର ବେଢାରେ ରାତ୍ରିରେ ସର୍ବେ
ସମର୍ପି ନୈବେଦ୍ୟ ଆଉ ମହାଦୀପ
ମନାସାନ୍ତି ଜାଗାରେ ମନ ଦୀପ
ସଂସାର କଲ୍ୟାଣ ନିମନ୍ତେ କଲ ପାନ
ହଳାହଳ ବିଷ ଅକୁଣ୍ଠ ଚିତରେ...
ତେଣୁ ତ ବିହିଲ ନୀଳକଣ୍ଠ ନାମ
ଗାଥା ଅନ୍ଧାର ଉପରେ ଆଲୋକର ଜୟ...!!
ଅନ୍ତଃକରଣ, ସର୍ବ ବିକାର କର ଭସ୍ମ
ଉଦ୍ଧାର କର୍ତ୍ତବ୍ୟର ତାଡନା....
ହେ ସୃଷ୍ଟିକର୍ତ୍ତା ଭାଲ ନେତ୍ର
ତୁମେତ ପୂର୍ଣ୍ଣ,ଅପୂର୍ଣ୍ଣର ନିତ୍ୟ ନିର୍ଘୋଷ...!

**ଉମରକୋଟ, ନବରଙ୍ଗପୁର**



## ଏହି ମାଟି ମୋ ମାଆ

କବି ଭାରତୀ ବାସନ୍ତୀ ଲତା ଜେନା

ଯେଉଁ ଦେଶରେ ଗଙ୍ଗା ବହେ
ହିମାଳୟ ଯା ମୁକୁଟ ଶୋହେ
ମହୋଦଧି ଯା ଚରଣ ଧୁଏ
ସେହି ମାଟି ମୋ ମାଆ...
ମୁଁ ତାହାରି ଲାଗି ଜୀବନ ଦେଓ୍ୱି
ରଖିବି ତାର ନାଁ..
ଏହି ମାଟି ମୋ ମାଆ.... ।୦।
ସ୍ନେହ ଶରଧା ପ୍ରୀତି ଭାବନା ଦେଶ ଭକ୍ତିର ନାମ
ଯାହାର ଶସ୍ୟ ଜଳ ଶରୀରେ ଦେଖାଏ ସ୍ୱଚ୍ଛ କାମ
ସେହି ଦେଶ ମୋ ଜନମ ଭୂମି ପୂଣ୍ୟଭୂମି ମାଆ
ମୁଁ ତାହାରି ଲାଗି..... ।୧।
ତ୍ରିରଙ୍ଗା ଯାର ଦେଶ ଗୌରବ ସଂସ୍କୃତି ପରମ୍ପରା
ଐତିହ୍ୟ କଳା ସ୍ଥାପତ୍ୟ ପାଇଁ ହସେ ମନ୍ଦିର ଧରା
ସେହି ଦେଶ ମୋ ରତ୍ନ ଗର୍ଭା ଭାରତ ତାର ନାଁ
ମୁଁ ତାହାରି ଲାଗି ଜୀବନ.... ।୨।
ଯାହାର କୋଳେ ଜନମ ନେଲେ କୁନ୍ତି ସତୀ ତାରା
ସୀତା ଅହଲ୍ୟା ଦୁର୍ଗାବତୀ ଲକ୍ଷ୍ମୀ ବାଈ ମୀରା
ଗାନ୍ଧୀ ସୁଭାଷ ନେହରୁ ଜୟୀ ରଖିଲେ ଦେଶ ନାଁ
ମୁଁ ତାହାରି ଲାଗି ଜୀବନ... ।୩।
ଯାହାର କୋଳେ ଜନମ ନେଲେ ହିନ୍ଦୁ ବୌଦ୍ଧ ଜଇନ
ମୁସଲମାନ ପଞ୍ଜାବୀ ଭାଇ ଆଉ ଯେ ଖ୍ରୀଷ୍ଟିଆନ
ଜାତି ଧରମ ଭାଷା ବିବିଧ ଏକ ମାଆର ଛୁଆ
ମୁଁ ତାହାରି ଲାଗି ଜୀବନ..... ।୪।
ଯାହାର ଧୂଳି ବାଜିଲେ ଦେହେ ଲାଗେ ଚନ୍ଦନ ଭଳି
ଶସ୍ୟ ଶ୍ୟାମଳା ସବୁଜ କ୍ଷେତ କୁସୁମ ଭଳି ଭଳି
ପର୍ବତ ତରୁ ଲତା ଗହଳ ଶୀତଳ ବହେ ବାଆ
ମୁଁ ତାହାରି ଲାଗି ଜୀବନ.... ।୫।

**ଗାନ୍ଧୀନଗର, ନବରଙ୍ଗପୁର**



---



## ଋତୁରାଜ ବିଦଗ୍ଧ ବସନ୍ତ

ଡ. ଶୁଭେନ୍ଦୁ ମେହେର

ଋତୁଚକ୍ରର ଆବର୍ତ୍ତନେ
ମହୁଲି ମଳୟ ହୋଇଛି ଜୀବନ୍ତ ।
ଉତ୍ଫୁଲ୍ଲିତ ଶୀତର ଶୀର୍ଣ୍ଣତାକୁ ଡେଇଁ
ଧରା ପୃଷ୍ଠେ ଆସିଛି ବସନ୍ତ ......!!

ଜୀର୍ଣ୍ଣତା, ନିରସତା, ରୁକ୍ଷତାକୁ ତେଜି
ପୁଲକିତ ବସୁନ୍ଧରା
ପଲ୍ଲବିତ ତରୁଲତା
ଆମ୍ବ ବଉଳର ଆବେଗରେ ସମ୍ମୋହିତ ।
କଅଁଳ ଛନଛନ କୁଆଁରୀ ପତ୍ରଙ୍କ ଗହଳେ
ଅଳସ ଭାଙ୍ଗେ ପହିଲି ବସନ୍ତ ।।

ପ୍ରକୃତି ରାଣୀର ଆଜି
ଋତୁରାଜଙ୍କ ଆବାହନୀ ମନ୍ତ୍ର ।

କୋମଳ ବସନ୍ତର କମନୀୟ କାନ୍ତିରେ
ବିମୁଗ୍ଧ ପ୍ରାୟ ହଳଦୀ ବସନ୍ତ ।।

ସତେ,
ଯମୁନା କୁଳର କୁହୁକ ବଂଶୀ
ଗୋପ ଗୋପାଙ୍ଗନାଙ୍କ ବିରହ
ବସନ୍ତ ବିଜୟ ଗାଥା ।
ପଳାଶ, ସିମୁଳିର ରକ୍ତିମ ଆଭାରେ
ପ୍ରକୃତି କୋଳରେ ପ୍ରଣୟ ରାସ ।।
ଚୈତ୍ରର ଚଇତାଳିରେ ମା' ଆସିବେ ବୋଲି
ଧରଣୀ ରାଣୀର ଏ ଯୌବନ ବେଶ ।।

କୁଙ୍କୁମ, କଜ୍ୱଳ, ଅଳତାର ଧାରେ
ରଙ୍ଗ ରୋଷଣୀର ମୂର୍ଚ୍ଛନା ସୁରେ
ପ୍ରେୟସୀ ପାଲିଙ୍କିରେ ଶତ-ସୁମନର ସମ୍ଭାରେ ।
ପ୍ରେମ ପ୍ରଣୟରେ ଉନ୍ମତ୍ତ
ସ୍ନିଗ୍ଧତା ସବୁଜିମାରେ ବିଚିତ୍ରବର୍ଣ୍ଣା ବସନ୍ତ
ଅବିରର ସାତ ରଙ୍ଗେ ଆମନ୍ତ୍ରଣ କରେ।

ବିଦଗ୍ଧ ବସନ୍ତ......!
ରସିକ ମନକୁ ବିମୋହିତ କରେ
ରଜନୀ ରାଣୀର ସଂଭୋଗ ଆଶେ ।
ଅପୂର୍ବ ମଞ୍ଜୁଳ କାନ୍ତି
ମଧୁ ଗୁଞ୍ଜରଣେ କାକଳି ଭାଷେ ।।
ଦଲକାଏ ପବନରେ ଦୋହଲି ଯାଉଛି
ଋତୁରାଜ ବସନ୍ତ ।
ଦେଖ,
ଆମ୍ବ ବଉଳର ସନ୍ଧିରୁ କୋଇଲି ଗାଉଛି
ପ୍ରୀତି ପ୍ରଣୟର ମଧୁର ସଙ୍ଗୀତ ।
ଯାହା ପ୍ରକୃତିକୁ କରେ ବିମୋହିତ ।
ସିଏ ତ ଋତୁରାଜ ବିଦଗ୍ଧ ବସନ୍ତ ।।।

**ଯାଲୋଏ, ସୁବର୍ଣ୍ଣପୁର**
**ମୋ-୯୯୩୮୪୩୩୬୬୪**



## ମୋ ମାତୃଭାଷା ମୋ ଜୀବନ

ଡଃ ତାନଶ୍ରୀ ପାଣିଗ୍ରାହୀ

ମାଆର ମୁଖରୁ ଶୁଣିଲି ପ୍ରଥମେ
ମଧୁବୋଲା ଯେଉଁ ଭାଷା
ସବୁଠୁ ମଧୁର ଅମୃତ ନିର୍ଝର
ତାହା ହିଁ ମୋ ମାତୃଭାଷା...

ଓଡ଼ିଆ ଭାଷାରୁ ମଧୁ ବର୍ଣ୍ଣବୋଧ
ପ୍ରଥମେ କଲି ପଠନ
ଓଡ଼ିଆଣୀ ବୋଲି ଗରବେ କରିବି
ମୋ ମାଟିର ଜୟଗାନ...

ଉତ୍କୃଷ୍ଟ କଳାର ରାଇଜ ଆମର
ଆମ ପ୍ରଭୁ ଜଗନ୍ନାଥ
ସାରା ବିଶ୍ୱରେ ଶ୍ରେଷ୍ଠ ଗ୍ରନ୍ଥ ଆମ
ଗୀତା ଆଉ ଭାଗବତ...

ଓଡ଼ିଆ ଭାଷା ମୋ ଜାତି ପରିଚୟ
ପାଇଛି ଶାସ୍ତ୍ରୀୟ ମାନ୍ୟ
ଆମ ମାତୃଭାଷା ଆମ ସାହିତ୍ୟ
ଜୀବନ ପ୍ରାଣ ସ୍ପନ୍ଦନ...

ଆମ ସଂସ୍କାର ଆମ ସଂସ୍କୃତି
ସବୁଠୁ ଅଟେ ମହାନ
ଆମ ମାତୃଭାଷା ଗର୍ବ ଓ ଗୌରବ
ଆମ ଜାତି ସ୍ୱାଭିମାନ...

ମାଆ ମାତୃଭାଷା ଜନ୍ମଭୂମି ମୋର
ସ୍ୱର୍ଗଠାରୁ ଗରୀୟସୀ
ସ୍ନେହ ଶ୍ରଦ୍ଧା ପ୍ରେମେ ସେବିବି ମୁଁ ନିତି
ମାଟିରେ ମୁଁ ଯିବି ମିଶି ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍:୯୩୩୭୩୦୪୨୯୫**



## ଲୁହ କହିଦିଏ ମନର କଥା

ନିବେଦିତା ପଣ୍ଡା

ଲୁହ କହିଦିଏ ମନ କଥା ସବୁ
ବହିଯାଏ ନିରବରେ,
ବୁଝିବା ଲୋକଟି ବୁଝିଥାଏ ନିଶ୍ଚେ
ଯାହାଥାଏ ହୃଦୟରେ।
ମନର ବେଦନା ହୃଦୟ ଯାନ୍ତନା
ଲୁହ ହୋଇ ଝରିଥାଏ,
ଅମାନିଆ ସେହି ଅଶ୍ରୁ ପ୍ଲାବନ
ଅଜାଣତେ ଆସିଯାଏ।
ଲାଗଇ ହାଲୁକା ଦୂର ହୁଏ ଥକା
ଆଖି ଲୁହ ମାଧ୍ୟମରେ,
ନୂଆ ସମ୍ଭାବନା ନୂତନ ଭାବନା
ବସା ବାନ୍ଧଇ ମନରେ।
ଆପଣାର କେହି ଯଦି ମିଳି ଥାଇ
ସେତେବେଳେ ଲୁହ ଆସେ,
କିମ୍ବା ଏକାନ୍ତରେ ଦୁଃଖ ମୁହୂର୍ତ୍ତରେ
ଲୁହର ଲହରୀ ଭାସେ।
ଅକୁହା କୋହର ଅବ୍ୟକ୍ତ ଭାବର
ଲୁହ ଏକା ମୁକସାକ୍ଷୀ,
କେବେ ବିରହରେ କେବେ ଆନନ୍ଦରେ
ଆସିଯାଏ ଭାବ ଦେଖି।
ସବୁ ପରେ ଲୁହ ବଞ୍ଚିବା ମାଧ୍ୟମ
ସନ୍ତୁଳନ ଜୀବନର,
ଭୂମିକା ତାହାର ଗୁରୁତ୍ୱ ବ୍ୟାପାର
ହୋଇ ରହେ ନିରନ୍ତର।
ଲୁହର ଶ୍ରାବଣେ ଭିଜିଗଲା ପରେ
ମିଳେ ଅସରନ୍ତି ତୃପ୍ତି,
ମମତା ପାଖରେ ଜିତିହୁଏ ନାହିଁ
ହାରିବାରେ ଥାଏ ଶାନ୍ତି।
ପ୍ରୀତିର ଫଗୁଣ ନ ଥାଉ ପଛକେ
ଧାରେ ଲୁହ ଆଣେ ଖୁସି,
ଅମା ଅନ୍ଧକାରେ ଜୋଛନାର ସ୍ପର୍ଶ
ଅନୁଭବି ପାଇଁ ବେଶୀ।

**ରାଉରକେଲା**



## ମୋହନ ବଂଶୀ

ଅନୁପମା ବିଶ୍ୱାଳ

ଗୋପୀ ମନୋହାରୀ ବ୍ରଜ ବିହାରୀ ହେ
ଗୋବିନ୍ଦ ଗୋପାଳ ହରି
ପ୍ରେମ ରସେ ମିଳି ଗୋପୀ ସହ ବୁଲି
ମନ ମୋହ ଗିରିଧାରୀ।

ଗୋପୀ ଗୋପାଳଙ୍କ ସାଥେ ଗୋରୁ
ନେଇ
ବୁଲି ଗହନ ବନରେ
ନନ୍ଦ ଯଶୋଦାଙ୍କ ଅନ୍ଧର ଲଉଡି
ମାୟା ରଚିଛ ଗୋପରେ।

କେଳି କୁଞ୍ଜବନେ ଥାଇ ଗୋପାଙ୍ଗନେ
ହେ ଶ୍ୟାମ କେତେ ସୁନ୍ଦର
ଯମୁନା କୂଳରେ କଦମ୍ବ ବନରେ
ପ୍ରଭୁ ରସିକ ନାଗର।
ବାଙ୍କ ଚାହାଣିରେ ଚାହିଁଦେଇ ପ୍ରଭୁ
କର ସଭିଙ୍କୁ ମୋହିତ
ଅଧର୍ମ ବିନାଶୀ ଧରମ ପରଷି
ରଖିଛ ଏହି ଜଗତ।

ମୋହନ ବଂଶୀ ଗୋ ଆହା ଯାଦୁ ସମ
ରାଇ ଙ୍କୁ କରିଛି ବାଇ
କର୍ଣ୍ଣରେ ପଡିଲେ ଧାଆଁନ୍ତି ସଅଳେ
ଅସରନ୍ତି ସୁଖ ପାଇ ।

କଦମ୍ବ ମୂଳିଆ ହେ ବାଙ୍କ ଚୂଳିଆ
ତ୍ରିଭଙ୍ଗୀ ଠାଣିକୁ ବହି
ବଇଁଶୀ ସୁରରେ ସାରା ଜଗତକୁ
ନିଅହେ ପ୍ରେମରେ ମୋହି।

ହେ ରାଧା ବଲ୍ଲଭ ହେ କୃଷ୍ଣ ମୁରାରି
ତୁମ ପାଦରେ ଶରଣ
ରଖିବ ଜଗତ ଯୋଡୁଅଛି ହାତ
ଆହେ ଦେବକୀ ନନ୍ଦନ।

ଯୁଗଳ ମୂର୍ତ୍ତିକୁ ଦେଖିଲେ ନୟନ
ହୁଏ ପାତକ ନାଶନ
ଦୟା କରିଥିବ ମୁରଲୀଧାରୀ ହେ
ପାତକ ହେବ ମୋଚନ।

**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**



## ସଂସାର ମଞ୍ଚ

ଡ. ଭାରତୀ ହୋତା

ରକମ ରକମ ମୁଖା ପିନ୍ଧି
ମୁଁ ଅଭିନୟ କରେ
ବିଭିନ୍ନ ଭୂମିକାରେ ।।
ମଞ୍ଚ ଅଭିନୟ ମୋର ପେଶା
ପ୍ରଥମରୁ ରାଜିନାମା ପଞ୍ଜୀକୃତ
ମୁକୁଳିବାର କୌଣସି ରାସ୍ତା ନ ଥାଏ ।।
ମୋ ଅଭିନୟର ଆତ୍ମଲିପି
ଅନେକ ଅକୁହା କଥା ବଖାଣେ
ମୁଁ ବୁଝି ପାରେ
ଯେତେବେଳେ ଆବେଗମାନେ ମୋତେ ରୁନ୍ଧି ପକାନ୍ତି
ଅଣ- ନିଶ୍ୱାସୀ କରନ୍ତି
ନିଜକୁ ନିଜେ ଆୟତ୍ତ କରି
ପୋଷା ଜନ୍ତୁଟିଏ କରିଦିଏ ।।
ବୁଝି ପାରେ
ଯେବେ ମୋ ଭିତରେ ଜମାଟ ବନ୍ଧା
କୁଢ଼ କୁଢ଼ ଘୃଣା ବ୍ୟତିବ୍ୟସ୍ତ କରନ୍ତି,
ମୋତେ ହିଁ ଛିଞ୍ଚାଡ଼ି ଫିଙ୍ଗିଦିଅନ୍ତି
ଧିରେ ଧିରେ ପରିତ୍ୟକ୍ତ ଆବର୍ଜନା ପରି
ଜୀବନ ବି ହୋଇଯାଏ ଗୋଟେ ଡଷ୍ଟବୀନ୍ ।।
ବୁଝିପାରେ
ଯେତେବେଳେ ମୋ ଭିତରେ ଥିବା ଲାଜ ମୁହଁ ଲୁଚାଏ
ମୁଁ ନିଜକୁ ଲୁଚାଏ, ମୁଖାର ଆଶ୍ରାନିଏ
ନିଜ କର୍ତ୍ତବ୍ୟରେ ଅବହେଳା କରେ
ମୋ ଆଚରଣ, ଉଚ୍ଚାରଣ ହୋଇଯାଏ ଅପରାଧି ପରି ।।

ମୁଁ ସେତେବେଳେ ବୁଝିଯାଏ
ଯେତେବେଳେ ମୋ ଭିତରେ ଥିବା ଧୃଷ୍ଟତାର ମଞ୍ଜି
ଅଙ୍କୁରି ଜୀବନ୍ୟାସ ପାଏ
ଆଉ ମୋ ନିଜ ସହ ଦଲାଲି କରେ
ଧିରେ ଧିରେ କିଣାବିକାର ଭାବ ବିନିମୟରେ
ନିଜ ଅଧିକାର ହରାଇବସେ
ମୋ ସ୍ୱପ୍ନ ବି ନୀଲାମ୍ ହୁଏ ।।
ଜାଣିପାରେ
ମୋ ଭିତରେ ବସା ବାନ୍ଧିଲାଣି ଅନେକ ବିରକ୍ତି
ସ୍ପୃହା ସବୁ ନିରୁଦ୍ଦିଷ୍ଟ
ହୃଦୟ ପ୍ରତିକ୍ରିୟାହୀନ
ମୁହୂର୍ତ୍ତ ସବୁ ଆଖି ଚୋରେଇଲେଣି
ସମୟ ବି ମୋ ସାମ୍ନାରେ ଠପ୍ପ ।।
ବିଭିନ୍ନ ଚରିତ୍ରରେ ଅଭିନୟ ମୋର ପେଶା
ନିଜେ ନିଜକୁ ହିଁ ଠକିବାରେ ସିଦ୍ଧହସ୍ତ..
ଜୀବନ ଅଭିନୟର ଏକ ଚଳନ୍ତା ଫିରନ୍ତା ମଞ୍ଚ
ମଞ୍ଚ ଭାଙ୍ଗି ପାରିବ କି
ନା ହୋଇଯିବ ମୋ' ପରି ପରିସ୍ଥିତିର ଅନ୍ଧ ଭକ୍ତ....

**ଖରିଆର ରୋଡ଼**
**ନୂଆପଡ଼ା**

# ଅଙ୍ଗନବାଡ଼ି ଚାଉଳ ଯୋଗାଇବାରେ ଅନିୟମିତତା!



**କୋରାପୁଟ,୧୭।୨ (ସଂଚାର ବ୍ୟୁରୋ):** ବୁଡ଼ି ଅଞ୍ଚଳ ଜମିର ଉଚିତ ପ୍ରାପ୍ୟ ପ୍ରଦାନ ନେଇ ଗ୍ରାମବାସୀଙ୍କ ଦାବି। ଦାବି ପୂରଣ ନହେଲେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଗୁହାରି କରିବୁ। ଏମିତି କିଛି ଦାବି କରି ଏକାଠି ହୋଇଛନ୍ତି ବୁଡ଼ି ଅଞ୍ଚଳବାସୀ। ଅତିରିକ୍ତ ଜିଲ୍ଲାପାଳଙ୍କୁ ନିଜ ଦାବିପତ୍ର କରିଛନ୍ତି। ୧୯୮୫ରେ କୋଲାବ ପାଇଁ ବିସ୍ଥାପିତ ହୋଇଥିଲା କୋରାପୁଟ ପଟ୍ଟପୁର ପଞ୍ଚାୟତର ବରଗୁଡ଼ା, କୋଟିଆଗୁଡ଼ା ଓ ଗୋପାଳପୁଟ ଗାଁ। ନଦୀର ପ୍ରବାହ ପାଇଁ ଗାଁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଜମି ବାବଦକୁ ଉଚିତ ପ୍ରାପ୍ୟ ମିଳିଲାନି। କମ୍ ଟଙ୍କା ମିଳିଥିବାରୁ ବୁଡ଼ି ଅଞ୍ଚଳବାସୀ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଉ ୨୦୧୪ରେ ଜମି ସର୍ଭେ କରି ଉଚିତ ମୂଲ୍ୟ ଦେବାକୁ ନିର୍ଦ୍ଦେଶ ଦେଲେ କୋର୍ଟ। ଏହି ନିର୍ଦ୍ଦେଶକୁ ୧୨ ବର୍ଷ ବିତିଲାଣି, ଆଜି ପର୍ଯ୍ୟନ୍ତ ବୁଡ଼ି ଅଞ୍ଚଳବାସୀଙ୍କୁ ତାଙ୍କ ସଠିକ ପାଉଣା ମିଳିପାରିନି। ଯାହାକୁ ନେଇ ଏକାଠି ହୋଇଛନ୍ତି କ୍ଷତିଗ୍ରସ୍ତ। ପୁଣି ଏକ ଲିଖିତ ନିବେଦନ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିଜ ଅଧିକାର ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବୁଡ଼ି ଅଞ୍ଚଳର ପ୍ରତ୍ୟେକଟି ଲୋକ। କିନ୍ତୁ ଆଜି ଯାଏଁ ନ୍ୟାୟ ମିଳିନି। ଏବେ ପୁଣି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି ଲୋକେ। ଅତିରିକ୍ତ ଜିଲ୍ଲାପାଳ ଭୂ-ଅର୍ଜନ ଅଧିକାରୀଙ୍କ ସହ ଆଲୋଚନା କଲା ପରେ ଖୁବଶୀଘ୍ର ସମାଧାନ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଆଗାମୀ ଦିନରେ ସମାଧାନର ବାଟ ନବାହାରିଲେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଗୁହାରି କରିବା ନେଇ କହିଛନ୍ତି ୩ ଖଣ୍ଡ ଗାଁର ଲୋକ। କୋଲାବ ପାଇଁ ନିଜ ବାସ ହରାଇଲେ। ଏବେ ନିଜ ଅଧିକାର ପାଇଁ ବାର ଦୁଆର ହେଉଛନ୍ତି। କେବେ ସରକାର ଏମାନଙ୍କ ଦୁଃଖ ବୁଝୁଛନ୍ତି ତାକୁ ହିଁ ଅପେକ୍ଷା।

## ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ବଲାଙ୍ଗିର,୧୭।୨ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ସ୍ଥାନୀୟ ପଞ୍ଚାୟତ ସମିତି ବୈଠକ ଗୃହ, ଖପ୍ରାଖୋଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରବ ଶିବାଜୀ ଇଙ୍ଗଲେ ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକ ଯଥା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଏହି ଶିବିରରେ ମୋଟ ୫୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୩୨ଟି ଏବଂ ସାମୂହିକ ୧୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୦୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଙ୍ଗଳା ଚଳଚ୍ଚିତ୍ର 'ଆଗୁନ୍'ରେ ଓଡ଼ିଆ ପୁଅ ଗୁଲଜାର୍

**ବାଲିପାଟଣା,୧୭।୨ (ସଂଚାର ବ୍ୟୁରୋ):** ଇତିମଧ୍ୟରେ ଏକାଧିକ କ୍ଷୁଦ୍ର ଓ ପ୍ରାମାଣିକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ସହ ଅଭିନୟ କରି ଜାତୀୟ ତଥା ଆନ୍ତର୍ଜାତୀୟ ପୁରସ୍କାର ସହ ଅନେକ ପୁରସ୍କାର ଲାଭ କରିପାରିଛନ୍ତି ନୂଆ ମଠ, ସାହେବ ନଗର, ବାଲିପାଟଣା ନିବାସୀ ପିତା ଶେଖ୍ ସିଦ୍ଦିକି ଓ ମାତା ଫାତମା ବିବିଙ୍କ ପୁଅ ଶେଖ୍ ଗୁଲଜାର୍ ହୁସେନ୍। ବଙ୍ଗଳା ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ୨୦୨୨ ମସିହାରେ ନିର୍ମିତ ବଙ୍ଗଳା ଚଳଚ୍ଚିତ୍ର 'ମୋମୋ ଦି ଗେମ୍ ଅଫ୍ ଡେଟଥ୍' ରେ ଅଭିନୟ ର ସୁଯୋଗ ପାଆନ୍ତି ଗୁଲଜାର ଯାହା ୨୦୨୩ ମସିହା ଫେବୃଆରୀ ୧୦ ତାରିଖରେ ସମଗ୍ର କୋଲକତା ରେ ମୁକ୍ତିଲାଭ କରିଥିଲା। ଏବେ ପୁଣିଥରେ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ଆଉ ଏକ ବଙ୍ଗଳା ଚଳଚ୍ଚିତ୍ର 'ଆଗୁନ୍' ରେ ଅଭିନୟ କରିଛନ୍ତି ଗୁଲଜାର୍। ଯାହାର ସୁଟିଂ ଚାଲୁ ରହିଛି। ଗୁଲଜାରଙ୍କ ଅଭିନିତ ଏହା ଦିତ୍ୱୀୟ ବଙ୍ଗଳା ଚଳଚ୍ଚିତ୍ର। ଏଥିରେ ବିଭିନ୍ନ ଭୂମିକାରେ ଅଛନ୍ତି ସାନ୍ତୁ, ସିଷ୍ଟି ବିଶ୍ୱାସ, ମୋନୋଜିତ ବୋରାଲ, ଶେଖ୍ ଗୁଲଜାର୍ ହୁସେନ୍, ଅନସୂୟା ସାମନ୍ତ, ରୂପା ମହାପାତ୍ରା, ଦେବଜିତ ପାଣ୍ଡା, ରିସଭ ସରକାର, ଅଙ୍କିତ ମହାପାତ୍ରା, ଆହୁରି ଅନେକ ବଙ୍ଗୀୟ କଳାକାର।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବଲାଙ୍ଗିର,୧୭।୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଯୁକ୍ତତିନି ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଆତ୍ମସୁରକ୍ଷା ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଓ ମାଷ୍ଟର ଟ୍ରେନର ସୁଶ୍ରୀ ମାଧବୀ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରି ନାରୀର ସାମୁହିକ ବିକାଶରେ ଆତ୍ମସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସଭାକୁ ଅଧାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରିଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନୀତ କରାଯାଇଥିଲା।

## ହନୁମାନ ଚାଳିଶା ପାଠ କରି ଜନ୍ମଦିନ ପାଳିଲେ



**ରାଜକନିକା,୧୭।୨ (ସଂଚାର ବ୍ୟୁରୋ):** ଜନ୍ମଦିନକୁ ସରସ ସୁନ୍ଦର କରିବା ନିମନ୍ତେ କେତେ କାହିଁ ପ୍ରକାର ଆଜିର ଯୁବପିଢ଼ି ମନାଉଛନ୍ତି।କେକ୍ କାଟି ସେଲିବ୍ରେଶନ କରି ଅଜସ୍ର ଟଙ୍କା ଉଡାଉଛନ୍ତି।ହେଲେ ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ଜଣେ ସଚେତନ ନାଗରିକ ସଞ୍ଜିବ୍ କୁମାର ନାୟକ କିନ୍ତୁ ତାଙ୍କର ୪୭ତମ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସଞ୍ଜିବ୍ ଙ୍କ ଶୁଭ ଜନ୍ମଦିନରେ ଦେଉଳସାହିସ୍ଥିତ ହନୁମାନ ପିଠରେ ଶହ ଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମସ୍ତ ନିତିକାନ୍ତି ଅନୁସାରେ ପୂଜାପାଠ, ଭଜନକିର୍ତ୍ତନ ସହିତ ଦୀର୍ଘ ସମୟ ଧରି ହନୁମାନ ଚାଳିସା ପାଠ କରା ଯାଇ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ ଏଥିରେ ଦେଉଳସାହି, ପାଟୁଳି, ବଳରାମପୁର, ଛଦେଶ, ଦେଓଗାଁ, ଓଳାଭର, ସାତଘରିଆ ପ୍ରମୁଖ ଗାଁର ନାଗରିକ ଯୋଗଦେଇ ହନୁମାନ ଚାଳିଶା ଶ୍ରବଣ କରି ନିଜକୁ ଧନ୍ୟ ମନେ କରିଥିଲେ।ଏହା ସହିତ ପ୍ରସାଦ ସେବନ, ଲଡୁ ଭୋଗ ବଣ୍ଟନ କରା ଯାଇଥିଲା। ଗ୍ରାମର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସହିତ ରକ୍ଷଣାବେକ୍ଷଣ କରିବା ନିମନ୍ତେ ବି ଶପଥ ନେଇଥିଲେ। ସଞ୍ଜିବ୍ ଙ୍କ ଏଭଳି ଜନ୍ମଦିନ ପାଳନକୁ ନେଇ ବେଶ୍ ପ୍ରଶଂସା କରାଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ଉପସଭାପତି ତଥା ଆଳି କନିକାର ଜଣାଶୁଣା ନେତା କୃଷ୍ଣଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡା ଜିଲ୍ଲା ଏସ୍ ସି ମୋର୍ଚ୍ଚାର ଉପସଭାପତି ତଥା ପେଗରପଡା ସମିତି ସଭ୍ୟ ପ୍ରବେଶନ ମଲିକ, ପ୍ରଭାତ ପୃଷ୍ଟି, ଅଭିନାଶ ବେହୁରା, ବିଶ୍ୱଭାନୁ ବିଶ୍ୱାଳ, ସାମ୍ବାଦିକ ସୁଶାନ୍ତ ନାୟକ, ସତ୍ୟପ୍ରକାଶ ଜଗତି, ଶୁଭ୍ରଜିତ୍ ସାମଲ, ପ୍ରକାଶ ନାୟକ, ଅଧର ବେହୁରାଙ୍କ ସହ ବହୁ ନେତା ଯୋଗ ଦେଇଥିଲେ।

## ଅଲ୍ ଇଣ୍ଡିଆ ରାମଧୂନ କପ୍ ଫୁଟବଲ୍‌ରେ କଟକ ମଙ୍ଗଳା କ୍ଲବ୍ ବିଜୟୀ ହୋଇ ପ୍ରଥମ ସେମି ଫାଇନାଲକୁ ପ୍ରବେଶ



**ସୁବର୍ଣ୍ଣପୁର,୧୬।୨ (ସଂଚାର ବ୍ୟୁରୋ):** ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ ତମ ସର୍ବ ଭାରତୀୟ ରାମଧୂନ୍ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ଦିବସରେ ମଙ୍ଗଳା କ୍ଲବ କଟକ ଓ ବରଗଡ଼ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଡିଏସପି ରେଣୁକା ସୁନା ଯୋଗ ଦେଇ ଆଜିର ଖେଳକୁ ଉଦଘାଟନ କରି ଖେଳାଳି ମାନଙ୍କ ସହ ପରିଚୟ ପ୍ରଦାନ କରିଥିଲେ ଓ ଭବ୍ୟ ଆୟୋଜନ ସହ ଉଚ୍ଚ କୋଟୀର ଖେଳ କୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମଙ୍ଗଳା କ୍ଲବ କଟକ ଦଳର ଫ୍ରାଞ୍ଚାଇଜ୍ ଫିଟନେସ ଏମ୍ପାୟାର ର ପ୍ରୋପାଇଟର ଦିନେଶ ଦୟାଲ, ଓ ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳ ର ଫ୍ରାଞ୍ଚାଇଜ୍ ରାମଜୀ ଗ୍ୟାରେଜ ର ପ୍ରୋପାଇଟର ସୁବ୍ରତ ଦାଶ, ଭେଟରାନ୍ ଫୁଟବଲର ପୁରୋଷୋତ୍ତମ ପାଣିଗ୍ରାହୀ, ଶଙ୍କର୍ଷଣ ପଟ୍ଟନାୟକ, ବାବୁଲା ବେବର୍ତ୍ତା, ଗଣେଶ ରାମ ମେହେର, ନରସିଂହ ରାଓ, ସନତ ହୋତା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ଗୋବିନ୍ଦ ମହାରଣା ଯୋଗ ଦେଇ ଖେଳାଳୀ ଆୟୋଜକ ଙ୍କୁ ଉତ୍ସାହିତ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ମୁଖ୍ୟ ରେଫରି ଭାବେ ଜିତୁ ପାତ୍ର, ସହଯୋଗୀ ରେଫରୀ ଭାବେ ଦେବାଶିଷ ବାଗ, ସଂଜନ କୁଦେଇ, ଫୋର୍ଥ ରେଫରି ଭାବେ ସଂଜୀବ ସାହୁ, ଓ ମ୍ୟାଚ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନା ରେ ସହଯୋଗ କରିଥିଲେ ।

## ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ସହାୟକ ଉପକରଣ ବଣ୍ଟନ



**ଯାଜପୁର ରୋଡ଼, ୧୭।୨ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ର ଏକ ପ୍ରୟାସ 'ସବଳ' ପକ୍ଷରୁ ଦାନଗଦୀ ବ୍ଲକର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ବୃହତ ସହାୟକ ଉପକରଣ ବଣ୍ଟନ ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ତ୍ରିଜଙ୍ଗାଠାରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଫେବୃଆରୀ ୨୦, ୨୦୨୬ ରେ ସମାପ୍ତ ହେବ, ଯେଉଁଥିରେ ମୋଟ ୩୨୨ ଜଣ ହିତାଧିକାରୀ ଉପକୃତ ହେବେ। ଏହି ୩୨୨ ଜଣ ହିତାଧିକାରୀଙ୍କ ମଧ୍ୟରେ ୨୭୫ ଜଣ ବରିଷ୍ଠ ନାଗରିକ (୬୦ ବର୍ଷରୁ ଉର୍ଦ୍ଧ୍ୱ) ଏବଂ ୪୭ ଜଣ ଦିବ୍ୟାଙ୍ଗ ଅନ୍ତର୍ଭୁକ୍ତ। ସେମାନଙ୍କୁ ଭାରତ ସରକାରଙ୍କ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା (ଆରଭିୱାଇ) ଏବଂ ଆସିଷ୍ଟାନ୍ସ ଟୁ ଡିସଏବୁଲଡ୍ ପର୍ସନ୍ସ (ଏଡିଆଇପି) ଯୋଜନା ଅଧୀନରେ ୪୨ଲକ୍ଷ ୪୨ ହଜାର ୬୬୪ ଟଙ୍କା ମୂଲ୍ୟର ସହାୟକ ଉପକରଣ ପ୍ରଦାନ କରାଯିବ। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଅଧୀନରେ ଥିବା ଆର୍ଟିଫିସିଆଲ୍ ଲିମ୍ବସ୍ ମାନୁଫ୍ୟାକଚରିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏଏଲଆଇଏମସିଓ) ସହିତ ମିଳିତ ଭାବେ 'ସବଳ - ପିଏମଡିକେ' (ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଯାଇଛି। ପ୍ରକୃତ ହିତାଧିକାରୀମାନଙ୍କ ନିକଟରେ ସେବା ପହଞ୍ଚାଇବା ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ସରପଞ୍ଚମାନଙ୍କ ସକ୍ରିୟ ସହଯୋଗରେ ଦାନଗଦୀ ବ୍ଲକରେ ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମ ଦିନରେ, ତ୍ରିଜଙ୍ଗା ପଞ୍ଚାୟତ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତ୍ରିଜଙ୍ଗା ସରପଞ୍ଚ କାଗଜୀ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ହେମାଞ୍ଜଳି ପତି ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ୧୦୦ ଜଣ ହିତାଧିକାରୀଙ୍କୁ ୨୧ଟି ମୋଟରାଇଜଡ୍ ଟ୍ରାଇସାଇକେଲ ଏବଂ ୩ଟି ହୁଇଲ ଚେୟାର ସମେତ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଛି।

## ବାବା ମୁକ୍ତେଶ୍ୱରାୟ ମହାଦେବଙ୍କ ପ୍ରଥମ ବାର୍ଷିକ ଉତ୍ସବ

**ବେତନଟୀ,୧୭।୨ (ସଂଚାର ବ୍ୟୁରୋ):** ବେତନଟୀ ବଙ୍ଗଳାଛକ ଠାରେ ଥିବା ବାବା ମୁକ୍ତେଶ୍ୱରାୟ ମହାଦେବଙ୍କ ପ୍ରଥମ ବାର୍ଷିକ ଉତ୍ସବ ବହୁ ଧୁମ ଧାମରେ ପାଳିତ ହୋଇ ଯାଇଛି। ଏଥିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତେ ଯୋଗଦାନ କରି ମହାଦେବଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ। ମନ୍ଦିର କମିଟିର ଅନୁପ କୁମାର ଦଣ୍ଡପାଟ, ମାନସ ରଞ୍ଜନ ନାଥ, ପ୍ରଦୀପ କୁମାର ମହାପାତ୍ର, କ୍ଷିତିଶ ଚନ୍ଦ୍ର ମହାନ୍ତ, କେଶବ ନାଥ, କରନ ନାଥ, ପ୍ରଦୀପ ନାଥ, ଜଗଦିଶ ବେହେରା, ଗୌରବ ନାଥ, ସିପୁନ ନାଥ, ବୁବୁନ ନାଥ, ମନୋଜ କୁମାର ପଣ୍ଡା, ହେମନ୍ତ ମହାନ୍ତ, ବିଟୁ ନାଥ, ଲିକୁ ନାଥ, କୁନାଲ ନାଥ, ଉତ୍ତମ ନାଥ, ଦୀପୁ ନାଥ, ଦିବ୍ୟ ବ୍ରତ ଦାଶ, ପ୍ରିୟବ୍ରତ ଦାଶ, ଶୁଭମ ଜେନା, ସୁବାସ ଚନ୍ଦ୍ର ଦାଶ, ଦୁର୍ଗାଚରଣ ନାଥ, ଲକ୍ଷ୍ମୀଧର ନାଥ, ପ୍ରବୀର କୁମାର ବାରିକ, ଅମରଜିତ ବେହେରା ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆନନ୍ଦପୁର,୧୭।୨ (ସଂଚାର ବ୍ୟୁରୋ):** ଆନନ୍ଦପୁର ମହାବିଦ୍ୟାଳୟର ୬୨ ତମ ବାର୍ଷିକ ଉତ୍ସବ କୁ ମହାବିଦ୍ୟାଳୟ ପରିଚାଳନା ପରିଷଦ ର ସଭାପତି ତଥା ଆନନ୍ଦପୁର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ନୀଳ ମାଧବ ସୁନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଉପଖଣ୍ଡ ର ପୋଲିସ ଅଧିକାରୀ ଶ୍ରୀଯୁକ୍ତ କମଳା କାନ୍ତ ପଣ୍ଡା, ମୁଖ୍ୟ ବକ୍ତା ଭାବେ ବ୍ରହ୍ମଚାରୀ ସଂଗ୍ରାମ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ସିନେ ତାରକା ଧାରା ଶ୍ରାବଣୀ ମହାପାତ୍ର ଯୋଗଦେଇ ଛାତ୍ର ଛାତ୍ରୀ ମାନେ ପାଠ ପଢ଼ି ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଅଧାପକ କାହ୍ନୁ ଚରଣ ଜେନା ସଂଯୋଜନା କରିଥିବା ବେଳେ ଅଧାପିକା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବ ପ୍ରଥମେ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧାପକ ରଞ୍ଜନ ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମହାବିଦ୍ୟାଳୟ ର ମୁଖ ପତ୍ର ଶାଶ୍ୱତ କୁ ଉନ୍ମୋଚନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗମ ଅର୍କେଷ୍ଟ୍ରା ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା। ଏନ୍ ସିସି ଅଫିସର ରଘୁ ଦିପ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତ କାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ



**ବାଲିପାଟଣା,୧୭।୨ (ସଂଚାର ବ୍ୟୁରୋ):** ମାତା ପିତା ହେଉଛନ୍ତି ମନୁଷ୍ୟ ଜୀବନର ପ୍ରଥମ ଗୁରୁ।ପିତା ମାତା ଙ୍କ ଆଶୀର୍ବାଦ ରେ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ।ଏହି ତଥ୍ୟ କୁ ପାଥେୟ କରି ଆଜି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଏକ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ସୂଚନା ଅନୁଯାୟୀ ବର୍ତ୍ତମାନ ର ସମାଜ ପାଶ୍ଚାତ୍ୟ ପରମ୍ପରା ପ୍ରତି ଆକର୍ଷିତ ହୋଇ ଘରୋଇ ପରମ୍ପରାକୁ ଅଣଦେଖା କରୁଥିବା ସମୟରେ ଭୁବନେଶ୍ୱର୍ ଖଣ୍ଡଗିରି ସ୍ଥିତ ତପୋବନ ଆଶ୍ରମ ତରଫରୁ ସମାଜ ସଂସ୍କାର କ୍ଷେତ୍ରରେ ଏପରି ଏକ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ରେ ଆୟୋଜନ କରାଯାଉଛି।ଏହିକ୍ରମରେ ଆଶ୍ରମ ର କର୍ମକର୍ତ୍ତା ମାନେ ଆଜି ବିଦ୍ୟାଳୟରେ ପହଞ୍ଚି ଛାତ୍ର ଛାତ୍ରୀ ମାନଙ୍କୁ ଅହିଂସା ଆଚରଣ କରିବା ସହିତ ପିତାମାତା ମାନଙ୍କର ଭୂମିକା ଏବଂ ସେମାନଙ୍କ ପ୍ରତି ପିଲାମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ପିତା ମାତା ମାନେ କିପରି ବିଭିନ୍ନ କଷ୍ଟ ସହ୍ୟ କରି ନିଜର ସନ୍ତାନ କୁ ସମସ୍ତ ସୁଖ ପ୍ରଦାନ କରିବା ପାଇଁ ନିଜ ଜୀବନ କୁ ଉତ୍ସର୍ଗ କରିଥାନ୍ତି ସେ ସମ୍ପର୍କରେ ଛାତ୍ରଛାତ୍ରୀ ଙ୍କ ମନରେ ଜାଗରଣ ସୃଷ୍ଟି କରିଥିଲେ। ପରେ ପିଲାମାନେ ଉପସ୍ଥିତ ଅଭିଭାବକ ଏବଂ ଗୁରୁଜୀ ଗୁରୁମା ମାନଙ୍କୁ ଆରାଧନା କରିବାପରେ ଗୁରୁଜୀ ଗୁରୁମା ଓ ଅଭିଭାବକ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## କୁଲଡିହା ରେଞ୍ଜରଙ୍କ ବିରୋଧରେ କ୍ରାଇମ ବ୍ରାଞ୍ଚ ବିଭାଗୀୟ ତଦନ୍ତ ଦାବୀ

**ନୀଳଗିରି,୧୭।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଅବସ୍ଥାପିତ କୁଲଡିହା ହାତୀ ଆଭୟାରଣ୍ୟ ଭାରପ୍ରାପ୍ତରେଞ୍ଜର ତଥା ଏ.ସି.ଏଫ୍ ସୁବ୍ରତ ବେହେରାଙ୍କ ବିରୋଦ୍ଧରେ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ଓ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନୀଳଗିରି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦାବି କରିବା ସହିତ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଜଙ୍ଗଲ ପରିବେଶ ମାନ୍ୟବର ମନ୍ତ୍ରୀ ଗଣେଶ ଲାଲ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ, ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକ, ମାନ୍ୟବର ଜଙ୍ଗଲ ବିଭାଗର ପ୍ରମୁଖ ସଚିବ, ପିସିସିଏଫ, ଆରସିସିଏଫ, ବାଲେଶ୍ୱର ଜିଲ୍ଲାପାଳ ଙ୍କୁ ଚିଠି ଲେଖିଥିବା ଜଣା ପଡ଼ିଛି। ବାଲେଶ୍ୱର ଜିଲ୍ଲା ଅଧୀନ ନୀଳଗିରି ସବ୍-ଭିଜନ୍ ଯାହାକି ଏକ ଗଡ଼ଜାତ ଅଞ୍ଚଳ ଅଟେ। ଏହି ଗଡ଼ଜାତ ଅଞ୍ଚଳରେ କୁଲଡିହା ହାତୀ ସେଞ୍ଚୁରୀ ବାଲେଶ୍ୱର ଜିଲ୍ଲା କାହିଁକି ସମଗ୍ର ଓଡ଼ିଶାର ଏକ ପ୍ରସିଦ୍ଧ ହାତୀ ସେଞ୍ଚୁରୀ ଅଟେ। ଏଠାରେ ଭାରପ୍ରାପ୍ତରେଞ୍ଜର ତଥା.ସି.ଏଫ୍. ସୁବ୍ରତ ବେହେରା ନୀଳଗିରି ସ୍ଥିତ ତାଙ୍କ ଅଫିସ୍‌ରେ ବହୁ ସମୟରେ ନରହି ଭୁବନେଶ୍ୱରେ ମିଟିଂ ଅଛି କହି ନିଜ ଘରକୁ ପଳାଇ ଯାଉଛନ୍ତି। କୁଲଡ଼ିହା ବନାଞ୍ଚଳକୁ ଅଧିକାଂଶ ସମୟରେ ଯାଆନ୍ତି ନାହିଁ। କୁଲଡିହା ଜଙ୍ଗଲ ମଧ୍ୟରେ ଥିବା ବାଲେଶ୍ୱର ଜିଲ୍ଲାର ଏକମାତ୍ର ଜଙ୍ଗଲ ଭିତିକ ଇକୋ-ଟୁରିଜିମ୍ ସେଣ୍ଟର ରକ୍ଷଣାବେକ୍ଷଣର ବ୍ୟବସ୍ଥା ନକରି ଏହାକୁ ରିପ୍ୟାରିଂ ଆଳ ଦେଖାଇ ଦାୟିତ୍ୱ ତୁଟାଇବା ଆଳରେ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି।

## ଶାଶୁଙ୍କ ମୃତ୍ୟୁ ପରେ ଆଖି ବୁଜିଲେ ବୋହୂ



**ନୀଳଗିରି,୧୭।୨ (ସଂଚାର ବ୍ୟୁରୋ):** ନୀଳଗିରି ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶାଶୁଙ୍କ ମୃତ୍ୟୁ ପରେ ବୋହୂ ଜଣକ ଡାକ୍ତରଖାନା ଶଯ୍ୟାରେ ଆଖିବୁଜିବା ଘଟଣା ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ ନୀଳଗିରି ଏନ୍ଏସି ଅନ୍ତର୍ଗତ୨ନଂ ୱାର୍ଡ ଅଧୀନ ଘାଟଘରସାହି ଅଞ୍ଚଳର ଧର୍ମପ୍ରାଣା ଉତ୍ତରା ଜେମାଦେବୀ(୮୮)ଙ୍କ ରକ୍ତହୀନତା ପାଇଁ ତାଙ୍କୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୀର୍ଘ ଦିନ ଧରି ସେ ସେଠାରେ ଚିକିତ୍ସା ହେଉଥିବା ବେଳେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ଦେଖାଶୁଣା କରୁଥିଲେ। ଗତ ରବିବାର ରାତି ପ୍ରାୟ ୧୦ଟାରେ ଶାଶୁଙ୍କର ଦେହାନ୍ତ ହୋଇଥିଲା। ସେପଟେ ପ୍ରତିଦିନ ଡାକ୍ତରଖାନାରେ ଶାଶୁଙ୍କ ସେବା କରୁଥିବା ବୋହୂ ଜଣକ ଏହି ଦୁଃଖଦ ଖବର ଶୁଣି ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଅନ୍ୟଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଛି।

## ବ୍ୟାକରଣ ବିଭାଗର ଆଲୋଚନା ଚକ୍ର

**ବାଲିଆପାଳ,୧୬।୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଏକ ଦିବସୀୟ ବ୍ୟାକରଣ ଆଲୋଚନା ଚକ୍ର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶଙ୍କର୍ଷଣ ପଣ୍ଡା, ମୁଖ୍ୟ ବକ୍ତା ଅଧାପକ ସଦାନନ୍ଦ ଦୀକ୍ଷିତ, ସମୀର କୁମାର ନନ୍ଦ, ସିନ୍ଧେଶ୍ୱର ପତି, କଲେଜ ପ୍ରତିଷ୍ଠାତା ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବ୍ୟାକରଣ ବିଭାଗର କର୍ମକାରମ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଅଧାପକ ଲକ୍ଷ୍ମୀକାନ୍ତ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ କୃଷ୍ଣାନନ୍ଦ ପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଅଧାପକ ବନମାଳୀ ପରିଡା, ଚନ୍ଦନ କୁମାର ନନ୍ଦ ସମ୍ବିତ କୁମାର ପ୍ରଧାନ, ଅଧାପିକା ସୋରଜିନି ପରିଡା, ସବିତା ସାହୁ, ବୁଦ୍ଧିମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଅଧାପକ ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଏନଟିପିସି ଦର୍ଲିପାଲିରେ ଉତ୍ସାହ ଓ ସାମୁହିକ ମନୋଭାବ ସହିତ ପ୍ରତିଷ୍ଠା ଦିବସ ପାଳିତ



**ସୁନ୍ଦରଗଡ଼,୧୭।୨ (ସଂଚାର ବ୍ୟୁରୋ):** ଏନଟିପିସି ଦର୍ଲିପାଲି ୧୩ତମ ପ୍ରତିଷ୍ଠା ଦିବସ ୨୦୨୬ ବହୁତ ଉତ୍ସାହ ଏବଂ ଆନନ୍ଦର ସହିତ ପାଳନ କରିଛି। କର୍ମଚାରୀ, ସହଯୋଗୀ, ସିଆଇଏସଏଫ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଉତ୍ସବ ପ୍ରାତଃ କାଳରେ ଧଉଳିଗିରି ଅତିଥି ଭବନରୁ ଏକ ସ୍ପନ୍ଦନଶୀଳ ପ୍ରଭାତ ଫେରି ସହିତ ଆରମ୍ଭ ହୋଇଥିଲା। ଶୋଭାଯାତ୍ରା ସମୟରେ ଏକ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା, ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା, ଯାହା ପରିବେଶଗତ ସ୍ଥିରତା ଏବଂ ସବୁଜ ପଦକ୍ଷେପ ପ୍ରତି ଷ୍ଟେସନର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲା। ପ୍ରଶାସନିକ ଭବନରେ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ ଯୋଗଦାନ କରି ଏନଟିପିସି ପତାକା ଉତ୍ତୋଳନ, ଏନଟିପିସି ଗୀତ ପରିବେଷଣ ଏବଂ ଏକ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର କରିଥିଲେ। ସମାବେଶକୁ ସମ୍ବୋଧିତ କରି ସେ କର୍ମଚାରୀ ଏବଂ ଅଂଶୀଦାରଙ୍କ ସାମୂହିକ ପ୍ରୟାସକୁ ପ୍ରଶଂସା, ଷ୍ଟେସନର ସଫଳତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସାମୁହିକ ସମ୍ପୃକ୍ତି ଉପରେ ନିରନ୍ତର ଧ୍ୟାନ ଉପରେ ଆଲୋକପାତ କରିଥିଲେ।

## ନୂତନ ୱାର୍ଡ ଗଠନ — ଏନଏସିରେ ରହିଲା ୧୪ଟି ୱାର୍ଡ



**ବୋରିଗୁମ୍ମା,୧୬।୨ (ସଂଚାର ବ୍ୟୁରୋ):** ନୂତନ ଏସ୍ଏସିର ୱାର୍ଡ ଗଠନକୁ ନେଇ ବୋରିଗୁମ୍ମା ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ଏବେ ସବୁ ରାଜନୈତିକ ଦଳ ମଧ୍ୟରେ ଅଙ୍କ କଷାକଷି ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷିତ ନବ ଗଠିତ ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାଚନ ପାଇଁ ବିଗୁଲ୍ ବାଜିବା ପରେ ରାଜନୀତି ବିଶେଷଜ୍ଞଙ୍କ ମହଲରେ ଆକଳନ ଆରମ୍ଭ ହୋଇଯାଇଛି। ପ୍ରଥମ କରି ବୋରିଗୁମ୍ମା ବ୍ଲକର ସଦର ପଞ୍ଚାୟତ ସମେତ ଏକଟା ଅମ୍ବାଗୁଡା, ବାରଙ୍ଗଗୁଡା, ନୂଆଗୁଡା ଗ୍ରାମକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଘୋଷଣା ହୋଇଥିବା ବେଳେ ଏହାର ସୀମା ନିର୍ଦ୍ଧାରଣ କରାଯାଇଛି। ମୋଟ ୧୪୫୩୮ ଜନସଂଖ୍ୟାକୁ ନେଇ ପ୍ରଥମ କରି ଚଉଦ (୧୪)ଟି କାଉନ୍‌ସିଲ ଗଠନ ପାଇଁ କୋରାପୁଟ ଜିଲ୍ଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ନଂ୧୭୩/ ୧୨/୨/୨୬ ତାରିଖରେ ଘୋଷଣା କରାଯାଇଥିବା ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ମ୍ୟୁନିସିପାଲଟି ଆକ୍ଟ- ୧୯୫୦, ଓଡ଼ିଶା ଆକ୍ଟ ଧାରଣାଙ୍କ ୨୩/୧୯୫୦, ନିୟମାବଳୀ ୧୯୯୪ ଅଧିନିୟମ(୧)ନିୟମ ୨- ଆଧାରରେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସିଟ୍ ଓ ୱାର୍ଡ ପୁନର୍ଗଠନ ଅନୁଯାୟୀ ଜିଲ୍ଲାପାଳ ୧୪ଟି ୱାର୍ଡ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ସୀମା ସମ୍ପର୍କର ଘୋଷଣା କରିଥିବା ବେଳେ ଏ ସମ୍ପର୍କରେ ବିଜ୍ଞପ୍ତି ଜାରିକରି ଜନସାଧାରଣଙ୍କ ଅଭିଯୋଗ ଆହ୍ୱାନ କରିଛନ୍ତି। ଏହି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜନ ସଂଖ୍ୟା ୧୪୫୩୮ ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪ଟି ୱାର୍ଡ ଘୋଷଣା ମଧ୍ୟରୁ ୧ନମ୍ବର ୱାର୍ଡ ଅନୁସୂଚୀତ ଜନଜାତି (ମହିଳା) ପାଇଁ ସଂଗ୍ରକ୍ଷିତ ରହିଥିବା ବେଳେ ୨ ନମ୍ବର ୱାର୍ଡ ଅନୁସୂଚୀତ ଜନଜାତି, ୩ନମ୍ବର ୱାର୍ଡ ଅଣ ସଂରକ୍ଷିତ, ୪ନମ୍ବର ୱାର୍ଡ ଅନୁସୂଚୀତ ଜାତି (ମହିଳା), ୫ନମ୍ବର ୱାର୍ଡ ଅନୁସୂଚିତ ଜନଜାତି, ୬ନଂ. ୱାର୍ଡ ଅଣ ସଂରକ୍ଷିତ, ୭ନଂ. ଅଣସଂରକ୍ଷିତ (ମହିଳା) ୮ଓ ୧୧ ନମ୍ବର ୱାର୍ଡ ଅଣ ସଂରକ୍ଷିତ, ୯, ୧୦ ଓ ୧୪.ନମ୍ବର ୱାର୍ଡ ଅଣ ସଂରକ୍ଷିତ(ମହିଳା) ଥିବାବେଳେ ୧୨ ନଂ ୱାର୍ଡ ଅନୁସୂଚୀତ ଜନଜାତି(ମହିଳା)ଙ୍କ ପାଇଁ ସଂଗ୍ରକ୍ଷିତ ରହିଥିବା ବେଳେ ୧୩ ନମ୍ବର ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ବର୍ଗ ରହିଛି। ସୀମା ନିର୍ଦ୍ଧାରଣ ଓ ୱାର୍ଡ ଗଠନ ସମ୍ପର୍କରେ ଯଦି କୌଣସି ଅଭିଯୋଗ ଥାଏ, ତେବେ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ପ୍ରଶାସନର ଦୃଷ୍ଟିକୁ ଆଣିବା ପାଇଁ ନିର୍ଦ୍ଦେଶ ରହିଛି। ଏହାପରେ କୌଣସି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ବୋଲି ଚିଠିରେ ସ୍ପଷ୍ଟ ଉଲ୍ଲେଖ ରହିଛି।